ଲଳିତା ମନେ ମନେ କମ୍ରେଡ୍ ବିନୋଦକୁ ସମ୍ମାନ କରନ୍ତି ତାର ନେତୃତ୍ୱ ଓ ମାର୍କ୍ସବାଦରେ ପାଣ୍ଡିତ୍ୟ ଲାଗି । ବିନୋଦ କଥା କଥାରେ ମାର୍କ୍ସ କ'ଣ କହିଥିଲେ, ଡଗ ଡଗ କରି ଆବୃତ୍ତି କରିଯାଇପାରେ । ଥରେ ବିନୋଦ ଗୋଟିଏ ଝିଅର ପ୍ରେମରେ ପଡ଼ିଥିଲା । ଝିଅଟି ମଧ୍ୟ ବିନୋଦର ପ୍ରଣୟର ପ୍ରତିଦାନ ଦେଇଥିଲା ଯଥେଷ୍ଟ । ଗାନ୍ଧର୍ବ ମତରେ ବିବାହ ପ୍ରାୟ ସରିଥିଲା । କିନ୍ତୁ କନ୍ୟାପିତା ଅମିଶ୍ରିତ ବୁର୍ଜୋୟା । କନ୍ୟାର ବର ବରଣ ଶୁଣି ସ୍ପଷ୍ଟ ଭାବରେ ସେ ଉଭୟଙ୍କୁ ଜଣାଇ ଦେଲେ, 'ଜାମାତା ପଛେ ନଦିଆର ଚୈତନ୍ୟଙ୍କର ତିଳକ କାଟିଲେ ସେ ସହ୍ୟ କରିପାରିବେ, କିନ୍ତୁ ଦା' ହାତୁଡ଼ିର ତିଳକ··· ଅସହ୍ୟ ।'

ବିନୋଦ ନିରାଶ ହୋଇ ଫେରିଲା । ନୈରାଶ୍ୟ କିନ୍ତୁ ବ୍ୟର୍ଥ ପ୍ରଣୟ ଲାଗି ନୁହେଁ । ଲୀଳା ପରି ଜଣେ ଝିଅ ପାର୍ଟିରେ ଯୋଗ

ଦେଇଥିଲେ କମ୍ୟୁନିଜମ୍‌ର ଉତ୍ତରୋତ୍ତର ଉନ୍ନତି ହୋଇଥାନ୍ତା ! ତଥାପି ଆଜି ପର୍ଯ୍ୟନ୍ତ ବି ବିନୋଦ ଲୀଳା ପାଖକୁ ପାର୍ଟି ବୁଲେଟିନ୍ ପଠାଇବାରେ ତ୍ରୁଟି କରେନାହିଁ । ଜଣେ ଅଧେ ବନ୍ଧୁ ଯେତେବେଳେ ବିନୋଦର ଏ ବ୍ୟର୍ଥପ୍ରଣୟ ନେଇ ଉପହାସ କଲେ, ବିନୋଦ କହିଲା—"ମାର୍କ୍ସ କହିଛନ୍ତି, "Nothing is being, everything is becoming." ଅର୍ଥାତ୍ 'କେହି ସ୍ଥିର ଗତିହୀନ ନୁହେଁ, ପ୍ରେମର ମଧ୍ୟ ଗୋଟାଏ ଗତି ଅଛି । ଡାୟଲକ୍‌ଟ୍‌ସରେ ପ୍ରେମର ଗତି ଯଦି ବ୍ୟର୍ଥପ୍ରେମ ହୁଏ, ସେଥିରେ ଦୁଃଖ କରିବାର କଅଣ ଅଛି ?'

ରମୁ ଆଜି କପେ କଫି ଆଣିଲା । ଲଳିତା ଉଠିଯାଇଁ ବାଳିକା-ସୁଲଭ ଚପଳତାରେ ନିଦ୍ରିତ ବିନୋଦର କପାଳ ଉପରେ ଆଙ୍ଗୁଠିରେ ଟିପା ମାରିଲେ ।

ବିନୋଦ ଆଖି ମଳିମଳି ଖବରକାଗଜ ଗଦା ଉପରେ ଉଠି ବସିଲା ।

ଲଳିତା ପଚାରିଲେ—"କପେ କଫି ଚଳିବ କମ୍ରେଡ୍ ?"

ବିନୋଦର ଆଖିରେ-ମୁହଁରେ ଫୁଟିଉଠିଲା, ଅପ୍ରତ୍ୟାଶିତର ପ୍ରାପ୍ତିରେ ଆନନ୍ଦର ଦୀପ୍ତି ।

ବିନୋଦ କହିଲା—"ଧନ୍ୟବାଦ କମ୍ରେଡ୍ !"

ତା'ପରେ ଦୁହେଁ ଆସି ବସିଲେ ସେଇ ଟେବୁଲ ପାଖରେ । ଲଳିତା କଫି କପ୍‌ଟା ଓଠ ପାଖକୁ ଉଠାଇ ନେଲେ । ଦୁହେଁ ନୀରବରେ କଫି ପିଉଥାନ୍ତି ।

ବାହାରେ ଶୁକ୍ଳତିଥି ଚନ୍ଦ୍ରର ସେଇ କଳରୋଳ । ରାସ୍ତା ସେପାଖର ସେଇ ଉଠେଇ ପଡ଼େଇ ଅପନ୍ତରା ।

ଚଥୁରିଆ ପଡ଼ିଆ, ତା'ର ଭିତରୁ କୋଉଠୁ ଭାସି ଆସୁଥିଲା କାହାର ବଂଶୀରେ ନାଗେଶ୍ୱରୀ ରାଗର ଲହରିଆ ମାତାଲ ଆଳାପ ।

ବିନୋଦ ପଚାରିଲା--"କାଲି ପାଇଁ ବୁଲେଟିନ୍‌ଟା ପ୍ରେସକୁ ଯାଇ ସାରିଲାଣି କମ୍ରେଡ୍ ଲଳିତା ?"

ଲଳିତା ମନେ ମନେ ଗୋଟାଏ କବିତାର କଥା ଭାବୁଥିଲା—'ହେ ଚନ୍ଦ୍ର ! ଆଜି ତମ ଓ ମୋ ଭିତରେ ସହସ୍ର ସହସ୍ର ଯୋଜନର ବ୍ୟବଧାନ ଦୂର ହୋଇ ଯାଇଛି । ତମେ ଆସିଛ ଆଜି ନବୀନ ନଟବର ବେଶରେ, ଅଭିସାରର ପ୍ରଣୟୀ ସାଜି ମୋର ବାତାୟନ ପାଖକୁ । ହେ ସୁନ୍ଦର ! ହେ କାନ୍ତ ! ଗାଢ଼ ଆଶ୍ଳେଷରେ ଆଲିଙ୍ଗନ କର ମୋତେ !'

ବିନୋଦ କହିଲା—"କାଲି ସନ୍ଧ୍ୟାବେଳେ ଗୋଟାଏ ବିରାଟ ସଭା ପାଇଁ ଆୟୋଜନ ହେଉଛି । ମିଲ୍ ଏରିଆର ଅନ୍ୟାନ୍ୟ ମିଲ୍‌ଗୁଡ଼ିକର ସବୁ ଶ୍ରମିକ ମଧ୍ୟ ଆମର ଧର୍ମଘଟରେ ଯୋଗ ଦେଉଛନ୍ତି କାଲିଠାରୁ । ତମର ବୁଲେଟିନ୍‌ଟା ସେଥିପାଇଁ ବ୍ରିଲିଆଣ୍ଟ୍ ପରି ତୀକ୍ଷ୍ଣ ହେବା ଉଚିତ । ଗୋଟାଏ ଗୀତ ରଚନା କରିପାରିଲେ ଭଲ ହୁଅନ୍ତା ସଭା ଆରମ୍ଭରେ କୋରସ୍ ଗାଇବା ପାଇଁ ।"

ଲଳିତା କୌତୁକମିଶ୍ରିତ କଣ୍ଠରେ ପଚାରିଲା—"କେମିତି ଗୀତ କୁହ ତ !"

ବିନୋଦ କହିଲା—"ଏଇ ଏମିତି ହେଲେ ଚଳିବ—

ବାଂଝ ମାଟିରେ
ଫଳାଇଲୁ ଆମେ
ସୁନାର ଫସଲ—ସୁନେଲି ଫସଲ..."

ଲଳିତା ଅଟ୍ଟହାସ କରି ଉଠିଲେ ।

ବିନୋଦ ଅପ୍ରତିଭ କଣ୍ଠରେ ପଚାରିଲା—"ହସିଲ ଯେ !"
ଲଳିତା ସଂକ୍ଷେପରେ ଜବାବ ଦେଲେ—"ନା !"

ପକେଟରୁ ଖଣ୍ଡେ ସିଗାରେଟ୍ କାଢ଼ି ବିନୋଦ ସେଥିରେ ନିଆଁ ଧରାଇଲା ।

ଲଳିତା କ୍ଳାନ୍ତ ଓ ଅବସାଦରେ ଚାହିଁଲା ମାର୍କ୍ସଙ୍କ ଛବି ଆଡ଼େ । 'ହାୟ ମାର୍କ୍ସ ! ତମର "Economical Interpretation of History" (ଇତିହାସରେ ଅର୍ଥନୈତିକ ସୂତ୍ର) ମଣିଷକୁ କରିଛି ଘୁଷୁରି, ଜୀବନ ଯାହାର ଖାଲି "ରୋଟିକା ସବାଲ ।" ମଣିଷର ବଞ୍ଚିବାର ଏକମାତ୍ର ଲକ୍ଷ୍ୟ ତମେ ଆଣି ଦେଇଚ, ଖାଲି ପେଟ ଭରି ଗିଳିବା । ମଣିଷର ଆଖିରେ ରୁଟିକୁ କରିଚ ତମେ ଏଇ ଚନ୍ଦ୍ରଠାରୁ ବଳି ଆହୁରି ଲୋଭନୀୟ । ପ୍ରାଚୁର୍ଯ୍ୟକୁ କରିଚ ତମେ ଜୀବନର ଲକ୍ଷ୍ୟ । କିନ୍ତୁ ପ୍ରାଚୁର୍ଯ୍ୟ ପରେ ଅଛି ଯେଉଁ ବୃହତ୍ତର ଲକ୍ଷ୍ୟ, ତାର ସନ୍ଧାନ ଦେଇନା ତମେ !'

ବିନୋଦ ଜଳା ସିଗାରେଟ୍‌ଟା ଝରକା ବାଟେ ବାହାରକୁ ଫିଙ୍ଗିଦେଇ ଗମ୍ଭୀର କଣ୍ଠରେ କହିଲା—"ମୁଁ କେତେଦିନ ହେଲା ଲକ୍ଷ୍ୟ କରି ଦେଖୁଚି, ତମେ କିପରି ପଳାୟନବାଦୀ ହୋଇଯାଉଛ କମ୍ରେଡ୍ ! ଫ୍ରଏଡ୍ ଏ ପଳାୟନବାଦକୁ କହନ୍ତି, 'ମୃତ୍ୟୁର ପ୍ରବୃତ୍ତି' (Death Instinct)—ବୌଦ୍ଧ ଦର୍ଶନରେ "ଅଭିଦାନ" । ବିରାଟ ଶୂନ୍ୟତା ଦେହରେ ଏଇ ସତ୍ତା ବିଲୋପର ପ୍ରବୃତ୍ତି ଗୋଟାଏ ମାନସିକ ଦୁର୍ବଳତା, ଗୋଟାଏ ବୁର୍ଜୋୟା ବିଳାସ, ଗୋଟାଏ ଆଧ୍ୟାତ୍ମିକ ଜଡତା—ଏରିକ୍ ଫ୍ରୋମ୍‌ଙ୍କ ଭାଷାରେ 'ସ୍ୱାଧୀନତାର ସନ୍ତ୍ରାସ ।'

ଲଳିତା ମନେମନେ ବିରକ୍ତ ହୋଇ ଉଠିଲେ । ଗ୍ରନ୍ଥକୀଟ ଏଇ ଆତ୍ମସ୍ୱାତନ୍ତ୍ର୍ୟହୀନ କଲର ମଣିଷମାନଙ୍କୁ ଲଳିତା ଆଦୌ ସହ୍ୟ କରି ପାରନ୍ତି ନାହିଁ । ମାର୍କ୍ସ କ'ଣ କହିଲେ, ଫ୍ରଏଡ୍‌ଙ୍କ ମତ କ'ଣ, ଫ୍ରୋମ୍ କେଉଁଠି କ'ଣ କହିଛନ୍ତି; ତାହା ହିଁ ଯେପରି ଜୀବନର ଚରମ ଓ ପରମ । ସେଥିରୁ ଯାହାକିଛି ବାହାରେ, ସବୁ ଅବାନ୍ତର, ସବୁ ଦୁର୍ବଳତା, ସବୁ ବୁର୍ଜୋୟା-ବିଳାସ ।

ଲଳିତା କହିଲେ—"ସେ ସବୁ ବହୁତ ଶୁଣିଛି କମ୍ରେଡ୍ ! ବରଂ ବୁଲିଯିବ ବାହାରକୁ । ଚମତ୍କାର ଜହ୍ନ ପଡ଼ିଚି ।"

ଅନ୍ୟ ଦିନ ହୋଇଥିଲେ ବିନୋଦ ଲଳିତାର ଏ ପ୍ରସ୍ତାବକୁ Counter Revolutionary 'ବୁର୍ଜୋୟା ବିଳାସ' କହି, ଲଳିତାକୁ ହୁଏତ ଲେନିନ୍‌ଙ୍କର Insurrection tactices ବା 'ଷଡ଼ଯନ୍ତ୍ରୀ ବିପ୍ଳବ'ର ଗୂଢ଼ତଥ୍ୟ ସବୁ ବୁଝାଇଥାନ୍ତା । ଆଜି କିନ୍ତୁ ସାରାଦିନର ପରିଶ୍ରମ ଓ କ୍ଳାନ୍ତି ପରେ ସେ ଚାହୁଁଥିଲା ବାହାରର ଜ୍ୟୋତ୍ସ୍ନା, ଶୀତଳତା ଓ ଶାନ୍ତି !

ବିନୋଦ କହିଲା—"ଚାଲ ।"

ଚାଲି ଚାଲି ବିନୋଦ ଆଉ ଲଳିତା ବହୁ ଦୂର ଚାଲି ଆସି-ଥିଲେ । ସହର ଆଉ ଆଖିରେ ପଡୁ ନ ଥିଲା । ଯୁଆଡ଼େ ଆଖି ଯାଏ, ସେଆଡ଼େ ଖାଲି ସେଇ ଉଠେଇ ପଡ଼େଇ ପଡ଼ିଆର କ୍ରମାଗତ ବିସ୍ତାର, ଜ୍ୟୋତ୍ସ୍ନାର ଝିଆଲି ଚପଳତା !

ବିନୋଦ ଆଉ ଲଳିତା ଦୁହେଁ ଗୋଟାଏ ଟାଲୁ ଜାଗା ଉପରେ ବସିପଡ଼ିଲେ । ବେଳେ ବେଳେ ବିନୋଦ ପାଟିରୁ ମାର୍କ୍ସ କେବେ କ'ଣ



ଏଙ୍ଗେଲସଙ୍କ ପାଖକୁ ଚିଠି ଲେଖିଥିଲେ, ସେଇସବୁ ଖଇ ଫୁଟିଲା ଭଳି ଫୁଟି ଉଠୁଥିଲା ।

ଲଳିତା କୌତୁକରେ ପଚାରିଲା—"ଆଚ୍ଛା ମାର୍କ୍ସ କେଉଁଠି ଏ ଜହ୍ନରାତି ବିଷୟରେ କିଛି କହିନାହାନ୍ତି ?"

ବିନୋଦ ସେଇ ପ୍ରଶ୍ନର ଉତ୍ତର ଭାବୁଥିଲା, ଏତିକିବେଳେ ଜ୍ୟୋତ୍ସ୍ନାର ସେଇ ସମୁଦ୍ର ଭିତରୁ ଦୂରରୁ, ବହୁତ ଦୂରରୁ ଶୁଭିଲା କାହାର ବଂଶୀର ଲହରିଆ ସୁର । ବଂଶୀର ସେଇ ସୁର ଯେପରି ମିଶି ଏକ ହୋଇ ଯାଇଥିଲା ଏଇ ଉଠେଇ ପଡ଼େଇ ଅପନ୍ତରା ପଡ଼ିଆ, ଏଇ ଶାନ୍ତ-ସ୍ତବ୍ଧ ରାତି ଓ ଏହି ଜ୍ୟୋତ୍ସ୍ନାର ଚଞ୍ଚଳ ଚପଳତା ସହିତ । ଲୀଳା ଓ ବିନୋଦ ମନ୍ତ୍ରମୁଗ୍ଧ ପରି ଶୁଣୁଥିଲେ ବଂଶୀର ସେଇ ଆଳାପ ।

କିଛି ସମୟ ପରେ ଦୁଇଟି ଛାୟା ଆସି ସେମାନଙ୍କଠାରୁ ଦୂରରେ ଆଉ ଗୋଟାଏ ସ୍ଥାନରେ ବସି ପଡ଼ିଲେ । ବଂଶୀର ସେ ଆଳାପର ବିରାମ ନ ଥିଲା । ପ୍ରାଣର ଗିରିନଦୀ ଯେପରି କୂଳ ଲଙ୍ଘି ମିଶିଯିବାକୁ ଚାହୁଁଥିଲା ଜ୍ୟୋତ୍ସ୍ନାର ସମୁଦ୍ର ସହିତ ।

ଲଳିତା ଓ ବିନୋଦ ଉଭୟଙ୍କର ମନେ ମନେ ଅଦମ୍ୟ କୌତୁହଳ ସେ ଦୁଇ ଜଣଙ୍କୁ ଦେଖିବା ପାଇଁ ।

ଦୁହେଁ ଉଠିଲେ ।

କ୍ରମେ ନିକଟବର୍ତ୍ତୀ ହେବାରୁ ବଂଶୀର ଆଳାପ ବନ୍ଦ ହୋଇଗଲା । ଲଳିତା ଓ ବିନୋଦ ପାଖକୁ ଆସି ଚିହ୍ନିଲେ—ସେ ଦୁଇଜଣ ନସୁନା ଆଉ କାଜରୀ । ଯେଉଁ ମିଲ୍‌ରେ ଧର୍ମଘଟ ହୋଇଛି, ସେଇ ମିଲ୍‌ର ଶ୍ରମିକ ସେମାନେ । ଛୋଟନାଗପୁରୀ !

ଧର୍ମଘଟ ପାଇଁ ମଜୁରି ବନ୍ଦ୍ । ରାତି ହୁଏତ ଭୋକ ଉପାସରେ କଟିବ । ତଥାପି ପ୍ରାଣର ପ୍ରାଚୁର୍ଯ୍ୟରେ ସେମାନେ ପରିପୂର୍ଣ୍ଣ ।

ଲଳିତା କହିଲା—"ତମେ ଚମତ୍କାର ବଂଶୀ ବଜାଇ ପାର ତ ନସୁନା !"

ନସୁନା ଛତିଶଗଡ଼ୀ ବୋଲିରେ ଜବାବ ଦେଲା—"ହଁ ଦିଦି । ଆମ ମୁଲକରେ ଜହ୍ନ ଉଠିଲେ ଆମେ ଏମିତି ଜଙ୍ଗଲ ପାହାଡ଼ରେ ବୁଲି ବାହାରୁ !"

ରାତ୍ର ଅନେକ ହୋଇଛି । ଲଳିତା ଆଉ ବିନୋଦ ପୁଣି ଅଫିସ୍ ଅଡ଼େ ଫେରିଲେ ।

ଲଳିତା ମନେମନେ ଭାବୁଥିଲା, 'ମାର୍କସବାଦର ଅପୂର୍ଣ୍ଣତା ତ ଏଇଠି ! ଜୀବନ କେବଳ ଉତ୍ପାଦନ ଆଉ ବଣ୍ଟନ ନୁହେଁ ! ତୃଷ୍ଣ ମନୁଷ୍ୟ ଆଉ ପୂରାପେଟ ଜୀବନର ପ୍ରୟୋଜନୀୟତା ହୋଇପାରେ; କିନ୍ତୁ ଜୀବନର ଲକ୍ଷ୍ୟ ନୁହେଁ । ତା' ହେଲେ ଜ୍ୟୋତ୍ସ୍ନାର ଏ ବିଳାସ, ପ୍ରକୃତିର ଏ ଆନନ୍ଦମୟ ପୂର୍ଣ୍ଣତା କାହା ପାଇଁ ? ବଞ୍ଚିବାଠାରୁ ଜୀବନ ଯେ ଆହୁରି ସୁନ୍ଦର !'

ବଞ୍ଚିବାର କୋଳାହଳ ଓ ସଂଗ୍ରାମ ଭିତରେ ମାର୍କସବାଦ ଭୁଲିଯାଇଛି କିନ୍ତୁ ଜୀବନର ସୌନ୍ଦର୍ଯ୍ୟ !

ଲଳିତା କହିଲା—"ବେଶ୍ ଅନ୍ଧକାର ଦୁଇଜଣ ।"

ବିନୋଦ ଚମକି ପଡ଼ି ଚାହିଁଲା ଲଳିତା ଆଡ଼େ । ତାହା ପ୍ରାଣର କେଉଁ ରୁଦ୍ଧଦ୍ୱାରରେ କିଏ ଯେପରି ମୃଦୁ ଅଥଚ ଦୃଢ଼ ଆଘାତ କଲା । ନୟନାର ବଂଶୀ ପୁଣି ବାଜି ଉଠିଲା । କାଳଣିର କବକ୍ଷରେ ହେନାର ଗନ୍ଧ ସେପର୍ଯ୍ୟନ୍ତ ଯେମିତି ମିଶି ମିଶି ରହିଥିଲା ରାତିର ପବନରେ ।

ବିନୋଦ ତଳୁ ଆଖି ଉଠାଇ ଚାହିଁଲା ଲଳିତା ଆଡ଼େ ।

ଜ୍ୟୋତ୍ସ୍ନାସ୍ନାତା ଲଳିତାର ଅଙ୍ଗେଅଙ୍ଗେ ଅନୁପମ ମାଧୁରୀ ! ପର ମୁହୂର୍ତ୍ତରେ ତାର ମନେ ହେଲା, ଏ ସବୁ କେବଳ ନିର୍ଜଳା ବୁର୍ଜୋୟା ଭାବପ୍ରବଣତା !

ଲଳିତା ଓ ବିନୋଦ ଦୁହେଁ ଫେରୁଥାନ୍ତି ସେଇ ଉଠେଇ ପଡ଼େଇ ରାସ୍ତାରେ ।

ପାର୍ଟି ଅଫିସ ଏଇ ଦେଖାଯାଉଛି ।

ଲଳିତାକୁ ଫେରି ଯାଇଁ ପୁଣି ବର୍ତ୍ତମାନ ବୁଲେଟିନ୍ ଲେଖିବା ପାଇଁ ପଡ଼ିବ ! କ୍ଳାନ୍ତି ଓ ବିରକ୍ତିରେ ଲଳିତାର ଦେହ ଓ ମନ ବିଷାକ୍ତ ହୋଇ ଉଠିଲା ।

ନୟନାର ବଂଶୀର ଆଓ୍ୱାଜ୍ ରାତିର ନିଃଶବ୍ଦତା ଓ ନିର୍ଜନତା ଭିତରେ ଶୁଭୁଥିଲା ଅସ୍ପଷ୍ଟ ହୋଇ ।

ଲଳିତାର ମନେ ହେଲା, ମାର୍କସବାଦର ଅପୂର୍ଣ୍ଣତା ପୁଣି ବଞ୍ଚିବାର ମାଳିନ୍ୟ ଏବଂ ସଂଗ୍ରାମ ପ୍ରତି ଶୁଭ୍ର-ଶାଶ୍ୱତ ଜୀବନର ଏ ଯେପରି ଏକ ସୁତୀବ୍ର ଆହ୍ୱାନ !

## ।। ଅଣ୍ଡର୍‌ଗ୍ରାଉଣ୍ଡ ।।

ନନ୍‌ସେନ୍‌ସ···ଶ୍ୟାମଳ ବାଁ ପାଦର କାବୁଲୀ ସାଣ୍ଡାଲ୍‌ଟା କାଢ଼ି ରାସ୍ତା ଉପରୁ ଗୋଟାଏ ଟେଙ୍ଗୁଟୀ ପଥରରେ ଜୋତା ଭିତରେ ଗୋଟାଏ କଣ୍ଟା ଦୁଇ ତିନଥର ପିଟିଲା···ଗୋଇଠିରୁ କେଇ ପରସ୍ତ ଚମ କଟି-ଗଲାଣି ସେ କଣ୍ଟା ମୁନରେ···ନନ୍‌ସେନ୍‌ସ···ଶ୍ୟାମଳ ହିଂସ୍ର ଭାବରେ ଆଉ କେଇ ପାହାର କଣ୍ଟା ଉପରେ ବାଡ଼ାଇ ଟେଙ୍ଗୁଟାଟା ରାସ୍ତା କଡ଼କୁ ଫିଙ୍ଗିଦେଲା ।

···ଡିସେମ୍ବରର ଗୋଧୂଳି ।। ବାହୁର ଆଲିଙ୍ଗନ ଭିତରେ ପ୍ରଥମାର ବିହ୍ୱଳ ଚନ୍ଦ୍ରାଲୁର ଆଖିପତା ପରି··· ନନ୍‌ସେନ୍‌ସ···ପୁଣି ସେଇ କଣ୍ଟା···ମୁନିଆଁ କଣ୍ଟା···

ସହରର ଶେଷରେ ଧୂଳିଆ ରାସ୍ତା···ବସ୍ତୀ ଅଞ୍ଚଳ···ଛଡ଼ା ଛଡ଼ା ହୋଇ କୁଲି ବସ୍ତୀ, ମେହେନ୍ତର ବସ୍ତୀ, କେତେ ବସ୍ତୀ । ମଝିରେ ମଝିରେ ଝୁମ୍ପୁ ଝୁମ୍ପୁକିଆ ଜଙ୍ଗଲ, ଭଙ୍ଗା କାନ୍ଥ, ବର୍ଷା ଭୁଷୁଡ଼ା କାନ୍ଥ, ଫିଟା ଚୁଲି, ଛିଣ ଓଲଟ ଚୁଲି···କାଳିଆ କଟି କଟି ଲଙ୍ଗଳା ଧୂଳିଧୂସର ଛୁଆ···ଭଉ ଭଉ ହିଂସ୍ର କୁକୁର···ହାଉ ହାଉ କଜିଆ···ତଳେ ଧୂଳିଆ ବସ୍ତୀ ରାସ୍ତା, କୁତ୍ସିତ ଆବର୍ଜନାପୂର୍ଣ୍ଣ ବସ୍ତୀ—ଉପରେ ଡିସେମ୍ବର ଗୋଧୂଳିର କୋମଳ ଆକାଶ, ବ୍ୟଗ୍ର ବାହୁର ଆଲିଙ୍ଗନ ଭିତରେ ପ୍ରଥମାର ବିହ୍ୱଳ ଚନ୍ଦ୍ରାଲୁର ଆଖିପତା ପରି ଡିସେମ୍ବରର ଗୋଧୂଳି··· ପୁଣି କଣ୍ଟା···ଜୋତା ଭିତରର ମୁନିଆ କଣ୍ଟା···ଆଗ ଚ୍ଛ' ଦୋକାନରେ କୌଣସି ମତେ ଘୋଷେଇ ଘୋଷେଇ ପହଞ୍ଚି ପାରିଲେ ରକ୍ଷା···ଆଗରେ ଗୋଟାଏ ଭଙ୍ଗା କୋଠା···କେବକାର ଶିଉଳିବସା ଫଟାକାନ୍ଥରେ

ଓସ୍ତ ଭୁଷଭଙ୍ଗା କାନ୍ଥ—ପୋଷ୍ଟର, ସିନେମା ପୋଷ୍ଟର, ରାଜନୈତିକ ପୋଷ୍ଟର, ଔଷଧ ପୋଷ୍ଟର, ଫୁଟବଲ ମ୍ୟାଚ୍ ପୋଷ୍ଟର···ପୋଷ୍ଟରର ଆବରଣ ତଳେ ପାଚେରୀର କାନ୍ଥ ଅଦୃଶ୍ୟ । "ଏକନମ୍ବର ନେତା ଆସୁଛନ୍ତି ।" "ଦୁଇ ନମ୍ବର ନେତାଙ୍କର ସ୍ମାରକ ଜୟନ୍ତୀ ।" ସିନେମାରେ ଦଲକା ରାଣୀ···ମଇଦାନ୍‌ରେ କ୍ରିକେଟ ମ୍ୟାଚ୍··· କଣ୍ଡୁ ଦାବାନଳ···ଅସଲି ଚଉଷଠିଗୁଣା ତେଲ···ଇନକ୍ଲାବ ଜିନ୍ଦାବାଦ୍···" "ମୁଲିଆ ରାଜ ଜିନ୍ଦାବାଦ···" "ଏକନମ୍ବର ସରକାର ମୁର୍ଦ୍ଦାବାଦ···" ଶ୍ୟାମଳର ଦେହ ଉତ୍ତେଜନାରେ ଶୀତେଇ ଉଠିଲା । ମୁନିଆଁ କଣ୍ଠାର ସଫେଣା ନାହିଁ ଆଉ···"ଏକନମ୍ବର ସରକାର ମୁର୍ଦ୍ଦାବାଦ···" ସୁନ୍ଦର ଗୋଲ ଗୋଲ ଅକ୍ଷର, ବହଳ ନାଲି ସ୍ୟାହିରେ ଲେଖା···ଲଳିତାର ହସ୍ତାକ୍ଷର ! ଲଳିତା ପରି ବର୍ତ୍ତୁଳ, ମସୃଣ ସୁନ୍ଦର ସନ୍ଧ୍ୟାର ଅମିଳିତ-ଚକ୍ଷୁ ଆକାଶ···ବୃଦ୍ଧ ଅଭ୍ରଫେନସେବୀ, ଚନ୍ଦ୍ରାଚ୍ଛନ୍ନ ଆକାଶ ।

ମ୍ୟୁନିସିପାଲିଟିର ବତିବାଲା କାନ୍ଧରେ ଗୋଟାଏ ଶିଢ଼ି କାନ୍ଧେଇ ଚାଲିଗଲା । ପଛରେ କେତେଟା ବତି ମିଞ୍ଜି ମିଞ୍ଜି ଜଳି ଉଠିଲାଣି । ବସ୍ତିର ଚା' ଦୋକାନ । ମୁଣ୍ଡରେ ମଙ୍କିକ୍ୟାପ୍, ଦେହରେ ଗଳାବନ୍ଧ ଛିଣ୍ଡାକୋଟ, ପରିଧାନରେ ଗାରଟଣା ଲୁଙ୍ଗି, ମୁହଁ ଭଲ କରି ଦିଶୁନାହିଁ···ଚା' ଦୋକାନୀ ବସମିଲ୍ଲା । ବସ୍‌ମିଲ୍ଲାର ଅରକ୍ଷ ବାପ ମା' ଛେଉଣ୍ଡ ଭଣଜା ଇନାତୁଲ୍ଲା ଗୋଟାଏ ପାଣି ବାଲ୍‌ଟି ଭିତରେ ଅଇଁଠା ଚା' କପ୍‌ଗୁଡ଼ା ଧୋଉଛି । ଓଠରେ ଖଣ୍ଡେ ବିଡ଼ି ଆଉ ତା ସାଙ୍ଗରେ ସିନେମା ଗୀତ··ମେରେ ବୁଲ୍ ବୁଲ୍ ଶୋରହା ହେ ! ସଲାମ୍ ବାବୁ··· ବସ୍ ମିଲ୍ଲାର ଅଭିନନ୍ଦନ "ଏକ୍ କପ୍ ଚା' ।" ବସ୍‌ମିଲ୍ଲା ଧୂଆଁଳିଆ ଲଣ୍ଠନର କଳା କାଚ ପୋଛୁ ପୋଛୁ ଇନାତୁଲ୍ଲାକୁ ଆଦେଶ ଦେଲା, "ଏକ କପ୍ ଚା'···ଚା', ଇସ୍‌ପେସାଲ ଚା' ।"

ଆଗ ମେହେନ୍ତର ବସ୍ତିର କିଏ ଜଣେ ମେହେନ୍ତର କାମରୁ ଫେରୁଛି ହୁଏତ ! ଦେହରେ ଖାକି କୋଟ, ଛିଣ୍ଡା ପାଇଜାମା, ମୁଣ୍ଡରେ ଟେକା, ଓଠରେ ପିକା, କାଖରେ ପହଁରା···କମ୍ରେଡ୍ । "ଚା ମୁହାଏ··· କଡ଼ା ଚା' ।" ବସ୍‌ମିଲ୍ଲାର ହୁକୁମ ଆସିଲା—"ଆବେ ଇନାତୁଲ୍ଲା !"



ଇନାତୁଲ୍ଲା ଇସ୍‌ପେସାଲ ଚା' ବନାଉଛି ! କମ୍ରେଡ୍ ଦୋକାନ ତଳରୁ ବାହାର କଲେ ଏକ ସିଗାରେଟ ଟିଣ···ଇନାତୁଲ୍ଲା ସେଥିରେ ଚା' ଢାଳିଦେଲା । ମ୍ୟୁନିସିପାଲିଟି ବତିବାଲା ଦୋକାନ ସାମନା ବତି ଖୁଣ୍ଟରେ ଶିଢ଼ି ଲଗାଇ ବତି ଜଳାଉଛି । କାଲି ନଭେମ୍ବର ଦିବସ··· ଶହୀଦ୍ ଦିବସ । ସେ ବି ଦିନେ ହେବ ଶହୀଦ୍ ! ଦଧୀଚିର ଅସ୍ଥି ପରି ତାର ଅସ୍ଥିରେ ଗଢ଼ା ହେବ ଗଣ ଦେବତାଙ୍କର ପ୍ରଚଣ୍ଡ ବଜ୍ର । ନିଜ ପ୍ରତି ଶ୍ୟାମଳର ଭକ୍ତି ଜନ୍ମିଲା । ମ୍ୟୁନିସିପାଲିଟି ବତିବାଲା ପରି ଗଣ-ଦେବତା "ଗଣ"ର ଶିଢ଼ିରେ ଚଢ଼ିବେ ଉପରକୁ । ତାପରେ ଗଣଙ୍କ ମୁଣ୍ଡରେ ପାଦ ଲମ୍ବାଇ ଆଶୀର୍ବାଦ କରିବେ । ଆଶୀର୍ବାଦର ଧକ୍କାରେ ଗଣ ପଡ଼ିବେ ତଳେ···ଭଙ୍ଗା ଶିଢ଼ି । ପୁଣି ଆସିବେ ନୂଆ ଗଣଦେବତା କାନ୍ଧରେ ସେହି ଭଙ୍ଗା ଶିଢ଼ି ଉଠାଇ ।

ପୁରାତନ ପ୍ରସ୍ତର ଯୁଗର ଆରମ୍ଭରୁ ସୁଦ୍ଧା ଦୁଇଟି ବିଭାଗ··· ବଡ଼ଲୋକ, ଛୋଟଲୋକ । ସେ ଦୁଇଜଣଙ୍କ ମଝିରେ ମଝିମଝିଆ ଲୋକ । ମଝି ମଝିଆ ଲୋକର ଆକାଙ୍‌କ୍ଷା ବଡ଼ଲୋକ ହେବ । ଛୋଟ ଲୋକର ସ୍ୱପ୍ନ ଦୁନିଆଁ ହେବ ଛୋଟ ଲୋକର ଦୁନିଆଁ । ମଝି ମଝିଆ ଲୋକ ଛୋଟଲୋକର ଠିକାଦାରୀ ନେଇ, ପୁରୁଣା ବଡ଼ଲୋକକୁ ତଡ଼ି ହୁଏ ନୂଆ ବଡ଼ଲୋକ ! ପୁରୁଣା ମଝିଆଁ ଲୋକଙ୍କ ଜାଗାରେ ନୂଆ ମଝିଆଁ ଲୋକ ଆସି ଆରମ୍ଭ କରନ୍ତି ପୁରୁଣା ଠିକାଦାରୀ···ସବୁ ବିପ୍ଳବର ସିଦ୍ଧାନ୍ତିକ ଉପସଂହାର ! କିନ୍ତୁ ଆମର ବିପ୍ଳବ ସେ ସିଦ୍ଧାନ୍ତକୁ ମିଥ୍ୟା କରିଦେବ··· ଆମେ ଗଢ଼ିବୁ ନୂଆ ଦୁନିଆଁ···କିନ୍ତୁ ଆମେ କିଏ ? ବିପ୍ଳବର କୋଣାର୍କ ଗଢ଼ାରେ ଆମେ ତ ସବୁ ପଥରବୁହା କୁର୍ମି ! ନନ୍‌ସେନ୍‌ସ !

ପଶ୍ଚିମର ଆକାଶରେ ଦିନର ଚିତା···ଲାଲ୍ ଚିତା···। ଶ୍ୟାମଳ ପଇସା ଦେଇ ଉଠି ଆସିଲା । ଆଉ ଅଳ୍ପ ବାଟ, ତାପରେ ଝୁପୁଝୁପୁକିଆ ଜଙ୍ଗଲ । ଜଙ୍ଗଲ ଭିତରେ କାହାର କେବେକାର ପରିତ୍ୟକ୍ତ ଭଙ୍ଗା କୋଠା···ଭୂତ କୋଠୀ । ବ୍ରହ୍ମ ରାକ୍ଷସ ଅଛି । ଗାଈଆଳ ପିଲାଏ ସୁଦ୍ଧା ଦିନବେଳେ ଭୟ କରନ୍ତି ତାର ସୀମା ମାଡ଼ିବାକୁ···ଅଣ୍ଡରଗ୍ରାଉଣ୍ଡ, ବିପ୍ଳବର ପ୍ରସୂତିଶାଳା !

ଲଳିତା ଏଇ ସାନ୍ଧ୍ୟ ପ୍ରକୃତି ପରି । ଦୂର ଆଖିରେ ତାର ସ୍ୱପ୍ନର ମଦିରା, କୁଞ୍ଚିତ କବରୀରେ ତାର ରାତିର ତନ୍ଦ୍ରା ।···ଲଳିତା ! ଜୋଡ଼ାର କଣ୍ଟା ଧରି ଲଳିତାର କଥା ଭୁଲିଯାଏ ସ୍ମୃତିର କୋମଳ ପଦ୍ମ ।···ଲଳିତା କିନ୍ତୁ ଏତେ ସୁନ୍ଦରୀ କାହିଁକି ? ସୌନ୍ଦର୍ଯ୍ୟ ଗୋଟାଏ 'ସରପ୍ଲସ ଭାଲ୍ୟୁ' । ବଞ୍ଚିବାର ମୂଲ୍ୟ ଦେଇଁ ଦେଇଁ ସୌନ୍ଦର୍ଯ୍ୟର ସବୁ ସଞ୍ଚୟ ତ ଶେଷ ହୋଇଯିବା କଥା ! ତଥାପି ପାଖାପାଖି ଏ ତିରିଶି ବର୍ଷ ବୟସରେ ଲଳିତା ଏତେ ସୁନ୍ଦରୀ କାହିଁକି ? ବିନୋଦ, କମ୍ରେଡ୍ ବିନୋଦକୁ ଯଦି ଖୁନ୍ କରି ପାରନ୍ତା ! ହେଉନା ପଛେ ସେ ନେତା ! କାଲି ଶହୀଦ୍ ଦିବସ, ନଭେମ୍ବର ଦିବସ···ସେ ବି ଦିନେ ହେବ ଶହୀଦ୍ ! କିନ୍ତୁ ଲଳିତା ତାର ସମାଧି ଉପରେ କେବେ, କେଉଁ ଅଳସ ଗୋଧୂଳିରେ ରଖିବ କି ଅପରାଜିତାର ସ୍ତବକ ?

## ଦୁଇ

ମହମବତୀର ସ୍ନିଗ୍ଧ ଆଲୋକରେ କମ୍ରେଡ଼ ବିନୋଦ ପଢ଼ୁଛନ୍ତି ସେକ୍ସପିଅରଙ୍କ ନାଟକ—ଅଥେଲୋ । ଝରକା ବାହାରେ ଜଙ୍ଗଲ ଉପରେ ନଇଁ ଆସିଲାଣି ସନ୍ଧ୍ୟାର ଅନ୍ଧକାର । ବିଲୁଆ କେଇଟା ହୁକେ-ହୋ ଡାକି ଉଠିଲେ । ମାର୍କ୍ସୀୟ ଦୃଷ୍ଟିକୋଣରୁ ସେକ୍ସପିଅର ଟ୍ରାଜେଡ଼ୀର ସମାଲୋଚନା, ଅଣ୍ଡରଗ୍ରାଉଣ୍ଡର ପରିଗୁଲିଙ୍କ ବିନୋଦଙ୍କର ଏକ ନିଶା । ମୁହଁର ବାଁ ଫାଳିଟା ପୋଡ଼ି-ଯାଇଛି । ଥରେ ବୋମା ତିଆରି କରୁ କରୁ ସେ ଦୁର୍ଘଟଣା ଘଟିଥିଲା ଅନେକ ଦିନ ତଳେ । ସାମନା ପାଟିର ତିନିଟା ଘୁମୁଦାନ୍ତ ଭଙ୍ଗା । ଛଦ୍ମବେଶରେ ବୁଲିବା ପାଇଁ ସେ ଦାନ୍ତ ତିନିଟା ଭଙ୍ଗା ଯାଇଥିଲା । ଲଳିତା ତାଙ୍କର ସ୍ତ୍ରୀ । ବିନୋଦ ଉତ୍ତେଜିତ କଣ୍ଠରେ ପାଠ କରି ପଢ଼ୁଥିଲେ···

"Well do it and be brief, I will walk by
I would not kill thy unrepented spirit"

ଡେସ୍‌ଡିମୋନାକୁ ହତ୍ୟା କରିବା ବେଳର ସ୍ୱଗତୋକ୍ତି···



ଲଳିତା ହାତରେ ଗୋଟାଏ ବାମ୍ପଉଠା ଚା' କପ୍ ଧରି ଘର ଭିତରକୁ ପଶି ଆସୁଥିଲା । ବିନୋଦର ଉତ୍ତେଜିତ ଆବୃତ୍ତିରେ ଚା' କପ୍‌ଟା ହାତରୁ ଖସି ତଳେ ପଡ଼ି ଚୂନା ହୋଇଗଲା । ବିନୋଦ ହୋ ହୋ ହୋଇ ହସି ଉଠିଲେ । ଫାଳେ ପୋଡ଼ା ମୁହଁରେ ବ୍ରହ୍ମରାକ୍ଷସର ହସ ।

ଲଳିତା କହିଲା—"ତମକୁ କେତେବାର ମନା କରିଛି, ତମେ ଅଥେଲୋ ମୋ ଆଗରେ ଅନ୍ତତଃ ପଢ଼ିବ ନାହିଁ ବୋଲି । ଦିହ ମୋର ଶୀତେଇ ଉଠେ ।"

ବିନୋଦ କହିଲେ—"ଏକମାତ୍ର ଅଥେଲୋ ଚରିତ୍ରଟି ଲାଗି ସେକ୍ସ-ପିଅର ବିଶ୍ୱରେ ସ୍ମରଣୀୟ ହୋଇ ରହିଛନ୍ତି । ସମାଜରେ ପ୍ରତ୍ୟେକ ଇଣ୍ଟେଲେକ୍‌ଚୁଆଲ ଅଥେଲୋ ପରି ନିର୍ମମ, ଏକନିଷ୍ଠ ହେବା ଉଚିତ । ତା ହେଲେ ଯାଇଁ ଆମର ସ୍ୱପ୍ନ ସଫଳ ହେବ । ତମେ ହାମ୍‌ଲେଟର ପ୍ରଶଂସା କର ଏତେ । କିନ୍ତୁ ହାମ୍‌ଲେଟ ବୁର୍ଜୋୟାର ମାନସିକ ଦାରିଦ୍ର୍ୟ ଓ ସାଂସ୍କୃତିକ ଅପଭ୍ରଂଶର ଘୃଣ୍ୟ ପ୍ରତିମୂର୍ତ୍ତି···To be or not to be··· ମୋତେ କିନ୍ତୁ ଭଲ ଲାଗେ ରାତିର ଅନ୍ଧକାର, ନୋହିଲେ ବୈଶାଖ ମଧ୍ୟାହ୍ନର ରୌଦ୍ର । ମାତ୍ର ଘୃଣା କରେ ମୁଁ ପଶ୍ଚିମର ଦିଗ୍‌ବଳୟରେ ଏ ନୁହେଁ ଅନ୍ଧାର—ନୁହେଁ ଆଲୁଅ ! *

ବିନୋଦ ପୁଣି ପଢ଼ିଲେ—

"No Heaven for fend ! I would not kill thy
Soul, I would not kill thy unrepented
spirit."

ଲଳିତା ଚାଲିଗଲା ଆଉ କପେ ଚା' କରିବା ପାଇଁ । ଭିତରକୁ ପଶି ଆସିଲା ଶ୍ୟାମଲ । ବିନୋଦ ବହି ଉପରୁ ମୁହଁ ଉଠାଇ କହିଲେ···

"କାଲି ପାଇଁ ସବୁ ପ୍ରସ୍ତୁତ ତ ? କାଲି ହୁଏତ ଏକ ରକ୍ତସ୍ନାନର

* ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ ଚେକୋସ୍ଲୋଭାକିଆରେ ବିଶ୍ୱବିଖ୍ୟାତ ଇଂରାଜୀ ଚଳଚ୍ଚିତ୍ର "ହାମ୍‌ଲେଟ"କୁ ଏବେ ବାସନ୍ଦ କରାଯାଇଅଛି ।

—ଲେଖକ

ସମ୍ମୁଖୀନ ହେବା ପାଇଁ ନପାରେ । ଅନ୍ୟମାନେ ସେଥିପାଇଁ ତିଆର୍ ତ ?"

ଶ୍ୟାମଳ ସଂକ୍ଷେପରେ ଉତ୍ତର ଦେଲା—"ସମସ୍ତେ ପ୍ରସ୍ତୁତ । ସହରର ସବୁ ପ୍ରଧାନ ପ୍ରଧାନ ରାସ୍ତା ଦେଇ ଏକ ବିରାଟ ପଟୁଆର ବାହାର କରିବା ପାଇଁ ସବୁ ଉଦ୍ୟମ ହୋଇଛି । କିନ୍ତୁ ଅନୁମତି ପୁଲିସ-ଠାରୁ ମିଳିନାହିଁ ।"

ବିନୋଦ କହିଲେ—"ବେଶ୍ ତ ! ଗୁଳି ଚାଲିବ, ଲାଠି ଚାଲିବ । ପୁରୁଣା ନ ଭାଙ୍ଗିଲେ ନୂଆ ଗଢ଼ା ହେବ କିପରି ?"

ତା ପରେ ଲଳିତାଙ୍କ ଉଦ୍ଦେଶ୍ୟରେ ବିନୋଦ ବଡ଼ ପାଟି କରି କହିଲେ—"ଦୁଇ କପ୍ ଚା' !"

କିଛି ସମୟ ପରେ ଲଳିତା ଆସିଲା । ଦୁଇ ହାତରେ ତାର ଦୁଇ କପ୍ ଚା'...ସମୁଦ୍ର ମନ୍ଥନୋଦ୍ଭୂତା ଲକ୍ଷ୍ମୀ...ଗୋଟିଏ ହାତରେ ବିଷ...ଆଉ ଗୋଟିଏ ହାତରେ ଅମୃତ । ନା-ନା, ମୋତେ ବିଷ ଦିଅ, ଗରଳ ଦିଅ ଲକ୍ଷ୍ମୀ ! ଶ୍ୟାମଳ ଚଞ୍ଚଳ ହୋଇ ଉଠିଲା ।

ଓଠରେ ଚପା ହସ ଖେଳାଇ ଲଳିତା ପଚାରିଲେ—"କି କମ୍ରେଡ୍ ! କାଲି ତ ତମର ପରୀକ୍ଷା !"

ଶ୍ୟାମଳ କମ୍ପିତ ଥର ଥର ହାତରୁ ଚା' କପ୍‌ଟା ନେଇ ଓଠ ପାଖରେ ଧରିଲା !

'ତମେ ସେମିତି ହସ କାହିଁକି ଲଳିତା ? ଦୁଇ ପାଟଳ ଓଠରେ ସେ ଚପା ହସ ! ଦାର୍ଜିଲିଙ୍ଗ୍ ଚା'--ଚମତ୍କାର ଖୁସ୍‌ବୁ—ମୂର୍ତ୍ତିମନ୍ତ ପୁଞ୍ଜିବାଦ ତମେ ଲଳିତା—ଅକଳାନ୍ତ ସରପ୍ଲସ୍ ଭାଲ୍ୟୁ ଜମା ହୋଇ ରହିଛି ତମର ଦେହେ ଦେହେ । ତମର ଚମ୍ପକାଙ୍ଗୁଳି, ତମର ନାଲି ଟୁକୁଟୁକୁ ପାଟଳ ଓଠ, ତମର କୁଞ୍ଚିତ କବରୀ, ତମର ବଙ୍କିମ ଭ୍ରୂଲତା ! ବ୍ରାଉନିଂ କବିତାର ପ୍ରେମିକ ପରି, ତମକୁ ଆଲିଙ୍ଗନ ଭିତରେ ଯଦି ହତ୍ୟା କରି ପାରନ୍ତି ! ତମର ଶଙ୍ଖ ଧବଳ ଗ୍ରୀବା ଯଦି ମୋର ଅଙ୍ଗୁଳିର ଚାପରେ ନେଳ ହୋଇଯାନ୍ତା !'

ଗରମ ଚା' ଦେହରେ ଢାଳି ହୋଇଗଲା । ଲଳିତା କହିଲେ—"ତମେ ଆସ ଶ୍ୟାମଳ, ମୁଁ ଆଗରେ ଯାଉଛି ।" ଲଳିତାଙ୍କ ଓଠରେ



ସେଇ ଚପାହାସ । ଲଳିତା ଉଠିଗଲେ । ଶ୍ୟାମଳର ଚା' ସରିଗଲା । ବିନୋଦ କହିଲେ—"ତମେ ଯାଅ ଶ୍ୟାମଳ । କାଲି ପାଇଁ କମ୍ରେଡ୍ ଲଳିତା ତମକୁ କେତେକ ଉପଦେଶ ଦେବେ ।" ଶ୍ୟାମଳ ଉଠିଗଲା । କାଲି ନିଆଁର ହରଫରେ ଲେଖା ରହିବ ତାର ନାମ ବିପ୍ଳବର ଇତିହାସରେ । ବିଜୟୀ ଶ୍ୟାମଳର ଗଳାରେ ଲଳିତା ଲମ୍ବାଇ ଦେବ ସ୍ୱୟମ୍ବରର ମାଳା...ଅପରାଜିତାର ମାଳା ! ସେ ହେବ ସ୍ମରଣୀୟ, ସେ ହେବ ବରଣୀୟ, ସେ ହେବ ଶହୀଦ୍ !

ଭଙ୍ଗାକୋଠା ପଛରେ ଯେଉଁ ବେଦୀଟା, ବୁଢ଼ା ବରଗଛ ତଳେ । ବାଦୁଡ଼ିଗୁଡ଼ା ଚିଁ-ଚିଁ କରି ବରଫଳ ଖାଉଛନ୍ତି । ବେଦୀ ଉପରେ ଛଳ-ଚନ୍ଦ୍ରାଳୋକ ହୋଇଛି ବରପତ୍ରଛଣା ଜ୍ୟୋତ୍ସ୍ନାରେ । ଲଳିତାଙ୍କ ପାଖରେ ଶ୍ୟାମଳ ବସି ପଡ଼ିଲା । ପବନରେ କେଉଁଠୁ କି ଗୋଟାଏ ନାଁ ନଜଣା ଫୁଲର ଗନ୍ଧ । ଶ୍ୟାମଳ ଗୋଟାଏ ଗଦ୍ୟକବିତା କଥା ମନେ ମନେ ଭାବୁଥିଲା...ତଳର ପୃଥିବୀରେ ଆଜି ଛଳ ଚନ୍ଦ୍ରାଳୋକ ଜ୍ୟୋତ୍ସ୍ନା—ଅଣ୍ଡା ଫ୍ରାଇ ଉପରେ ଲୁଣ-ଗୋଲମରିଚ ଚୂନା ପରି । ଆସ ବଧୂ, ଆସ ପ୍ରିୟତମା—

ଲଳିତା ଶାଢ଼ୀ ଭିତରୁ ଦୁଇଟା ହାତବୋମା କାଢ଼ି କହିଲେ—"ସାବଧାନରେ ଏ ଦୁଇଟା ଲୁଚାଇ ରଖ କମ୍ରେଡ୍ । କାଲି ଦରକାରରେ ଆସିବ ।" ଶ୍ୟାମଳ ଥରଥର ହାତରେ ସେ ବୋମାଦୁଇଟା ଲୁଚାଇ ଦେଲା ।

ଲଳିତା ଉଠୁ ଉଠୁ କହିଲେ—"ତମେ ଆଉ ଡେରି ନ କରି ଚାଲିଯାଅ କମ୍ରେଡ୍ ! ବେଶୀ ଡେରି ହେଲେ ପୁଲିସ ହାବୁଡ଼ରେ ପଡ଼ିବା ଅସମ୍ଭବ ନୁହେଁ ।"

ଲଳିତା ଚାଲିଗଲେ ।

## ତିନି

ବେଆଇନ ଶୋଭାଯାତ୍ରା—ପୁଲିସର ଲାଠି ଚାର୍ଜ—ଦୁଇଟା ବୋମା ଫୁଟିଲା—ତା ପରେ ଗୁଳି ଚାର୍ଜ—ତା ପରେ ଆଉ କିଛି ଶ୍ୟାମଳର ମନେ ନାହିଁ । ଦେହରେ ୧୦୫ ଡିଗ୍ରୀ ଜର, ଦେହ ସାରା ବ୍ୟାଣ୍ଡେଜ୍ ବନ୍ଧା—କ୍ଲୋରୋଫର୍ମର ଗନ୍ଧ । ଉଃ ! ନିଃଶ୍ୱାସ ନେବାକୁ ଭୀଷଣ କଷ୍ଟ ! "ଆଃ—" ଶ୍ୟାମଳ ଚିତ୍କାର କରି ଉଠିଲା । ଜଣେ ସିଷ୍ଟର ଶ୍ୟାମଳର ବିଛଣା ପାଖକୁ ଧାଇଁ ଆସିଲା । "ଆଃ" ଆହତ ସରୀସୃପ ପରି ଶ୍ୟାମଳ କେଇଥର ମୋଡ଼ି ହୋଇଗଲା । "ମୁଁ ହେବି ଶହୀଦ୍—ବରଣୀୟ, ସ୍ମରଣୀୟ ।' କିନ୍ତୁ କାହିଁ ଲାଗିଲା ? ଶ୍ୟାମଳ ମରୁଛି ହାସ୍‌ପାତାଲରେ ଗୁଳିମାଡ଼ ଖାଇ । ଅଭିନୟ କରି ହେଉ ପଛେ, ତମର ସେ ନୀଳୋତ୍ପଳ ଆଖିରେ ଫୁଟାଇବ କି ଦୁଇବୁନ୍ଦା ଲୁହ । 'ଆଃ—' ଶ୍ୟାମଳର ବିକଟ ଚିତ୍କାରରେ ହସ୍‌ପିଟାଲ୍‌ଟା ଥରି ଉଠିଲା । ସିଷ୍ଟର ପୁଣି ଧାଇଁ ଆସିଲା ।

ତା'ପରେ ଧଳା ଚଦରଟା ଢାଙ୍କିଦେଲା ଶ୍ୟାମଳର ଶେତା, ପାଣ୍ଡୁର ମୁହଁ ଉପରେ !

●

## ॥ ବାଲି ॥

**ଜ୍ୟେଷ୍ଠ** ମାସର ସକାଳ । ଆକାଶରେ ମେଘ ଢାଙ୍କିଛି ଘୁଇ ଘୁଇ କରି, ତେଣୁ ଖରା ଜଣା ପଡ଼ୁନାହିଁ । ଆଉ ଟିକକୁ ମେଘ କଟିଯିବ । ମୁଣ୍ଡଫଟା ଖରା ତଳେ ସାମନାର ନଈବାଲିରେ ମୁଠାଏ ଧାନ ପକାଇ ଦେଲେ ସତେ ଯେମିତି ଖଇ ଫୁଟି ଉଠିବ !

ନର ପ୍ରଧାନ ଆସି ଠିଆ ହେଲା ନଈବନ୍ଧ ଉପରେ । ସାମନାରେ ଦୁଇ ତିନି ମାଇଲ ଧରି ପଡ଼ିଛି ଖରା ଦିନର ଶୁଖିଲା ନଈ, ମଲା ସାପ ପରି । ସକାଳର ଧୂଆଁଳିଆ କୁହୁଡ଼ି ଭେଦି ଦେଖା ଯାଉଛି ସେପାଖ ସହରର ବଡ଼ ବଡ଼ ଉଞ୍ଚା କୋଠା ଗୁଡ଼ାକ । ନଈ ଭିତରେ ଦଳ ଦଳ ହୋଇ ମଣିଷ ପମ୍ପୁଡ଼ି ଧାର ପରି ଚାଲିଛନ୍ତି ସେ ପାଖର ସହରଆଡ଼େ । ସାରାଦିନ ସେଠି ଖଟି ଖଟି, ସଞ୍ଜ ହେଲେ ପୁଣି ସେମାନେ ଫେରି ଆସିବେ ନଈ ଏ ପାଖର ଗାଁ ଗୁଡ଼ାକୁ । ଏମିତି ସବୁଦିନ ସକାଳ ସଞ୍ଜରେ ସେମାନଙ୍କର ଯିବା ଆସିବା ଲାଗିଥାଏ । ନର ପଧାନ ସେଇମାନଙ୍କ ଭିତରୁ ଜଣେ ।

ମେଘ ଢାଙ୍କିଛି ବୋଲି ଦିନ ଜଣା ପଡ଼ୁନାହିଁ ଭଲ ହୋଇ । ତେବେ ବେଳ ଅନେକ ହୋଇଗଲାଣି । ସାମନାର ବାଲି ପାରି ହୋଇ ସେ ପାଖକୁ ଯାଉଁ ଯାଉଁ କଅଁଳ ଗାଧୁଆବେଳ ହୋଇଯିବ । ପଛର କାଚ କାରଖାନା ଚିମଣିରୁ ମୋଟା କଳା ଧୂଆଁ ବାହାରୁଛି ମୋଡ଼ି ମୋଡ଼ି ହୋଇ ।

ନର ପଧାନ ତରତର ହୋଇ ବନ୍ଧ ତଳକୁ ଗଡ଼ି ଆସିଲା ।

ନର ପଧାନର ବୟସ ଆସି ପଚାଶ ଟପିଲାଣି । ଦିହ ହାତରୁ ଜୋର ଖସି ଆସିଛି । ଆଜିକାଲି ସାମାନ୍ୟ ପରିଶ୍ରମ କଲେ ମୁଣ୍ଡ କେମିତି

ବୁଲେଇ ଦିଏ, ଦେଖିବାରୁ ଯେମିତି ଜୀବ ଛୁଟିଯାଏ । ତଥାପି ସକାଳଠୁଁ ସଞ୍ଜ ପର୍ଯ୍ୟନ୍ତ ହାଡ଼ଭଙ୍ଗା ଖଟଣି ଖଟିବା ପାଇଁ ପଡ଼େ ତାକୁ । ନୋହିଲେ ସଂସାର ଚଳେନା । ଘରେ ଗୋଟିଏ ବିଧବା ଝିଅ । ବାଇଶି ବର୍ଷର ପୁଅ—ଯିଏ ଆଜି ବଞ୍ଚିଥିଲେ ଏ ବୁଢ଼ାଦିନେ ପୋଷୁଥାନ୍ତା ତାକୁ, ସାପକାମୁଡ଼ାରେ ଆଜକୁ ଦି'ବର୍ଷ ହେଲା ମଲାଣି । ତା' ଆଗରୁ ପଧାନ ବୁଢ଼ୀର କାଳ ହୋଇ ଯାଇଥିଲା । ଜମି ହୋଇ ମାଣେ ଗୁଣ୍ଠେ ନାହିଁ, ଯାହାକୁ ଚଷି-ଭାଗି ଦୁଇଟା ଜୀବନ ଚଳନ୍ତା । ଏଣୁ ବାଧ୍ୟ ହୋଇ ନର ପଧାନକୁ ସବୁଦିନେ ସକାଳେ ଯିବା ପାଇଁ ପଡ଼େ ସେପାଖର ସହରକୁ ମଜୁରି ପାଇଁ । ବୟସ ଆସି ଅନେକ ହେଲାଣି, ତଥାପି ଅନେକ କାମ କରିପାରେ ସେ । ମୋଟ ବୁହେ, ଛାତ ଉପରେ ଗୋଡ଼ ବାଡ଼ାଏ, ରାସ୍ତାରେ କଙ୍କି ପିଟେ—କିନ୍ତୁ ଧରିବନ୍ଧା ନାହିଁ ତାର ।

ବିନା ପ୍ରତିବାଦରେ ସେ ମାନି ନେଇଛି ବଞ୍ଚିବାର ନିର୍ମମ ମୂଲ୍ୟ । ଜୀବନରେ ପ୍ରତିଟି ମୁହୂର୍ତ୍ତ ବଞ୍ଚିବା ପାଇଁ ସେ ଦେଇଛି ତାର ଦୁର୍ମୂଲ୍ୟ ଏବଂ ତାର ଜୀବନର ଶେଷ ଦିନଟି ପର୍ଯ୍ୟନ୍ତ ଦେବ ମଧ୍ୟ !

ଦିନେ ଦିନେ କିନ୍ତୁ ନେଳି ଶିରା ଭିତରେ ତାର ହିମାଳ ରକ୍ତର ସୁଅ ବିଦ୍ରୋହର ଉତ୍ତେଜନାରେ ଯେପରି ଗରମ ହୋଇଉଠେ । କାହା ବିରୁଦ୍ଧରେ ତାର ଏ ବିଦ୍ରୋହ, ଜାଣେନା ସେ । ତଥାପି ସେ ବିଦ୍ରୋହ କରେ । ମନକୁ ମନ ପଚାରେ ସେ, କାହିଁକି କୋଉଥିପାଇଁ ସେ ଏ ବୁଢ଼ାଦିନେ ଏମିତି ଖଟି ଖଟି ମରିବ ? ତାର ତ ଆସି ବୟସ ହେଲାଣି । ଏଦିନେ ତାର ଘରେ ବସି ସାରା ଜୀବନର ସମସ୍ତ କ୍ଳାନ୍ତି ଓ ଅବସାଦ ମେଣ୍ଟାଇବା କଥା । କିନ୍ତୁ କାହିଁକି ପୃଥିବୀ ତାକୁ ଦିଏନା ମୁହୂର୍ତ୍ତଙ୍କର ବିଶ୍ରାମ ? ଅଥଚ ସହରରେ ଯୋଉ ଉଞ୍ଚା କୋଠା-ଗୁଡ଼ାକର ଛାଇ ତଳେ ବସି ସେ ନିଏ ବିଶ୍ରାମ, ସେ କୋଠା ଭିତରେ ଥିବା ପଚିଶ ବର୍ଷର ବୁଢ଼ାମାନେ କଣ ଖଟନ୍ତି ଏମିତି ହାଡ଼ଭଙ୍ଗା ଖଟଣି ? ଦୁନିଆଁରେ ତ ଏମିତି ଅଛନ୍ତି ଅନେକ, ଯୋଉମାନେ କୁଟା ଖଣ୍ଡିକ ଦିଖଣ୍ଡ ନ କରି ସୁଦ୍ଧା ବେଶ୍ ଅସୂସରେ ଦିନ କାଟନ୍ତି । କିନ୍ତୁ ତା' ପ୍ରତି ତା'ହେଲେ ଏ ଅବିଚାର କାହିଁକି ? ସେ ପାରିବନି ଆଉ । ଆଖି ଆଗରେ ତାର ସବୁ ଝାପ୍ସା ଦେଖା ଗଲାଣି । ହାତ, ଗୋଡ଼ ନିର୍ଜୀବ



ହୋଇଆସିଲାଣି । କିଛି ଗୋଟାଏ ଧରିବାକୁ ଗଲେ ହାତ ଥର ଥର ହୋଇ କମ୍ପି ଉଠୁଛି । ତଥାପି ଦୁନିଆଁ କାହିଁକି ତା' ପ୍ରତି ଏତେ ନିଷ୍ଠୁର ?

ନର ପଧାନ ଉପରର ଆକାଶକୁ ଚାହେଁ । ସଞ୍ଜର ଅନ୍ଧାର ସେଠି ଆହୁର ବହଳ ହୋଇ ଆସିଥାଏ । କିନ୍ତୁ ଆକାଶ ଯେପରି ଶୁଣି-ନାହିଁ ତାର ଅଭିଯୋଗ କିମ୍ବା ଅହଙ୍କାର ମଧ୍ୟ ଶୁଣିନାହିଁ । ଅଫିମଖୋର ପରି ଆକାଶ ଆଖି ବୁଜି ଦେଇଛି । ମଣିଷର ସୁଖ ଦୁଃଖରେ ଉଦାସୀନ ସେ ।

ନର ପଧାନ ବାଲି ଉପରେ ପାଦ ଘୋଷାଡ଼ି ଘୋଷାଡ଼ି ଚାଲୁ-ଥିଲା କ୍ଳାନ୍ତ ଭାବରେ ।

### "ନରଆ'ଇ—ହେ ନରଆ'ଇ !"

ନର ପଧାନ ପଛକୁ ଫେରି ଚାହିଁଲା । ତାଙ୍କ ସାଇର ହାମ ଦଳେଇ ମୁଣ୍ଡରେ ଟୋକେଇଏ ଆମ୍ବ ମୁଣ୍ଡେଇ ଚାଲିଛି ସହର ଆଡ଼େ । ଦଳେଇର ଅବସ୍ଥା ନର ପଧାନ ପରି ସେତେ ଖରାପ ନୁହେଁ ଅବଶ୍ୟ, ତଥାପି ତାକୁ ମୁଣ୍ଡଝାଳ ତୁଣ୍ଡରେ ମାରିବାକୁ ପଡ଼େ ଦି' ଓଳି ଦି' ମୁଠା ଖାଇବା ପାଇଁ । ଦି'ପୁଅ ରୋଜଗାରିଆ; କିନ୍ତୁ ସେମାନଙ୍କର ପିଲା, ଛୁଆ ଖାଉଡ଼େ । ସେମାନଙ୍କର ରୋଜଗାରରେ ଭାଗ ବସେଇବା ପାଇଁ ଦଳେଇ ବୁଢ଼ାକୁ ଭଲ ଲାଗେନାହିଁ । ସେ ଭାବେ, ହାତ ଗୋଡ଼ ଚାଲୁଥିଲା ଯାଏ କାହା ହାତଟେକାକୁ ସେ ଚାହିଁ ରହିବ ନାହିଁ । ତଥାପି ତାର ବିଶ୍ରାମ ନେବାର ସମୟ ହୋଇ ଆସିଲାଣି । ଏଣିକି ତାର ବସି ବସି ଗତ ପଚିଶ କି ଷାଠିଏ ବର୍ଷର ସମସ୍ତ କ୍ଳାନ୍ତି ମେଣ୍ଟେଇବା କଥା । ସେତିକି ତାର ପୃଥିବୀଠାରୁ ହକ୍, ପାଇବାର ଦାବୀ—ଯୋଉ ପୃଥିବୀକୁ ସେ ତାର ବିଗତ ଜୀବନରେ ମୁହୂର୍ତ୍ତ ପରେ ମୁହୂର୍ତ୍ତ ଦେଇ କରିଛି ଧନଶାଳୀ ! କିନ୍ତୁ ପୃଥିବୀ ତାକୁ ବଞ୍ଚିତ କରିଛି ତାର ପ୍ରାପ୍ୟରୁ, ତାକୁ ପ୍ରତାରଣା କରିଛି । ତଥାପି ଦଳେଇ ବୁଢ଼ା ମାନି ନେଇଛି ସେସବୁ ଅଦୃଷ୍ଟର ଇଙ୍ଗିତ ବୋଲି । ବିଦ୍ରୋହ କରିନି ସେ ।

ଦଳେଇ ବୁଢ଼ା ଆସି ନରି ପ୍ରଧାନର ସାଙ୍ଗ ଧରିଲା । ନରି ପଧାନ ପଚାରିଲା···"ଆଜିକାଲି ଏଇ ଆମ୍ବ ବେପାର ଧରିଚ ପରା ! ଭଲ ଭଲ, ମୋଠୁ ଆସି ତମ ବଅସ ତ ବଳେଇ ପଡ଼ିଲାଣି । ମୂଲିଆ କାମ କେତେ-ଦିନ ପାରିବ ଆଉ ?"

ଦଳେଇ ବୁଢ଼ା ଗୋଟାଏ ଦୀର୍ଘ ନିଶ୍ୱାସ ପକାଇ ଜବାବ ଦେଲା—"ହଁରେ ଭାଇ ! ଭଗବାନ ତ ଜନ୍ମ ଦେଇଚି ମୂଲିଆ କୁଳରେ । ମାଟି ତାଡ଼ି, ପଥର ଭାଙ୍ଗି ଜୀବନ କଟିବ । ସେଥିପାଇଁ ଡରିଲେ ଆଉ ଦିନ ଚଳିବ ?"

ନରି ପଧାନ ଆଉ ଦାମ ଦଳେଇ ଦି'ଜଣ ପାଖାପାଖି ହୋଇ ଚାଲିଛନ୍ତି ସେଇ ଦିଗ୍‌ବଳୟ ଛୁଆଁ ବାଲି ଭିତରେ ଦୁଇଟି କଳାବିନ୍ଦୁ ପରି । ଚାରିପଟେ ସେମାନଙ୍କର ଢେର ରହିଛି ଖାଲି ବାଲି···ଆକାଶ ଛୁଇଁଚି ।

କାନ୍ଧର ଗାମୁଛାରେ କପାଳରୁ ଝାଳ ପୋଛି ନରି ପଧାନ କହିଲା—"ଭଗବାନ ନୁହେଁରେ ଭାଇ, ଏଇ ମଣିଷ ସବୁ !"

ନରି ପଧାନ କିନ୍ତୁ ନିଜକୁ କେବେ କୈଫିୟତ ଦେଇ ପାରିନାହିଁ ତାର ଏଇ ବିଦ୍ରୋହ ପାଇଁ । ଅନ୍ୟକୁ ବୁଝାଇ ପାରିବା ଭଳି କୌଣସି ଯୁକ୍ତି ପାଇନାହିଁ । କିନ୍ତୁ ବରାବର ମନେ ହୋଇଚି ତାର, ଏ ପଚିଶ ବର୍ଷ ବୟସରେ ତାର ଏଇ କଠିନ ଜୀବନ ପାଇଁ ଏକମାତ୍ର ଦାୟୀ ମଣିଷ । ବିପୁଳ ଏଇ ବାଲିଚରଠାରୁ ଆଉରି ସୁବିପୁଳ ଆଉରି ବିପୁଳ ଏଇ ପୃଥିବୀ ! ତଥାପି ଜଣଙ୍କର ସଂକୀର୍ଣ୍ଣତା ଲାଗି ଅନ୍ୟ ଜଣକୁ ମିଳେନା ଏଠି ନିଶ୍ୱାସ ନେବା ପାଇଁ ସ୍ଥାନ ! ଜଣଙ୍କର ଲୋଭ ଯୋଗୁଁ ଅନ୍ୟ ଜଣକୁ ଏ ପୃଥିବୀରେ ମିଳେନା ଦୁଇଓଳି ଦୁଇମୁଠା ପେଟ ଭରି ଖାଇବା ପାଇଁ ! ଅଥଚ ଏ ପୃଥିବୀ କେଡ଼େ ବିରାଟ, ଜଣକର କ୍ଷୁଧା ଲାଗି । ତାକୁ ଏଇ ପଚିଶ ବର୍ଷ ବୟସରେ ସୁଦ୍ଧା ମିଳିନି ମୁହୂର୍ତ୍ତକ ଲାଗି ବିଶ୍ରାମ ।

ବାଲି ଉପରର ରେଲପୋଲ ଉପର ଦେଇ ଚାଲିଗଲା କି ଗୋଟାଏ ରେଲଗାଡ଼ି ! ପଧାନ ଆଉ ଦଳେଇ ଦୁହେଁ ଯାକ ଠିଆ ହୋଇଗଲେ ସେଇ ଚଳନ୍ତା ରେଲଗାଡ଼ି ଦେଖିବା ପାଇଁ । ଏମିତି



ପିଲାଦିନୁ ସେମାନେ ଏଇ ପୋଲ ଉପରେ ଦେଖି ଆସିଚନ୍ତି ଚଳନ୍ତା ରେଲଗାଡ଼ି କୌତୂହଳ ଓ ବିସ୍ମୟର ଆଖିରେ ।

ଗାଡ଼ିଟା ଅଦୃଶ୍ୟ ହୋଇଗଲା, ପଛରେ ରହିଗଲା ଖାଲି ମୋଟା କଳାଧୂଆଁର ମେଘ ।

ସେ ଦୁଇଜଣ ପୁଣି ଆଗକୁ ଚାଲିଲେ । ଦୁହେଁ ନୀରବ । ପ୍ରତ୍ୟେକର ଦୁଃଖର ଭାର ପ୍ରତ୍ୟେକକୁ ବଳଉଚି, କାହାରି ତୁଣ୍ଡରେ କଥା ନାହିଁ । ସେଥିପାଇଁ ଆଗରେ ପଡ଼ିଚି ଆଉରି ଅସୁମାରି ବାଲି—ଚାଲିବା ପାଇଁ ।

ସେମାନଙ୍କ ପାଖ ଦେଇ କେଇଜଣ ପୁରୁଷ ଆଉ ସ୍ତ୍ରୀ ମୁଣ୍ଡରେ ଜାଳେଣି କାଠର ଭାର ରଖି ଦଉଡ଼ି ଦଉଡ଼ି ଚାଲିଗଲେ । ନଈ ସେପାଖର ଦୂର ଗାଁ ଗୁଡ଼ାକରୁ ସେମାନେ ବି ଚାଲିଚନ୍ତି ସହର ଆଡ଼େ ଜାଳ ବିକି ପେଟ ପୋଷିବା ପାଇଁ । କ୍ଷୁଧା ସେମାନଙ୍କର ଜୀବନକୁ ମଧ୍ୟ କରିଚି ଅଦୃଷ୍ଟର ଏକ ନିର୍ମମ ପରିହାସ ! କ୍ଷୁଧାର ଖୋରାକ ଜୁଟାଇବାକୁ ପାଇଁ ସେମାନେ ବିସର୍ଜନ ଦେଇଚନ୍ତି ଜୀବନର ସମସ୍ତ ଆନନ୍ଦ ଓ ସୌନ୍ଦର୍ଯ୍ୟ । ଜୀବନ ସେମାନଙ୍କ ପକ୍ଷରେ ଏଇ ଦୁର୍ଗମ ଓ ବିସ୍ତୀର୍ଣ୍ଣ ବାଲିଚର ପରି···ଛାୟା ନାହିଁ, ଜଳ ନାହିଁ, ଶୀତଳତା ନାହିଁ । ନିର୍ମମ, ନିଷ୍ପ୍ରାଣ ଓ କଠୋର । କିନ୍ତୁ କାହିଁକି ? କୋଉଥିପାଇଁ ସେମାନେ ମଧ୍ୟ ଏପରି ନୀରବରେ ମୂକ, ମୌନ ପରି ଅତିବାହିତ କରି ଚାଲିଚନ୍ତି ଅଭିଶପ୍ତ ଜୀବନର ଦିନ ପରେ ଦିନ ? ପୃଥିବୀ କଅଣ ଆଜି ମରୁଭୂମି ହୋଇଚି ? ମଣିଷର କ୍ଷୁଧା ଦୂର କରିବା ପାଇଁ ପୃଥିବୀରେ ଆଜି କି ଶସ୍ୟ ଆଉ ଜନ୍ମେନା ?

ତାର ଜବାବ ଦେବା ପାଇଁ ଅବସର ନାହିଁ ସେମାନଙ୍କର । ଛୁଟି ଚାଲିଛନ୍ତି ସେମାନେ, ଜୀବନ ଯେପରି ଏକ ଦୁଃସହ ଭାର । ଯେତେଶୀଘ୍ର ସେ ଭାର ସେମାନେ ଫିଙ୍ଗି ଦେଇପାରନ୍ତି, ସେତେଶୀଘ୍ର ସେମାନଙ୍କର ମୁକ୍ତି ।

ଅଥଚ ଏଇ ଶାନ୍ତ ଓ ସୌମ୍ୟ ଆକାଶ ଦୂରର ସ୍ନିଗ୍ଧ ଶ୍ୟାମ ବନରେଖା, ଭୂଗୋଳହୀନ ରାଶି ରାଶି ପର୍ବତର ନୀଳାୟିତ ଗତି, ଏଇ ସମସ୍ତ ପରିପୂର୍ଣ୍ଣ ସୌନ୍ଦର୍ଯ୍ୟର ଅକୃତ୍ରିମ ବିକାଶ ଭିତରେ ଲଜ୍ଜା ଲାଗେ

ଭାବିବା ପାଇଁ—ମଣିଷ କିପରି ମଣିଷର ଜୀବନକୁ ଏ ସୁନ୍ଦର ପୃଥିବୀରେ କରିଚି କୁତ୍ସିତ ଓ ବିଷାକ୍ତ ଘୃଣ୍ୟତର !

ତଥାପି ଏ ଜୀବନ ଓ ଏହାର ସଂଗ୍ରାମ ଏକ ସତ୍ୟ ଏବଂ ସେ ସତ୍ୟକୁ ଫାଙ୍କି ଦେବା ଚଳେନା ।

ବାଲି ସରି ଆସିଛି ।

## —ଦୁଇ—

ଫାଣ୍ଡି ଘଣ୍ଟାରେ ଠନ୍ ଠନ୍ ହୋଇ ବାଜିଲା ଆଠଟା । ସାମନାର ବାଲିରୁ ତଥାପି ଗରମ ଛାଡ଼ୁନି । ତା' ଉପର ଦେଇ ଯାଉଥିବା ପବନ ଦେହରେ ଲାଗୁଚି ଉଷୁମ ହୋଇ । ଆକାଶରେ ଶୁକ୍ଳ-ପକ୍ଷର ଜହ୍ନଟା କେମିତି ମଳିନ ଦିଶୁଚି ଉପରର ଉଡ଼ନ୍ତା ଧୂଳିକଣା ଭିତରେ । ପବନ ଚାରିଆଡ଼ୁ ନିବୁଜ ହୋଇ ରହିଛି । ଗଛର ଗୋଟାଏ ପତ୍ର ସୁଦ୍ଧା ହଲିବା ପାଇଁ ନାହିଁ ।

ନର ପଧାନ ବନ୍ଧତଳର ବାଲିକୁ ଓହ୍ଲାଇଲା । ଆକାଶର ମଳିନ ଜ୍ୟୋତ୍ସ୍ନା ତଳେ ସେ ବାଲି ମନେ ହେଉଚି ଯେପରି ଆହୁରି ବିସ୍ତୀର୍ଣ୍ଣ, ଆହୁରି ହଗହଗା । ଚାରିଆଡ଼ ନିଶୂନ । ଯେଉଁମାନେ ସକାଳେ ସହରକୁ ଆସିଥିଲେ ମୂଲ ପାଇଁ, ସଞ୍ଜ ନ ହେଉଣୁ ସେମାନେ ସମସ୍ତେ ଫେରିଗଲେଣି । ନର ପଧାନର ବି କୋଉଦିନ ଏତେ ଡେରି ହୁଏନା । ସରକାରୀ ଗୋଦାମରୁ ଚାଉଳ କିଣୁ କିଣୁ ଭିଡ଼ ଭିତରେ ଆଜି କିନ୍ତୁ ଅନେକ ଡେରି ହୋଇଗଲା । କିଏ ଜଣେ ତା'ର ବାଁ ପାଦଟା ମକଚି ଦେଇଛି, ଭାରି ଦରଜ ହୋଇଗଲାଣି । କାଲି ଏ ପାଖକୁ ସେ ଆସି ପାରିବ ନାହିଁ ହୁଏତ !

ବାଲି···ବାଲି···ଯୁଆଡ଼େ ଆଖି ଯାଏ, ସେଆଡ଼େ ଖାଲି ହଗହାନ, ସୀମାହୀନ ବାଲି, ଆଉ ମେଞ୍ଚା ମେଞ୍ଚା ଅରମା ଅନ୍ଧାର । ସନ୍ଧ୍ୟାର ଅନ୍ଧାର ତଳେ ଏକ ବିରାଟ ଆତ୍ମା ଯେପରି ଅତ୍ୟାଚାର ଓ ବେଦନାରେ କ୍ଷୁବ୍ଧ ହୋଇପଡ଼ିଚି ନିସ୍ପନ୍ଦ ହୋଇ । ଉପରର ଆକାଶ ଗମ୍ଭୀର । ମୁହଁରେ ତାର ଯେପରି ଫୁଟି ଉଠିଛି ତଳର ପୃଥିବୀ ପ୍ରତି ବିରକ୍ତିର



ଭ୍ରୂକୁଟୀ ! ଆକାଶ ଓ ପୃଥିବୀ ଦୁହେଁ ନୀରବ, ପ୍ରାଣହୀନ; ଅଥଚ ଜନତାର ଅଲକ୍ଷ୍ୟରେ ସେଇ ଶାନ୍ତ ଓ ନୀରବତା ଭିତରେ କୋଉଠି ଯେପରି ଜନ୍ମ ନେଉଚି କିନ୍ତୁ ପୃଥିବୀର ଚରମ ଅଶାନ୍ତି । ରାତିର ଅନ୍ଧକାର ଜଠରରେ ଜନ୍ମନିଏ ଯେପରି ପ୍ରଭାତର ଜ୍ୱାଳାମୟ ଆଲୋକ !

ନର ପଧାନ ଉପରର ଆକାଶକୁ ଚାହିଁଲା । ଆକାଶ ଭାଷାହୀନ, ମୌନ, ଗମ୍ଭୀର । କି ଏକ ନିର୍ମମ କ୍ରୂରତାରେ ଆହୁରି ଭୀଷଣ ହୋଇ-ଉଠିଚି ସେ । ତଳର ପୃଥିବୀ ନୀରବ । ଜୀବନର ସବୁ ସତ୍ତା ନିଭି ଆସିଛି ଯେପରି ତା' ଦେହରୁ !

ଆଉ ଯୁଆଡ଼େ ଆଖି ଯାଏ, ସେଆଡ଼େ ଖାଲି ବାଲି ଆଉ ବାଲି ।

ସେପାରିର ଗଛପତ୍ରଗୁଡ଼ାକ ଦେଖାଯାଉଚି ଅନ୍ଧକାରର ଗୋଟିଏ ଗଭୀର ରେଖା ପରି । ସେପାରିର ନଈବନ୍ଧ ତଥାପି ଆହୁରି ବହୁ ବାଟ ଅଛି ।

ନର ପଧାନର ଦେହ କି ଏକ ଅବ୍ୟକ୍ତ ଭୟରେ ଥରି ଉଠିଲା । କେତେ ସନ୍ଧ୍ୟାରେ ସେ ଏଇ ବାଟ ଦେଇ ସହରରୁ ତା ଗାଁକୁ ଫେରିଚି । କିନ୍ତୁ ମଣିଷ ବିରୁଦ୍ଧରେ ଆକାଶ ଓ ପୃଥିବୀର ଏପରି ଭୀଷଣ ଷଡ଼ଯନ୍ତ୍ର ସେ ଆଉ କେବେ ଦେଖି ନ ଥିଲା ।

ଆଜି ଆକସ୍ମିକ ଭାବରେ ଆକାଶର ଦେହେ ଦେହେ ଖେଳିଗଲା ଯେପରି ଲକ୍ଷ ଲକ୍ଷ ବିଜୁଳି ! ତା' ପରେ ପରେ ଆକାଶ ଯେପରି ତଳେ ଭାଙ୍ଗି ପଡ଼ିଲା ଭୀଷଣ ଗର୍ଜନ କରି । ନର ପଧାନ 'ରାମ' 'ରାମ' କହି ଆଗକୁ ଆଗକୁ ଚାଲିଲା ।

କ୍ଷୁଧା ଓ କ୍ଳାନ୍ତିରେ ଦେହ ତାର ଆଉ ଆଗକୁ କିନ୍ତୁ ଯେପରି ଚାଲୁ ନ ଥିଲା !

ପୁଣି ବିଜୁଳି ପରେ ବିଜୁଳି, ତା ସଙ୍ଗରେ ମେଘର ଗୁରୁଗୁରୁ ଗର୍ଜନ । ନର ପଧାନ ପୁଣିଥରେ ଉପରର ଆକାଶକୁ ଚାହିଁଲା । କେଉଁଠି ମେଘର ଚିହ୍ନ ସୁଦ୍ଧା ନାହିଁ । ଛିଣ୍ଡା ଛିଣ୍ଡା କଳା ମେଘର ଗହଳ ଭିତରେ ଜହ୍ନଟା ଦିଶୁଚି ଶେତା ଆଉ ପ୍ରାଣହୀନ—ମଲା ମାଛର ଆଖି ପରି ।

ନର ପଧାନ ପେଟ ଭିତର କି ଗୋଟାଏ କୁତ୍ସିତ ଜାନୁଆର ଯେପରି ତାର ଲମ୍ବା ଲମ୍ବା ଦାନ୍ତ ଲଗାଇ କୋରି ନେଉଚି । ଅସହ୍ୟ

କ୍ଷୁଧା ଆଉ ଦାରୁଣ ଅବସାଦରେ ଦେହ ତାର ଭାଙ୍ଗି ପଡ଼ିବ ଯେପରି··· ! ଏ ବାଲିଗୁଡ଼ାକୁ ଖାଇ ଯଦି ମଣିଷର ପେଟ ପୂରି ପାରୁଥାନ୍ତା···

ପଶ୍ଚିମରୁ ଦମକାଏ ଝଡ଼ ପରି ପବନ ଆସି ନର ପ୍ରଧାନକୁ ତା' ବାଟରୁ କିଛି ଦୂର ଠେଲି ନେଇଗଲା । ନିଜକୁ ସମ୍ଭାଳୁ ସମ୍ଭାଳୁ ପୁଣି ବିପରୀତ ପାଖରୁ ଆଉ ଗୋଟାଏ ଦମ୍‌କା !

ଆକାଶରେ ଜହ୍ନ ଲୁଚିଗଲାଣି । ଚାରିଆଡ଼େ ଖାଲି ଝଡ଼ର ସୁ···ସୁ···ଗର୍ଜନ !

ନର ପ୍ରଧାନ ବ୍ୟାଧର ମୁହଁରୁ ଆହତ ହରିଣ ପରି ଛୁଟିଚାଲିଲା ସେଇ ବାଲି ଉପରେ ଥିବା ଗୋଟାଏ ଭଙ୍ଗା ଚାଳ ଆଡ଼େ । ନଈରେ ପାଣି ଥିଲାବେଳେ ଆଗେ ସେଠି ନାଉରୀ କେବେ ଘାଟ କରିଥିଲେ । କିନ୍ତୁ ବହୁ ଝଡ଼ ବତାସରେ ଉପରର ଚାଳ ଅଧେ ଉଡ଼ିଯାଇଚି । ବଙ୍କା କାଠ ଖଣ୍ଡ-ଗୁଡ଼ାକ ଠିଆ ହୋଇଚି ଭୂତ ପରି । ତା' ପାଖରେ ଗୋଟାଏ ଭଙ୍ଗା ଡଙ୍ଗା ମୁହଁ ମାଡ଼ି ପଡ଼ିଚି ମଲା କୁମ୍ଭୀର ପରି ! ପଟା ଗୁଡ଼ାକ ତାର ବାଲିରେ ପୋତି ହୋଇ ଯାଇଚି । ଉପରକୁ ଦିଶୁଚି ଖାଲି ବଙ୍କା ପଙ୍ଗଟା !

ନର ପ୍ରଧାନ ଆଉ ଯାଇ ପାରିଲା ନାହିଁ···ବାଲିମାଡ଼ରୁ ରକ୍ଷା ପାଇବା ପାଇଁ ତଳେ ଶୋଇ ପଡ଼ିଲା, ଦେହ ଉପରେ ତାର ଛିଣ୍ଡା ଗାମୁଛା ଖଣ୍ଡିକ ଢାଙ୍କି । ତଥାପି ପବନରେ କୋଟି କୋଟି ବାଲିକଣା ଆସି ଦେହରେ ବିନ୍ଧି ହୋଇ ଯାଉଚି ଛୁଞ୍ଚି ପରି ।

ନର ପ୍ରଧାନ ସେଠୁ ଉଠି ଏପାଖ ସେପାଖ ଛୁଟିବାକୁ ଲାଗିଲା ଆହତ ପଶୁ ପରି ।

ଝଡ଼ର ବେଗ ବଢ଼ୁଚି ଆଉରି ଯୋର୍‌ରେ··· । ତା' ସଙ୍ଗରେ ଯେପରି ବାଲିର ଲହଡ଼ି କୂଳ ଭାଙ୍ଗି ମାଡ଼ି ଆସୁଚି ବାଲିର ସମୁଦ୍ର ଭିତରୁ ।

ନର ପ୍ରଧାନ ପାରିଲା ନାହିଁ ଆଉ ! ତଳେ ପଡ଼ିଗଲା ଅବସନ୍ନ ହୋଇ । ମୁହୂର୍ତ୍ତକ ଭିତରେ ତା' ଉପରେ ଜମା ହୋଇଗଲା ଗଦା ଗଦା ବାଲି ।



ବାଲିର ସେଇ ସ୍ତୂପ ତଳେ ନର ପ୍ରଧାନର ଅବସନ୍ନ ଦେହ ପାଇଲା ଅନ୍ତିମ ସମାଧି ।

ଝଡ଼ର ବେଗ ତଥାପି କମିନି । ଚାରିଆଡ଼େ ତା'ର ଅଶାନ୍ତ ଗର୍ଜନ !

ଯୋଉ ପୃଥିବୀରେ ମଣିଷ ମଣିଷକୁ ବଞ୍ଚିତ କରେ ଜୀବନର ଆସ୍ୱାଦ ଓ ବଞ୍ଚିବାର ଆନନ୍ଦରୁ, ଯେଉଁ ପୃଥିବୀରେ ଜଣକର ଲୋଭ ଓ ପାପ ଲାଗି ଲକ୍ଷ ଲକ୍ଷ ଜୀବନ ମନେ ହୁଏ କେବଳ ଅଭିଶାପ; ସେଇ ପୃଥିବୀ ବିରୁଦ୍ଧରେ, ଆକାଶର ମସ୍ତିଷ୍କରେ ଆଜି ଜାଗିଚି ଯେପରି ଝଡ଼ର ଅଶାନ୍ତ ଉତ୍ତେଜନା ।

ବାଲି ପରେ ବାଲି ଆସି ଗଦା ହୋଇ ଯାଉଚି ନର ପ୍ରଧାନର ସମାଧି ଉପରେ ।

ସେଇଦିନର ରାତି ।

ସଞ୍ଜ ପହର କେତେବେଳୁ ଗଡ଼ିଗଲାଣି ।

ନର ପ୍ରଧାନର ଏ ପର୍ଯ୍ୟନ୍ତ ଫେରିବା ନାଁ ନାହିଁ ।

ରାତି କ୍ରମେ ଗଡ଼ି ଗଡ଼ି ଚାଲିଚି । ସେ ଗାଁଟିରେ ସିଏ ସୁଆଡ଼େ ସମସ୍ତେ ଶୋଇ ପଡ଼ିଲେଣି ସାରା ଦିନର ହାଡ଼ଭଙ୍ଗା ଖଟଣି ପରେ । ଝଡ଼ କେତେବେଳୁ ବନ୍ଦ ହେଲାଣି ।

ନର ପ୍ରଧାନର ବିଧବା ଝିଅ ନିଶାମଣି ଘରର ଦାଣ୍ଡକବାଟ ଆଉଜେଇ ବାହାର ଦାଣ୍ଡକୁ ଆସିଲା । ବାହାରେ ପଡ଼ିଚି ଧୂଳିଆ, ମହଳ ଜହ୍ନ । ଚାରିଆଡ଼ ନିଶୂନ ଲାଗୁଚି ।

ନିଶାମଣି ଚାଲିଲା ନଈବନ୍ଧ ଆଡ଼େ । ଘରେ ମୁଗ କି ଚାଉଳ କିଛି ନାହିଁ । ନର ପ୍ରଧାନ ଚାଉଳ ଆଣିବ ବୋଲି ନିଶା ଚୁଲି ଲଗେଇ ଥିଲା । କିନ୍ତୁ ନର ପ୍ରଧାନର ବାଟ ଚାହିଁ ଚାହିଁ ଚୁଲି କେତେବେଳୁ ଲିଭିଲାଣି । ନିଶାର ଦେହ ବି ଯେପରି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ୁଚି କ୍ଲାନ୍ତିରେ । ତଥାପି ସେ ପାଦ ଦି'ଟା କୌଣସି ମତେ ଟାଣି ଟାଣି ନେଇ ଠିଆ ହେଲା ଆସି ନଈବନ୍ଧ ଉପରେ ।

ଚାରିଆଡ଼ ନିଶୂନ । ମହଳ ଜହ୍ନ ଆଲୁଅ ତଳେ ସାମ୍ନାର ନଈବାଲି ବିଛେଇ ହୋଇଯାଇଚି କୋଉଠୁ କୋଉଯାଏଁ, ତା'ର

ସୀମା ନାହିଁ । ଦୂରର ନଈପୋଲ ଉପରେ ଗୋଟାଏ ରାତିର ଗାଡ଼ି ଚାଲିଗଲା । ତା'ର ଗୁରୁ ଗୁରୁ ଗର୍ଜନରେ ରାତିର ନୀରବତା ମୁହୂର୍ତ୍ତକ ପାଇଁ କଡ଼ ମୋଡ଼ି ପୁଣି ଶୋଇପଡ଼ିଲା ।

ନିଶା ତା'ର ସମସ୍ତ ଶକ୍ତି ପ୍ରୟୋଗ କରି ଥରେ ପାଟି କରି ଡାକିଲା···ବାପା···ହେ···!

ରାତିର ନୀରବତା ଭିତରେ ମିଳେଇଗଲା ତାର ଚିତ୍କାର ! ନିଶା ପୁଣି ଥରେ ଡାକିଲା··"ହେ ବାପା··· !"

ରାତିର ଦମ୍କାଏ ପବନ ଆସି ନିଶାର ବ୍ୟର୍ଥ-ଯୌବନର ମ୍ଳାନ କପାଳ ଉପରେ ଖେଳେଇ ଦେଇ ଗଲା ତାର କେରାକେରା ରୁକ୍ଷ ବାଳ । ନିଶାର ଆଖି ଦୁଇଟା କି ଗୋଟାଏ ଅଜଣା ଆଶଙ୍କାରେ ଛଳ ଛଳ ହୋଇ ଆସିଲା । କପାଳ ଉପରୁ କେରା କେରା ବାଳ ଗୋଟାଏ ହାତରେ ସଜାଡ଼ି ନେଇ ନିଶା ଆଉ ଥରେ ଡାକିଲା—"ବାପା···ହେ···ବାପା !"

କିନ୍ତୁ ନିଜ ପଧାନ କାନରେ ପହଞ୍ଚିବ ନାହିଁ ନିଶାର ଏ ଚିତ୍କାର । ବାଲିର ସମାଧି ତଳେ ସେ ପାଇଛି କ୍ଳାନ୍ତ ଜୀବନର ଚିର ଈପ୍ସିତ ବିଶ୍ରାମ, ବଞ୍ଚିବାର ଅଭିଶାପରୁ ମୁକ୍ତି ! ମୃତ୍ୟୁ ପୂର୍ଣ୍ଣ କରି ଦେଇଛି, ଯାହା ଜୀବନ ବଞ୍ଚିତ କରିଥିଲା ତାକୁ ।

ନିଶା ଶେଷଥର ପାଇଁ ତାର ସମସ୍ତ ଶକ୍ତି ପ୍ରୟୋଗ କରି ଡାକି ଉଠିଲା—"ହେ···ବାପା !"

ସାମ୍ନାର ବାଲି ନୀରବ ! ଆକାଶ ନୀରବ ! ଝାଉଁଆଡ଼ର ମର୍ମର ଧ୍ୱନି ମଧ୍ୟ ନୀରବ !

ବାଲି ଉପରୁ ଦମ୍କା ଦମ୍କା ପବନ ଆସି ନିଶାର ମୁହଁ ଉପରେ ଖେଳେଇ ଦେଇ ଯାଉଥିଲା ମୁଣ୍ଡର କେରା କେରା କହରା ବାଳ ।

(୧୯୪୪)

## ॥ ନିତ୍ୟବର୍ତ୍ତମାନ କାଳ ॥

ଚନ୍ଦ୍ରଚୂଡ଼ ରାୟ ଚୂଡ଼ାମଣି ଉଆସର ଉପର ମହଲାରେ ଝରକା ବାଟେ ଚାହିଁ ଦେଖୁଛନ୍ତି, ନିର୍ବାକ ନିସ୍ପନ୍ଦ ଭାବରେ ଦେଖୁଛନ୍ତି, ପୁରୁଣା ବୁନିଆଦର ଭଙ୍ଗାକୁଡ଼ ଉପରେ ନୂଆ ବୁନିଆଦର ଇମାରତ ଗଢ଼ା ହେଉଛି । କିନ୍ତୁ ନୂଆ ବୁନିଆଦ ଗଢ଼ା ହେଉଛି କି ସେଠି ?

ଚନ୍ଦ୍ରଚୂଡ଼ ନିଭି ପାଇପ୍ରୁ ପୋଡ଼ା ପାଉଁଶ ଝାଡ଼ି ସେଥିରେ ପୁଣି ନିଆଁ ଲଗାଇଲେ । ଉଆସଠାରୁ ଦୂରରେ ପାଖ ସିମେଣ୍ଟ କାରଖାନାମାଲିକର ତିଆରି ହେଉଛି ବିରାଟପ୍ରାସାଦ । ଲୁହାର ଫ୍ରେମ୍ ଠିଆ ହୋଇଛି କଙ୍କାଳ ପରି, ଚନ୍ଦ୍ରଚୂଡ଼ଙ୍କ କୋଡ଼ିଏ ପୁରୁଷ ଉଆସ ପ୍ରତି ଯେପରି ଉପହାସ କରୁଛି । ଚନ୍ଦ୍ରଚୂଡ଼ ପାଇପରୁ ଧୀରେ ଧୀରେ ଧୂଆଁ ଛାଡ଼ିଲେ । ସକାଳର ହାଲୁକା ପବନରେ ଧୂଆଁର କୁଣ୍ଡଳୀ ଖେଳି ବୁଲିଲା ।

ମୁଚୁକୁନ୍ଦ ଫୁଟିଲାଣି, ନାଗେଶ୍ୱର ଫୁଟିବ ଆଉ ଅଳ୍ପ ଦିନ ପରେ । ବସନ୍ତ ପୁଣି ଆସିବ ଚୂଡ଼ାମଣି ଉଆସର ଗୁଳ୍ମାକୀର୍ଣ୍ଣ, ପୁଷ୍ପହୀନ ଉଦ୍ୟାନରେ ।

ଆଜକୁ ବହୁ ବର୍ଷ ତଳେ ଏଇ ସିମେଣ୍ଟ କାରଖାନାର ମାଲିକ, ନିଜେ ଥରେ ନୁହେଁ, ବହୁଥର ଆସିଥିଲା ଚୂଡ଼ାମଣିଙ୍କ ସୁବିସ୍ତୀର୍ଣ୍ଣ ଜମିଦାରୀରୁ ମିଳିଥିବା "କ୍ୱାରି" ଠିକା ନେବା ପାଇଁ । ଆସିଥିଲା ପାଦରୁ ଜୋତା ଓହ୍ଲାଇ, ମୁଣ୍ଡରୁ ଟୋପି ଖୋଲି, କୁର୍ଣ୍ଣିସ କରି କରି ।

ଅଳ୍ପ ଦୂରରେ ସରକାରୀ ସର୍କିଟ୍ ହାଉସର ମସୃଣ ଟେନିସ୍ କୋର୍ଟ ସକାଳ ଖରାରେ ଚକ୍ ଚକ୍ କରୁଛି । ନିସ୍ତବ୍ଧ, ଜନହୀନ ଚୂଡ଼ାମଣି ଉଆସରେ ପିନ୍ କଣ୍ଟାଟିଏ ତଳେ ପକାଇଦେଲେ ସୁଦ୍ଧା ଶୁଭିବ । ଅଥଚ ଦିନେ ଲୋକ କୋଳାହଳରେ ସକାଳୁ ରାତି ପର୍ଯ୍ୟନ୍ତ ଏହାର

ପ୍ରତ୍ୟେକ ପ୍ରାଙ୍ଗଣ ମୁଖରିତ ଥିଲା । ସିଂହଦ୍ୱାର ଘଣ୍ଟାରେ ନ'ଟା ବାଜିଲା । ଚନ୍ଦ୍ରଚୂଡ଼ କୋଟ ପକେଟରୁ ସୁନାର ଚେନ୍‌ବନ୍ଧା ଘଣ୍ଟାଟିଏ କାଢ଼ି ସମୟ ମିଳାଇ ଦେଖିଲେ—ନ'ଟା ବାଜିବାକୁ ତଥାପି ଦଶ ମିନିଟ୍ ବାକି । ଆଜିକୁ ପାଞ୍ଚବର୍ଷ ତଳେ ହୋଇଥିଲେ, ଫାଟକର ଘଣ୍ଟା ଠିକ୍ ସମୟ ନ ରଖୁଥିବା ପାଇଁ କେତେ କି କାଣ୍ଡ ହୋଇ ଯାଇଥାଆନ୍ତା ! ମାତ୍ର ଆଜି ଚନ୍ଦ୍ରଚୂଡ଼ଙ୍କ ପାଖରେ ସମୟ ଯେପରି ନିରର୍ଥକ ହୋଇଯାଇଛି । ଘଣ୍ଟା ଦଶମିନିଟ୍ ଫାଷ୍ଟ୍ ବା ଲେଟ୍ ଚାଲୁ; ଚନ୍ଦ୍ରଚୂଡ଼ଙ୍କ ପାଖରେ ତାହାର ଆଜି କୌଣସି ସ୍ୱତନ୍ତ୍ର ମୂଲ୍ୟ ନାହିଁ ।

ଅଥଚ ଦିନେ ତାଙ୍କର ସଂସାର ଥିଲା କଳଘଣ୍ଟା ପରି ନିୟମିତ । ଭୋର ଚାରିଟାରେ ଉଠି ରାତି ନ'ଟାରେ ବିଛଣାକୁ ଯିବା ପର୍ଯ୍ୟନ୍ତ ଦିନର ପ୍ରତ୍ୟେକଟି କାର୍ଯ୍ୟ, କେବଳ ନିଜର ବ୍ୟକ୍ତିଗତ ଦୈନନ୍ଦିନ କାର୍ଯ୍ୟନୁହେଁ, ପରିବାର ଓ ପରିବେଷ୍ଟନୀ ନିର୍ଦ୍ଦିଷ୍ଟ ସମୟ ଅନୁସାରେ ନିୟନ୍ତ୍ରିତ ହେଉଥିଲା । ପରିବେଷ୍ଟନୀ ସଙ୍ଗେ ଆଜି କିନ୍ତୁ ସମ୍ପର୍କ ପ୍ରାୟ ନାହିଁ କହିଲେ ଚଳେ । ତଥାପି ନିଜର କାର୍ଯ୍ୟରେ କୌଣସି ବିଶୃଙ୍ଖଳା, ନିର୍ଦ୍ଦିଷ୍ଟ ସମୟରୁ ମୁହୂର୍ତ୍ତକର ବିଚ୍ୟୁତି ଚନ୍ଦ୍ରଚୂଡ଼ ଏବେ ସୁଦ୍ଧା ସହ୍ୟ କରିପାରନ୍ତି ନାହିଁ ।

ଟେରିଗୋଲାରେ ହିପର-ବେଜ୍‌ଗୁଡ଼ାକ ମରି ଆସୁଛି । ତଳର ସିମେଣ୍ଟ ରାସ୍ତା ଶିଉଳୀ ଆଉ ଘାସରେ ଅରମା ହଣିଲଣି । ଦେଓ୍ୱାନ୍ ରାଉତରାୟ ସାହେବ ନିତ୍ୟନୈମିତ୍ତିକ ରୀତିରେ କୁଞ୍ଚଓ୍ୱାଲା ଧୋତି ଉପରେ ଗଳାବନ୍ଦ କୋଟ ପିନ୍ଧି, ହାତରେ ବାଡ଼ି ଖଣ୍ଡେ ଧରି, ନଇଁ ନଇଁ ସୁରକିବିଛା ରାସ୍ତାରେ ଆସୁଛନ୍ତି । ଏହି ପରିବାରରେ ଚାକିରି କରି କରି ରାଉତରାୟ ବୁଢ଼ା ହୋଇଗଲେଣି । ଦିନେ ତାଙ୍କର ପ୍ରତାପରେ, ଶାସନଦଣ୍ଡ ଭୟରେ ଚୂଡ଼ାମଣି ଏଷ୍ଟେଟ୍‌ରେ ବାଘ, ବକ୍‌ରି ଏକା ଘାଟରେ ପାଣି ପିଉଥିଲେ । ଆଜି ପଦ ନାହିଁ, ପଦବୀ ଅଛି । ଚୂଡ଼ାମଣି ଏଷ୍ଟେଟ ଲୋପ ପାଇବା ପରେ ରାଉତରାୟ ବିଦାୟ ନେବା ପାଇଁ ଚନ୍ଦ୍ରଚୂଡ଼ଙ୍କୁ ଆସି କହିଲେ—"ମୋତେ ଏଥର ଛୁଟି ମିଳୁ । ଆଉ ବା ମୋର କି କାମ ଅଛି ?"

ଚନ୍ଦ୍ରଚୂଡ଼ କହିଲେ—"ତମେ ଆଉ କୁଆଡ଼େ ଯିବ ରାଉତରାୟ ? ଏଷ୍ଟେଟ ଯିନା ଗଲା, ତଥାପି ଉଆସର ତ ନାନା କଥା ଅଛି ! ଦେବୋତ୍ତର ଅଛି, ନିଜ ଚାଷ ଅଛି; ସେ ସବୁ ଦେଖାଶୁଣା କରିବ କିଏ ?"



ମାତ୍ର ରାଉତରାୟ ଜାଣନ୍ତି, ସବୁ ଯାଇଁ ତଥାପି ଯାହା ଅବଶେଷ ଅଛି, ସେଥିରେ ଉଆସର ଦୈନନ୍ଦିନ ଖର୍ଚ୍ଚ ଚଳିବା ସୁଦ୍ଧା ମୁସ୍କିଲ ! ଫଳରେ ରାଉତରାୟଙ୍କର ବେତନ ମାସ ମାସ ଧରି ବାକି ପଡ଼ୁଛି । ତଥାପି ଏ ବୟସରେ ବହୁଦିନର ମୋହ କାଟି ଅନ୍ୟତ୍ର ଯିବା ରାଉତରାୟଙ୍କ ପକ୍ଷରେ ମଧ୍ୟ ସମ୍ଭବ ହୋଇନାହିଁ ।

ବୁଢ଼ା ମାଳୀ ମଲ୍ଲି ଜୁଳିଆଁ ଗଛଗୁଡ଼ାକ ଉପାଡ଼ି ବଗିଚାର କେତେକ ଅଂଶ ସଫା କରୁଥିଲା । ଏ ତାର ଗୋଟିଏ ନିତ୍ୟନୈମିତ୍ତିକ କାର୍ଯ୍ୟ । ସବୁଦିନେ ସେ ଅରମା ସଫା କରେ । ସବୁଦିନେ ପୁଣି ଅରମା କିପରି ବଢ଼ିଥାଏ କେ ଜାଣେ ? ଭବିତବ୍ୟ ବିରୁଦ୍ଧରେ ପୁରୁଷକାରର ଯୁଦ୍ଧ ! ଚନ୍ଦ୍ରଚୂଡ଼ଙ୍କର ମାର୍ବଲ ପଥରଖୋଳା ରେଖାହୀନ, ବିକାରହୀନ ପ୍ରଶାନ୍ତ ମୁଖମଣ୍ଡଳରେ ମୁହୂର୍ତ୍ତକ ପାଇଁ ସ୍ମିତହାସ୍ୟର ରେଖାଟିଏ ଫୁଟି ପୁଣି ନିଭିଗଲା ।

ରାଉତରାୟ ସାହେବଙ୍କୁ ଦେଖି ବୁଢ଼ାମାଳୀ ଅଣ୍ଟା ବଙ୍କାଇ, ଜୁହାରଟିଏ ପକାଇ କ'ଣ ଯେପରି ନିବେଦନ କଲା । ରାଉତରାୟ କ'ଣ କହିଲେ । ବୁଢ଼ା ପୁଣି ଘାସ କାଟିବା ପୂର୍ବରୁ ଟିକିଏ ବିଶ୍ରାମ ନେବା ପାଇଁ ପାଖର ଗୋଟିଏ ଚନ୍ଦନଗଛ ଦେହରେ ଆଉଜି ପଡ଼ିଲା । ହୁଏତ କେତେମାସର ଦରମା ବାକି ପଡ଼ିବେଣି । କିନ୍ତୁ ଏ ଅପଦାର୍ଥଗୁଡ଼ା ତଥାପି ଏଠି ଜୋକ ପରି କାମୁଡ଼ି ପଡ଼ିଛନ୍ତି କାହିଁକି ? ଉଆସ ଭିତରେ ତଥାପି ଏପର୍ଯ୍ୟନ୍ତ ପଡ଼ିଛନ୍ତି ପଚିଶ ସରିକି ବେତନଭୋଗୀ । ସେମାନଙ୍କୁ ତଡ଼ିପାରିଲେ ଯେପରି ରକ୍ଷା ମିଳନ୍ତା; କିନ୍ତୁ ସେମାନେ ତ ଆଜିର ନୁହନ୍ତି ! ଏ ବୁଢ଼ା ମାଳୀଟାର ତ କେବଳ କାମ ଥିଲା, ମହାରାଣୀଙ୍କର ଅତି ପ୍ରିୟ ସେଇ ବଡ଼ବଡ଼ ହଳଦିଆ ଗୋଲାପ ଗଛ ଗୁଡ଼ାକର ତଦାରଖ କରିବା । ମହାରାଣୀ ଆଜି ସ୍ୱର୍ଗରେ । ସେ ହଳଦିଆ ଗୋଲାପ ଗଛ-ଗୁଡ଼ାକରେ ଏବେ ବି ଏଣିକି ଆଉ ସେପରି ଫୁଲ ଧରୁନାହିଁ । ନ'ଟା ବାଜିବାକୁ ଆଉ ଦୁଇମିନିଟ୍ ବାକି । ଚନ୍ଦ୍ରଚୂଡ଼ ବ୍ରେକ୍‌ଫାଷ୍ଟ୍ ପାଇଁ ଡାଇନିଂ ରୁମ୍ ଆଡ଼େ ଚାଲିଲେ ।

ତଳ ମହଲରେ ଡାଇନିଂ ରୁମ୍ । କଳା ଶିଶୁକାଠ । ଭିକ୍‌ଟୋରିଆନ୍ ରୀତିରେ ତିଆରି ଡାଇନିଂ ଟେବୁଲ୍ ଆଉ ଚଉକି । ଟେବୁଲ କ୍ଲଥ୍‌ଟା ମଇଳା ପଡ଼ି ଆସିଲାଣି । ଫୁଲଦାନୀରେ ସଦ୍ୟତୋଳା ସେବତୀ ଓ ସ୍ଥଳପଦ୍ମ ସଜା ହୋଇ ରହିଛି । କାନ୍ଥରେ ଝୁଲୁଛି ବହୁ ପୁରୁଣା ନାମହୀନ,

ପାଶ୍ଚାତ୍ୟ ଶିଳ୍ପୀମାନଙ୍କଦ୍ୱାରା ଅଙ୍କିତ କେତୋଟି ଛବି···ତୁଷାରାଚ୍ଛନ୍ନ ଗିରିଶୃଙ୍ଗ, ଦେବଦାରୁ ଛାୟାଘନ ପଙ୍କ୍ତିପଥ ଶେଷ ହୋଇଛି ଗୋଟିଏ ନିଭୃତ କୁଟୀରର ଦ୍ୱାର ଦେଶରେ । ଭାରତୀୟ ଶିଳ୍ପୀମାନଙ୍କର କେତୋଟି ପୌରାଣିକ ଚିତ୍ର ମଧ୍ୟ ଝୁଲୁଛି । ଠିକ୍ ନ'ଟା ବାଜିଲେ ଚନ୍ଦ୍ରଚୂଡ଼ ବ୍ରେକ୍‌ଫାଷ୍ଟ୍ ପାଇଁ ଆସନ୍ତି···ଦୀର୍ଘ ଅଠାବନ ବର୍ଷ ମଧ୍ୟରେ କେବେ ଏଥିରେ ବ୍ୟତିକ୍ରମ ହୋଇନାହିଁ ।

ଉର୍ଦ୍ଦିପିନ୍ଧା ବବୁର୍ଚ୍ଚି ଅଭ୍ୟସ୍ତ ହାତରେ ଚନ୍ଦ୍ରଚୂଡ଼ଙ୍କ ଚଉକିଟି ପଛଆଡ଼ୁ ଟାଣି ଧରିଲା । ଚନ୍ଦ୍ରଚୂଡ଼ ପାଖରେ ପଡ଼ିଥିବା ଖାଲି ଚଉକି-ଗୁଡ଼ିକ ଆଡ଼େ ଚାହିଁ, ନିଜ ଚଉକିରେ ବସିପଡ଼ି ଗମ୍ଭୀର ଭାବରେ ଛୁରି ଓ କଣ୍ଟାଗୁଡ଼ିକୁ ପରୀକ୍ଷା କରିବାରେ ଲାଗିଲେ । ତାପରେ ଖାନ୍‌ସାମା ଆଣି ରଖି ଦେଇଗଲା ପ୍ଲେଟ୍‌ରେ କର୍ଣ୍ଣଫ୍ଲେକ୍ ଆଉ ଗୋଟିଏ ପାତ୍ରରେ ଦୁଧ । ନିର୍ଦ୍ଦିଷ୍ଟ ପରିମାଣରେ ଦୁଧ ଆଉ ଚିନି ଚାମୁଚ ଚିନ ପ୍ଲେଟରେ ଢାଳି ମିଶାଇ ସାରିଲା ପରେ ଭିତରକୁ ଆସିଲେ ସାନଜେମା ରୂପକୁମାରୀ । ରୂପକୁମାରୀ ଚନ୍ଦ୍ରଚୂଡ଼ଙ୍କର କନିଷ୍ଠ ସନ୍ତାନ, ବୟସ ତେଇଶ ଟପିଲାଣି । ବିବାହ ଦେବା ପାଇଁ ବହୁ ଚିଠି ଧରା ହୋଇଛି, ବହୁ ଜାଗାରେ କୋଷ୍ଠୀ ବିଚାର ହୋଇଛି; କିନ୍ତୁ କେଉଁଠି ପାତ୍ରର କୁଳୀନତା ଓ ଆଭିଜାତ୍ୟରେ ଚନ୍ଦ୍ରଚୂଡ଼ଙ୍କର ମନଃପୂତ ହୋଇନାହିଁ । ଆଉ ଯେଉଁଠି ବା ହୋଇଛି, ସେଠି ଟୀକାର ପରିମାଣ ଶୁଣି ସେ ବିବାହରେ ବହୁଦୂର ଅଗ୍ରସର ହେବା ଚନ୍ଦ୍ରଚୂଡ଼ଙ୍କ ପକ୍ଷରେ ସମ୍ଭବ ହୋଇନାହିଁ । ରୂପକୁମାରୀ ହିଁ ନିର୍ଜନ ଚୂଡ଼ାମଣି ପ୍ରାସାଦରେ ଚନ୍ଦ୍ରଚୂଡ଼ଙ୍କର ଏକମାତ୍ର ସାଥୀ । ଚନ୍ଦ୍ରଚୂଡ଼ ଥରେ ତନ୍ତୁ ଆଖି ଉଠାଇ ଚାହିଁଲେ ରୂପକୁମାରୀଙ୍କ ଆଡ଼େ ।

ରୂପକୁମାରୀ କିପରି ଅସ୍ୱାଭାବିକ ଭାବରେ ଦିଶୁଥିଲେ ଅବସନ୍ନ ଓ ନିଃଶେଷ ପ୍ରାୟ । ଟଣାଟଣା ମୃଗଆଖି ତଳେ କଳାଗାର ପଡ଼ି ଦିଶୁଥିଲା ସନ୍ଧ୍ୟାର ଆକାଶ ପରି ଛାୟାମଳିନ, ଉଦାସ ଓ ଗମ୍ଭୀର । ପରିଧାନରେ ଅପରାଜିତା ରଙ୍ଗର ଗୋଟିଏ ଜର୍ଜେଟ ଶାଢ଼ୀ ଓ ସେହି ରଙ୍ଗର ବ୍ଲାଉଜ । ଦକ୍ଷିଣ ହାତର ତର୍ଜନୀରେ ଡାଇମଣ୍ଡ୍ ବସା ଗୋଟିଏ ମୁଦି, ଦୁଇ ହାତରେ କେବଳ କେଇପଟ କାଚ । ରୂପକୁମାରୀ ଗୋଟିଏ ଆପ୍‌ଲ ଉଠାଇ ଛୁରିରେ କାଟିବାକୁ ଲାଗିଲେ । ଚନ୍ଦ୍ରଚୂଡ଼ ନାପ୍‌କିନ୍‌ରେ ମୁହଁ ପୋଛି କହିଲେ—"ଏ କେତେଦିନ ଧରି ତମର ଅନିୟମିତତା ମୁଁ ଖୁବ୍ ଲକ୍ଷ୍ୟ କରୁଛି ଜେମା !"



ରୂପକୁମାରୀ କିଛି ଉତ୍ତର ନ ଦେଇ ନୀରବରେ ସେହିପରି ଆପଲ୍ କାଟୁଥାନ୍ତି । ଚନ୍ଦ୍ରଚୂଡ଼ କହିଲେ—"ଆଜି ତୁମେ ବ୍ରେକ୍‌ଫାଷ୍ଟ୍‌କୁ ପାଞ୍ଚ ମିନିଟ୍ ଡେରିରେ ଆସିଛ । ତା ପରେ ତମର ଚେହେରା ଦେଖି ଯେ କେହି କହିବ, ରାତିରେ ସୁନିଦ୍ରା ହେଉନାହିଁ ତମର, ଯେପରି ତମେ ବହୁ ଦୁଶ୍ଚିନ୍ତାରେ ଉତ୍ପୀଡ଼ିତ ।"

ଖାନ୍‌ସାମା ପାଉଁରୁଟି, ବଟର୍, ଜେଲି ଓ ଡିମ୍ବର ଫ୍ରାଇ ଚନ୍ଦ୍ରଚୂଡ଼ଙ୍କ ସାମ୍ନାରେ ରଖି, ଲୁଣ-ଗୋଲମରିଚ ଚୂନାର ପାତ୍ର ଆଗେଇ ଦେଲା ।

ଚନ୍ଦ୍ରଚୂଡ଼ ହିଂସ୍ର ଭାବରେ ଖଣ୍ଡେ ରୁଟି ଉପରେ ଛୁରି ଚଳାଇ କହିଲେ—"ମୁଁ ଦେଖୁଛି ରୂପ, ତମେ ଦିନୁଦିନ ଆତ୍ମବିଶ୍ୱାସ ହରାଉଛ । ଭଗବାନଙ୍କ ଉପରେ ବିଶ୍ୱାସ ନ ରଖିଲେ ଆତ୍ମବିଶ୍ୱାସ ରହେନାହିଁ ।"

ରୂପକୁମାରୀ ଖଣ୍ଡେ ଆପଲ୍ ଦାନ୍ତରେ ଆସ୍ତେଆସ୍ତେ କାମୁଡ଼ି କହିଲେ—"ଏବେ ମୋର ଦେହ ବିଶେଷ ଭଲ ରହୁନାହିଁ ବାପା । ହୁଏତ ହୋଇପାରେ ଏ ଆକସ୍ମିକ ଋତୁ ପରିବର୍ତ୍ତନ ଲାଗି ।"

ଚନ୍ଦ୍ରଚୂଡ଼ କହିଲେ—"ତମର କଥା ଶୁଣି ହସ ମାଡ଼ୁଛି ଜେମା । ମୋର ଏ ଅଠାବନ ବର୍ଷ ବୟସରେ ସକାଳୁ ମୁଁ ଦଶ ମାଇଲ ଘୋଡ଼ା ପିଠିରେ ବୁଲି ଆସିପାରୁଛି । ଦିନକ ପାଇଁ ସୁଦ୍ଧା ଅଗ୍ନିମାନ୍ଦ୍ୟ କ'ଣ ମୁଁ ଜାଣିଲିନାହିଁ । ତାର କାରଣ କ'ଣ ଜାଣ ଜେମା ? ଆତ୍ମପ୍ରତ୍ୟୟ ମୋର ଦୈହିକ ଓ ମାନସିକ ସ୍ୱାସ୍ଥ୍ୟର ଏକମାତ୍ର ବୀଜମନ୍ତ୍ର । ଐଶୀଶକ୍ତିରେ ବିଶ୍ୱାସ ନ ଥିଲେ ଆତ୍ମବିଶ୍ୱାସ ଆସେନାହିଁ । ଆତ୍ମବିଶ୍ୱାସ ନ ଥିଲେ, କାଳ ଓ ସ୍ଥିତିରେ ତମର ଯେ ଏକ ସୁନିର୍ଦ୍ଦିଷ୍ଟ ଅବସ୍ଥିତି ଅଛି, ସେ ପ୍ରତ୍ୟୟ ରହେନାହିଁ । ତେଣୁ ଜୀବନ ହୁଏ ବିଶୃଙ୍ଖଳ; ସମୟାନୁବର୍ତ୍ତିତାର କୌଣସି ମୂଲ୍ୟ ରହେ ନାହିଁ । କାରଣ ସମସ୍ତ ମନେହୁଏ ନିରର୍ଥକ ।"

ଚନ୍ଦ୍ରଚୂଡ଼ ଡିମ୍ବ ଫ୍ରାଇର ହଳଦିଆ ଅଂଶରେ ଖଣ୍ଡେ ରୁଟି ଭିଜାଇ ଧୀରେ ଧୀରେ ଚୋବାଇ କହିଲେ···"ଶିଶୁ ଯାହାର ଅର୍ଥ ବୁଝି ନ ପାରେ, ତାକୁ ଅର୍ଥହୀନ ଭାବି ଭାଙ୍ଗିଲା ପରି ଜୀବନ ନିରର୍ଥକ ମନେ ହେଲେ ମଣିଷ ହୁଏ ହୁଏତ ସନ୍ନ୍ୟାସୀ, ନୋହିଲେ ବିପ୍ଳବୀ । ଦୁଇଟିଯାକ ଅବସ୍ଥାର ଭିତ୍ତି ଆତ୍ମନିଗ୍ରହ ଉପରେ ପ୍ରତିଷ୍ଠିତ ।···ବୁଦ୍ଧ ଓ ହିଟ୍‌ଲର ଦୁହିଙ୍କର ବିକାଶ ସମାନ ପରିସ୍ଥିତିରେ । ଦୁହିଙ୍କର

ଆତ୍ମପ୍ରତ୍ୟୟ ନ ଥିଲା ।...ତାପରେ ଉପନିଷଦ ପଢ଼ା ତମର ଶେଷ ହେଲାଣି ତ ଜେମା ?"

ରୂପକୁମାରୀ ଉପନିଷଦର କଥା ଶୁଣି ଥରେ ଭୟବିହ୍ୱଳ ଆଖିରେ ଚାହିଁଲେ ଚନ୍ଦ୍ରଚୂଡ଼ଙ୍କ ଆଡ଼େ, ତାପରେ ଆଖି ପୁଣି ତଳକୁ ନୁଆଁଇ ନେଲେ ।

ଡାଇନିଂ ରୁମ୍ ଭିତରକୁ ଆସିଲେ ବୃଦ୍ଧ ରାଉତରାୟ । ହାତରେ ତାଙ୍କର ଗୋଟିଏ ଟେଲିଗ୍ରାମ୍ । ଚନ୍ଦ୍ରଚୂଡ଼ ନାପ୍‌କିନ୍‌ରେ ମୁହଁ ପୋଛି ପଚାରିଲେ...“କି ଟେଲିଗ୍ରାମ୍ ରାଉତରାୟ ?”

ରାଉତରାୟ କହିଲେ—“ବୀରଗଞ୍ଜର ଲାଲ ମିହିରଭାନୁ ଦେବ ଆଜି ଏଠାରେ ଲଞ୍ଚ କରିବେ ବୋଲି ଟେଲିଗ୍ରାମ୍ କରିଛନ୍ତି ।”

ରୂପକୁମାରୀ ଚନ୍ଦ୍ରଚୂଡ଼ଙ୍କ କପ୍‌ରେ କଫି ଢାଳୁଥିଲେ । କେଇ ବିନ୍ଦୁ କଫି ଟେବୁଲକ୍ଲଥ୍ ଉପରେ ଢାଳି ହୋଇଗଲା । ଚନ୍ଦ୍ରଚୂଡ଼ ସେଇଆକୁ ଲକ୍ଷ୍ୟ କରି ପଚାରିଲେ –“ମିହିରଭାନୁ ? କାହିଁକି ଆସୁଛନ୍ତି ?”

ରାଉତରାୟ କହିଲେ—“ଚଢ଼େଇ ଶିକାର ପାଇଁ ।”

ଚନ୍ଦ୍ରଚୂଡ଼ ବାମହାତ କଫିକପ୍ ଦେହରେ ଧୀରେ ଧୀରେ ଆଙ୍ଗୁଠିରେ ଟିପା ମାରି କହିଲେ—“ବେଶ୍ ତ, ଷ୍ଟେସନକୁ ଗାଡ଼ି ପଠାଇ ଦିଅ, ଆଉ ତଳେ ଗେଷ୍ଟ୍‌ହାଉସରେ ଗୋଟାଏ ଘର ଠିକଣା କରିଦିଅ । ଲଞ୍ଚ ଟାଇମ୍‌ରେ ଯଦି ପହଞ୍ଚୁଥାନ୍ତି, ତାହେଲେ ଖାନ୍‌ସାମାକୁ କହିଦେଇପାର !”

ରାଉତରାୟ କହିଲେ—“ସେ କାରରେ ସିଧା ଆସି ପହଞ୍ଚିବେ ।”

ଚନ୍ଦ୍ରଚୂଡ଼ କହିଲେ—“ତା ହେଲେ ତମ ଦାୟିତ୍ୱ ତ ସେହି ପରିମାଣରେ ଊଣା ହୋଇଗଲା ! ଆଉ କଣ କହୁଛ ?”

ରାଉତରାୟ ଚାଲିଗଲେ ।

ଚନ୍ଦ୍ରଚୂଡ଼ କହିଲେ—“ଜେମା, ଏ କେତେ ବିନ୍ଦୁ କଫି ତଳେ ଢାଳିଲ କାହିଁକି ?”

ରୂପକୁମାରୀ ବିରକ୍ତିମିଶ୍ରିତ କଣ୍ଠରେ କହିଲେ—“ଏ ଆକସ୍ମିକ । ଏଣୁ ଏହାର କାରଣ ନାହିଁ ।”

ଚନ୍ଦ୍ରଚୂଡ଼ କହିଲେ—“ଆକସ୍ମିକ ହେଲେ ବି ଏହା ଏକ କାର୍ଯ୍ୟ । ତେଣୁ ନିଶ୍ଚୟ ଏହାର କାରଣ ଅଛି ।”



ତଳେ ଶୁଭିଲା କାହାର ବେପରୁଆ ହୁଇସିଲ୍, କୌଣସି ଗୋଟିଏ ସୁର ଧରି । ଚନ୍ଦ୍ରଚୂଡ଼ କପ୍‌ରୁ ଢୋକେ କଫି ପିଇ ପଚାରିଲେ—“ଯୁବରାଜ, ନୁହେଁ ଜେମା ?”

ରୂପକୁମାରୀ ନିଜ ପାଇଁ କପେ କଫି ତିଆରି କରୁ କରୁ କହିଲେ—“ହୁଇସିଲ୍ ଯେତେବେଳେ କାର୍ଯ୍ୟ, ଯୁବରାଜ ଛଡ଼ା ଆଉ କଏ ତାର କାରଣ ଥାଇପାରେ ?”

ଚନ୍ଦ୍ରଚୂଡ଼ କଫି ଶେଷ କରି ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲେ ରୂପକୁମାରୀଙ୍କ ଆଡ଼େ । ତା ପରେ ଉଠୁ ଉଠୁ କହିଲେ—“ଯୁବରାଜ ଆସିବା ମାତ୍ରେ ମୋ ପାଖକୁ ପଠାଇଦେବ ଜେମା !”

ଚନ୍ଦ୍ରଚୂଡ଼ ଯିବା ପରେ ରୂପକୁମାରୀ ସ୍ୱସ୍ତିର ଗୋଟିଏ ଦୀର୍ଘଶ୍ୱାସ ଛାଡ଼ିଲେ । ‘ମିହିରଭାନୁ ତା’ହେଲେ ଆସୁଅଛନ୍ତି ଆଜି । ନା-ନା, ଗୋଟାଏ ଚରମ ନିଷ୍ପତ୍ତି କରିବା ପାଇଁ ପଡ଼ିବ । ଜଣକର ମୂଲ୍ୟବୋଧକୁ ସମ୍ମାନ ଦେବା ପାଇଁ ନିଜର ମୂଲ୍ୟବୋଧକୁ ବିସର୍ଜନ ଦେବା ଚଳେନାହିଁ । ଏଇଥର ଗୋଟାଏ ଚରମ ନିଷ୍ପତ୍ତି ନେବା ପାଇଁ ପଡ଼ିବ ।’ କଫି କପ୍ ଟେବୁଲ ଉପରୁ ଉଠାଇ ଧରୁ ଧରୁ ସେଥିରୁ କେଇବିନ୍ଦୁ କଫି ଚହଲି ପୁଣି ତଳେ ପଡ଼ିଗଲା ।

ଭିତରକୁ ଆସିଲେ ଯୁବରାଜ ନରେନ୍ଦ୍ର ରାୟ ଚୂଡ଼ାମଣି । ରୂପକୁମାରୀଙ୍କଠାରୁ ସେ ବୟସରେ ମୋଟେ ସାତବର୍ଷ ବଡ଼ । ତଥାପି ଦିଶୁଛନ୍ତି ବୟସରେ ତା ଅପେକ୍ଷା ଅଧିକା ପାଞ୍ଚବର୍ଷ ବେଶି । ପରିଧାନରେ ଖାକି ପାଇଜାମା, ଆଉ ପାଉଁଶିଆ ରଙ୍ଗର ଗୋଟାଏ ବୁସ୍‌କୋଟ୍ । ମୁଣ୍ଡର ବାଳ ଅସଂଯତ ଭାବରେ କପାଳ ଉପରେ ଇତଃସ୍ତତ ହୋଇଛି ।

ଡାହାଣ ହାତର ଦୁଇ ଆଙ୍ଗୁଠି ସିଗାରେଟ୍ ଧୂଆଁର ନିକୋଟିନ୍‌ରେ ହଳଦିଆ ପଡ଼ି ଆସିଛି । ସେହି ଦୁଇ ଆଙ୍ଗୁଠି ମଝିରେ ଖଣ୍ଡେ ସିଗାରେଟ ଚାପି ନରେନ୍ଦ୍ର ଉଚ୍ଛ୍ୱସିତ କଣ୍ଠରେ ଚିତ୍କାର କରି ଉଠିଲେ—“ହେଲୋ ବେବି !”

ଗତ ଏକ ସପ୍ତାହ ଧରି ନରେନ୍ଦ୍ର କୁଆଡ଼େ ବୁଲୁଥିଲେ, ଆଜି ଫେରୁଛନ୍ତି । ନରେନ୍ଦ୍ର ଜେମାଙ୍କର କଫି କପ୍‌ଟା ନିଜ ପାଖକୁ ଟାଣି କହିଲେ—“ତା’ପରେ ? ମହାରାଜ ଖୁବ୍ ରାଗିଛନ୍ତି, ନା ?”

ରୂପ କୁମାରୀ କହିଲେ—"ବାପାଙ୍କୁ ଏପରି ପରିହାସ କରିବା ପାଇଁ ତମକୁ ସଙ୍କୋଚ ଲାଗେନାହିଁ ?"

ନରେନ୍ଦ୍ର କଫି କପ୍‌ରୁ କେଇ ଢୋକ କଫି ପିଇ କହିଲେ—"କିଏ କାହାକୁ ପରିହାସ କରୁଛି ଜେମା ? ବାପା ତ ନିଜେ ପରିବର୍ତ୍ତନଶୀଳ କାଳ ପ୍ରତି ଏକ ବିରାଟ ପରିହାସ । କାଳ ସହିତ ଘାଲସ୍ କରିବାକୁ ମଣିଷ ବାଧ୍ୟ । ଜାଣ ତ ଜେମା, ଡାଇନୋସରସ ପରି ପ୍ରାଗୈତିହାସିକ ପଶୁ ଆକାରରେ, ବଳରେ, ବିକ୍ରମରେ ଥିଲା ଅତୁଳନୀୟ; ମାତ୍ର ଆଜି ପୃଥିବୀରେ ତାର ଅସ୍ତିତ୍ୱ ଲୋପ ପାଇଯାଇଛି କେବଳ କାଳର ପରିବର୍ତ୍ତନ ସଙ୍ଗେ ନିଜକୁ ଖାପ ଖୁଆଇ ପାରି ନ ଥିବା ହେତୁ ।"

ରୂପ କୁମାରୀ ନିଜ ପାଇଁ ଆଉ ଗୋଟିଏ କପ୍‌ରେ କଫି ଢାଳୁ ଢାଳୁ କହିଲେ—"କିନ୍ତୁ ତା ବୋଲି ତମର ମତାମତ ଅନ୍ୟ ଉପରେ ଚପାଇବା ମଧ୍ୟ ଅନ୍ୟାୟ ।"

ନରେନ୍ଦ୍ର କହିଲେ—"ବାପାଙ୍କର ମତାମତ ତମ ପରି ନିର୍ବିବାଦରେ ସହ୍ୟ କରିବା ମୋ ପକ୍ଷରେ କିନ୍ତୁ ଅସମ୍ଭବ ଜେମା !"

ରୂପକୁମାରୀ ଖିନ୍ନ-ବ୍ୟାକୁଳ କଣ୍ଠରେ କହିଲେ—"ବାପା ତାଙ୍କ ଲାଇବ୍ରେରୀରେ ତମ ପାଇଁ ଅପେକ୍ଷା କରି ବସିଛନ୍ତି ! ତମର ଏ ପ୍ରକାର କଥା ଶୁଣିଲେ ତାଙ୍କ ମନରେ ଦୁଃଖ ହେବ ।"

ନରେନ୍ଦ୍ର କଫି କପ୍‌ଟା ଟେବୁଲ ଉପରେ ରଖିଦେଇ ଉଠି ଚାଲିଗଲେ ।

ଚନ୍ଦ୍ରଚୂଡ଼ଙ୍କର 'ଷ୍ଟଡ଼ି ରୁମ୍‌ଟି' ଏକ ପ୍ରକାଣ୍ଡ ହଲ୍ ପରି ଘର । ଘରର ଚାରିପଟେ ବଡ଼ ବଡ଼ କାଚ ଆଲମାରୀରେ ଅସୁମାରି ବନ୍ଧେଇ ବହି । ସୁନେଲି ଅକ୍ଷରରେ ବହି ଓ ଲେଖକମାନଙ୍କର ନାମ ଅସ୍ପଷ୍ଟ ଭାବରେ ଦେଖାଯାଏ । ହଲ ମଝିରେ ଗୋଟିଏ ଗୋଲ ଟେବୁଲ ଉପରେ, ଚାଇନା ମାଟିରେ ଗୋଟିଏ ପ୍ରକାଣ୍ଡ ପାତ୍ରରେ ରଜନୀଗନ୍ଧାର



ସ୍ତବକ । ତଳେ ବିଛା ହୋଇଛି ବହୁଦିନର ଦାମୀ ଗାଲିଚା, ସ୍ଥାନେ ସ୍ଥାନେ ଛିଣ୍ଡି କ୍ଷତଚିହ୍ନ ପରି ଦିଶୁଛି । ହଲର ଗୋଟିଏ କୋଣକୁ ଗୋଟିଏ ଝରକା ପାଖରେ ଖଣ୍ଡେ ଟେବୁଲ୍ । ଟେବୁଲ୍‌କୁ ଘେରି ଦୁଇ ତିନିଖଣ୍ଡ ଚଉକୀ ପଡ଼ିଛି । ଆଗେ ଚନ୍ଦ୍ରଚୂଡ଼ ଏଇଠି ବସି, ସକାଳ ଦଶଟାଠାରୁ ଦିନ ଦୁଇଟା ପର୍ଯ୍ୟନ୍ତ ଏଷ୍ଟେଟ୍‌ର କାର୍ଯ୍ୟ ବୁଝାବୁଝି କରୁଥିଲେ । ଏବେ ଅବଶ୍ୟ ଏଷ୍ଟେଟର କୌଣସି କାର୍ଯ୍ୟ ନାହିଁ କହିଲେ ଚଳେ । ତଥାପି ଚନ୍ଦ୍ରଚୂଡ଼ଙ୍କ ଦୈନନ୍ଦିନ କାର୍ଯ୍ୟନିର୍ଘଣ୍ଟରେ କୌଣସି ବ୍ୟତିକ୍ରମ ହୁଏନାହିଁ । ସକାଳ ଦଶଟାରୁ ଦିନ ଦୁଇଟା ପର୍ଯ୍ୟନ୍ତ ସେ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ଖବରକାଗଜ ପଢ଼ନ୍ତି କିମ୍ବା କ୍ୱଚିତ ଚିଠିପତ୍ର ଲେଖାଲେଖି କରନ୍ତି । ଚନ୍ଦ୍ରଚୂଡ଼ ଖଣ୍ଡେ ଖବରକାଗଜ ପଢ଼ୁଥିଲେ । ନରେନ୍ଦ୍ର ନିଃଶବ୍ଦରେ ଆସି ଚନ୍ଦ୍ରଚୂଡ଼ଙ୍କ ଟେବୁଲ ପାଖରେ ଠିଆ ହେଲେ । ଝରକା ବାଟେ ଦେଖାଯାଏ ଅଦୂରର ନୀଳ ପର୍ବତ-ଶ୍ରେଣୀର ଛନ୍ଦାୟିତ ବିସ୍ତାର, ପାଷାଣରେ ନାରୀର ଅଳସ-ଦେହଲତା ଯେପରି ଲୀଳାୟିତ ହୋଇଛି । ନରେନ୍ଦ୍ର ସେଇଆଡ଼େ ଚାହିଁ ଦେଖୁଥିଲେ, ଚନ୍ଦ୍ରଚୂଡ଼ କାଗଜ ଉପରୁ ମୁହଁ ନ ଉଠାଇ କହିଲେ, "ବସ !"

ନରେନ୍ଦ୍ର ଖଣ୍ଡେ ଚଉକୀ ଉପରେ ଅସହିଷ୍ଣୁ ଭାବରେ ବସି ପଡ଼ିଲେ । ଦୁଇ ମିନିଟ୍, ତିନି ମିନିଟ୍, ପାଞ୍ଚ ମିନିଟ୍...ଚନ୍ଦ୍ରଚୂଡ଼ ସେହିପରି ଖବର କାଗଜ ପଢ଼ୁଛନ୍ତି । ନରେନ୍ଦ୍ର ଖଣ୍ଡେ କାଗଜ ଉପରେ ପେନ୍‌ସିଲରେ ତ୍ରିକୋଣ, ବୃତ୍ତ, ଚତୁଷ୍କୋଣ, ମଣିଷର ମୁହଁ ଇତ୍ୟାଦି ଅନ୍ୟମନସ୍କ ଭାବରେ ଗାରେଇବାରେ ଲାଗିଲେ ।

ଚନ୍ଦ୍ରଚୂଡ଼ ଖବରକାଗଜ ଭାଙ୍ଗିଭୁଙ୍ଗି ରଖିଦେଇ କହିଲେ—"ମଣିଷର ଅନ୍ୟ ଜୀବଜନ୍ତୁଙ୍କ ଠାରୁ କି ମୌଳିକ ପାର୍ଥକ୍ୟ ଅଛି, କହିପାରିବ ନରେନ୍ଦ୍ର ?"

ନରେନ୍ଦ୍ର କହିଲେ, "ମଣିଷ କେବଳ ଗୋଟିଏ ମାନବିକ ପଶୁ—ଏଇ ଯାହା ପାର୍ଥକ୍ୟ ।"

ଚନ୍ଦ୍ରଚୂଡ଼ କହିଲେ—"ସେ ମାନବିକ ପଶୁର ଲକ୍ଷଣ ଓ ବ୍ୟଞ୍ଜନା କ'ଣ ନରେନ୍ଦ୍ର ?"

ନରେନ୍ଦ୍ର ଉତ୍ତର ଭାବୁଥାନ୍ତି, ଚନ୍ଦ୍ରଚୂଡ଼ କହିଲେ—"ବିକାରଗ୍ରସ୍ତ ମସ୍ତିଷ୍କ ମଣିଷର ଏକମାତ୍ର ଲକ୍ଷଣ । ନିଶ୍ଚଳ ହୋଇ ମଣିଷ ଦୁଇ ଦଣ୍ଡ ବସିପାରେନାହିଁ । ସବୁ ମୁହୂର୍ତ୍ତରେ ତାର କିଛି ନା କିଛି ଗୋଟାଏ କର୍ମ ଆବଶ୍ୟକ—ସୁକର୍ମ ହେଉ ବା ଦୁଷ୍କର୍ମ ହେଉ । କିଛି ନ ମିଳିଲେ ତାର ମସ୍ତିଷ୍କ ବିକାର ପରିସ୍ଫୁଟ ହୋଇପଡ଼େ । ଏଇ ତମେ ଯେମିତି ସେ କାଗଜ ଖଣ୍ଡିକରେ ନିଜ ମସ୍ତିଷ୍କବିକାରର ପରିଚୟ ଦେଇଛ । ସେ ଚିହ୍ନଗୁଡ଼ାକର ଅର୍ଥ କହିପାରିବ ନରେନ୍ଦ୍ର ?"

ନରେନ୍ଦ୍ର ନିରବ ରହିଲେ । ମୁହଁରେ ତାଙ୍କର ଅସହିଷ୍ଣୁ ବିରକ୍ତିର ଭାବ ଫୁଟି ଉଠିଲା । ଚନ୍ଦ୍ରଚୂଡ଼ ପାଇପ୍‌ରେ ନିଆଁ ଲଗାଇ ପଚାରିଲେ—"ତା ପରେ ! ତେଲ-ହଳଦୀ ଇଲାକାରେ ପ୍ରଜାମାନଙ୍କୁ ଭାଗଚାଷର ପ୍ରାପ୍ୟ ନ ଦେବା ପାଇଁ ଖୁବ୍ ମତେଇ ଦେଇଛ, ନୁହେଁ ?"

ନରେନ୍ଦ୍ର ଉତ୍ତେଜିତ କଣ୍ଠରେ କହିଲେ—"ଗୋଟିଏ ଶସ୍ୟକଣା ସୁଦ୍ଧା ଆପଣଙ୍କୁ ନ ଦେବା ପାଇଁ ସେମାନେ ତିଆର୍ ।"

ଚନ୍ଦ୍ରଚୂଡ଼ ଶାନ୍ତ କଣ୍ଠରେ ପଚାରିଲେ—"କେଉଁ ଦାବୀରେ ?"

ନରେନ୍ଦ୍ର ଉତ୍ତର ଦେଲେ—"କେଉଁ ଦାବୀରେ ! କେଉଁ ଦାବୀରେ ଆପଣ ବା ସେମାନଙ୍କଠାରୁ ଭାଗ ଆଦାୟ କରୁଛନ୍ତି ? ଦେହରୁ ରକ୍ତ ନିଗାଡ଼ି ଯେ ମାଟିରେ ଫଳାଇଲା ସୁନାର ଫସଲ, ତାର ଦାବୀ ରହିବ ନାହିଁ ସେ ଫସଲ ଉପରେ, ଆଉ ରହିବ ଆପଣଙ୍କର ?"

ଚନ୍ଦ୍ରଚୂଡ଼ କହିଲେ—"ଖାଲି ଦେହର ରକ୍ତ ନିଗାଡ଼ି ଦେଲେ ଫସଲ ହୋଇ ଯାଏନାହିଁ ନରେନ୍ଦ୍ର; ସେଥିପାଇଁ ଭୂମି ମଧ୍ୟ ପ୍ରୟୋଜନ । ଭୂମି ମୋର । ତେଣୁ ଲାଭରେ ମଧ୍ୟ ମୋର ଅଂଶ ଅଛି ।"

ନରେନ୍ଦ୍ର କହିଲେ—"କିନ୍ତୁ ଭୂମି ସମାଜର ଏକ ସମୂହ ସମ୍ପଦ । ଅତଏବ ଭୂମିର ଲାଭାଂଶ ଉପରେ କାହାର ବ୍ୟକ୍ତିଗତ ଦାବୀ ଥାଇ ନ ପାରେ ।"

ଚନ୍ଦ୍ରଚୂଡ଼ ପାଇପ୍‌ରୁ କଳେ ଧୂଆଁ ଛାଡ଼ି କହିଲେ—"ତାହେଲେ ଶ୍ରମ ମଧ୍ୟ ଏକ ସାମାଜିକ ସମ୍ପଦ ହେବା ଉଚିତ । ଶ୍ରମର ଲାଭାଂଶ ଉପରେ ତେଣୁ କାହାର ମଧ୍ୟ ବ୍ୟକ୍ତିଗତ ଦାବୀ ରହିବା ଉଚିତ ନୁହେଁ ! ଶ୍ରମକୁ ସାମାଜିକ ସମ୍ପଦ ରୂପେ ଘୋଷଣା କରିବା ପାଇଁ ତମେ ପ୍ରସ୍ତୁତ ଅଛ ତ ?"



ନରେନ୍ଦ୍ର କହିଲେ—"ଏ ପ୍ରତିକ୍ରିୟାଶୀଳ ସାମନ୍ତବାଦୀ ଯୁକ୍ତିରେ କିନ୍ତୁ ଆପଣ ଅସଲ ସମସ୍ୟା ଏଡ଼ି ଦେଇ ପାରିବେ ନାହିଁ !"

ଚନ୍ଦ୍ରଚୂଡ଼ କହିଲେ—"ମୁଁ ଜାଣେ ନରେନ୍ଦ୍ର, ସେହିପରି ଲୋକଙ୍କୁ ମତାଇ କ୍ଷମତାର ମୋହ ଚରିତାର୍ଥ କରିବା ସହଜ, କିନ୍ତୁ ଲୋକଙ୍କଠାରୁ କ୍ଷମତାର ଏ ଦାନ ଭିକ୍ଷା କାହିଁକି ? ମୁଁ ଜାଣେ ଦିନେ ସେଇମାନଙ୍କର କ୍ଷମତା ପାଇ ତୁମେ ସେମାନଙ୍କୁ ଆହୁରି ଶୋଷିତ ଓ ନିର୍ଯ୍ୟାତିତ କରିବ । କିନ୍ତୁ ମୁଁ କହେ, କ୍ଷମତାର ଲାଳସା ଚରିତାର୍ଥ କରିବାକୁ ଚାହଁ ତ, ତମର ପୂର୍ବପୁରୁଷମାନେ ଯାହା କରିଥିଲେ, ସେଇଆ କର । ହାତେ ଖଣ୍ଡା ଧରି ପ୍ରବଳକୁ ଜୟ କର, ଶାସନ କର । ସେଥିରେ ଅଭିନୟ ନାହିଁ, ପ୍ରତାରଣା ନାହିଁ ।"

ନରେନ୍ଦ୍ର ଉତ୍ତର ଦେଲେ—"ଆଜି ଏ ପ୍ରକାର ମନୋଭାବ ସୁଦ୍ଧା କେହି ପୋଷଣ କରିପାରେ, ତାହା ହିଁ ମୋତେ ଆଶ୍ଚର୍ଯ୍ୟ ଲାଗୁଛି ।"

ଚନ୍ଦ୍ରଚୂଡ଼ କହିଲେ—"ନରେନ୍ଦ୍ର, ଭାବି ଦେଖ ! ଦିନେ ଖାଲି ତେଲହଳଦୀ ଇଲାକା କାହିଁକି, ରାୟ-ଚୂଡ଼ାମଣି ଏଷ୍ଟେଟ୍‌ର ସୁଦ୍ଧା ଅସ୍ତିତ୍ୱ ନ ଥିଲା । ବୈଶ୍ୟଗଞ୍ଜନ ରାୟଚୂଡ଼ାମଣି ଯେଉଁଦିନ ଏ ଭୂମିରେ ପାଦ ଦେଇଥିଲେ, ସେ ଦିନ ଏ ମାଟିରେ ହୁଏତ ମଣିଷ ନ ଥିଲେ, ଥିଲା କେବଳ ଶାଳ ଜଙ୍ଗଲ ଆଉ ପର୍ବତ । ତାପରେ ପାହାଡ଼ ହାଣି, ଜଙ୍ଗଲ କାଟି ଗଢ଼ା ହେଲା ରାୟଗଡ଼ । ତା ପୂର୍ବରୁ ଏହି ଭୂମିରେ ଆଉରି ସୁଦୂର ଅତୀତରେ ଥିଲା ଆଦିମ ମନୁଷ୍ୟର ପ୍ରାଗୈତିହାସିକ ସମାଜବାଦ । କିନ୍ତୁ କହି ପାରିବ ନରେନ୍ଦ୍ର, ସେ ପ୍ରାଚୀନ ସମାଜବାଦ ଭିତରୁ ସମ୍ଭବ ହେଲା କିପରି ରାଜାର, ରାଜ୍ୟର, ସାମ୍ରାଜ୍ୟର ? ଶାଳଜଙ୍ଗଲ ଭିତରୁ ଗଢ଼ି ଉଠିଲା କିପରି ରାୟଗଡ଼ ? ସଭ୍ୟତାର ଇତିହାସ, ବ୍ୟକ୍ତି ଓ ବ୍ୟକ୍ତିତ୍ୱର କାହାଣୀ; ବ୍ୟକ୍ତିଗତ ସମ୍ପତ୍ତି ଓ ଅଧିକାର ଉପରେ ସମାଜ ଓ ସଭ୍ୟତାର ପ୍ରତିଷ୍ଠା ? କେବଳ ସ୍ଲୋଗାନ୍ ଦେଇ ତମେ ସେ ସତ୍ୟକୁ ଉଡ଼ାଇ ଦେଇପାରିବ ନାହିଁ ନରେନ୍ଦ୍ର ।"

ନରେନ୍ଦ୍ର କହିଲେ—"ପ୍ରିଜୁଡ଼ିସ୍ ନେଇ ଯୁକ୍ତି ଚଳେନା ।"

ନରେନ୍ଦ୍ର ଚାଲିଗଲେ ।

ଚନ୍ଦ୍ରଚୂଡ଼ ଅଣ୍ଟା ପଛପଟେ ଦୁଇବାହୁ ଛନ୍ଦି ହଲ୍ ଭିତରେ ପାଦଚାରଣା କରିବାରେ ଲାଗିଲେ । ରାଉତରାୟଙ୍କର ଖୁଁ ଖୁଁ କାଶ ଶୁଭିଲା—ତାଙ୍କର ଏହା ଚିରଚରିତ ପୂର୍ବାଭାସ । ଚନ୍ଦ୍ରଚୂଡ଼ ସେହିପରି ତଳକୁ ମୁଣ୍ଡ ନୁଆଇଁ ପଦଚାରଣା କରୁ କରୁ କହିଲେ—"ଆସ ରାଉତରାୟ ।"

ରାଉତରାୟ ଚନ୍ଦ୍ରଚୂଡ଼ଙ୍କର ଯଥାସମ୍ଭବ ନିକଟକୁ ଆସି କହିଲେ—"ତେଲହଳଦୀ ଇଲାକା ପାଇଁ ଦଶଲକ୍ଷ ଟଙ୍କା ମିଳୁଛି ! ଆଉ ଲକ୍ଷେ ପର୍ଯ୍ୟନ୍ତ ଦର କଷାକଷିରେ ବଢ଼ିପାରେ । ହଜୁର ରାଜି ହୁଅନ୍ତୁ ତ କଥାଟା ପକ୍କା ହୋଇଯାଆନ୍ତା !"

ଚନ୍ଦ୍ରଚୂଡ଼ ପାଇପ୍‌ରୁ କଳେ ଧୂଆଁ ଛାଡ଼ି କହିଲେ—"ନା, ତା'ର ପ୍ରୟୋଜନ ପଡ଼ିବ ନାହିଁ ରାଉତରାୟ ।"

ରାଉତରାୟ ଶଙ୍କିତ କଣ୍ଠରେ ପଚାରିଲେ, "ତାହେଲେ ଯାନଜେମାଙ୍କ ଟୀକାଟା ଚଳିବ କିପରି ?"

ଚନ୍ଦ୍ରଚୂଡ଼ କହିଲେ—"ଟୀକା ପାଇଁ ତମକୁ ବ୍ୟସ୍ତ ହେବାକୁ ପଡ଼ିବନାହିଁ ରାଉତରାୟ । ମିହିରଭାନୁ ଆସିଛନ୍ତି ?"

ରାଉତରାୟ କହିଲେ—"ହଁ, ଏଇ ପନ୍ଦର ମିନିଟ ହେବ ଆସି ପହଞ୍ଚିଲେ । ଖବର ଦେବି ?"

ଚନ୍ଦ୍ରଚୂଡ଼ ପାଇପ୍‌ରୁ ଧୂଆଁ କଳେ ଛାଡ଼ି ରାଉତରାୟଙ୍କ ଆଡ଼େ ସ୍ଥିର ଦୃଷ୍ଟିରେ ଚାହିଁ କହିଲେ—"ନା ।"

ରାଉତରାୟ ଚାଲିଗଲେ ।

ଚନ୍ଦ୍ରଚୂଡ଼ ବୁଲିବୁଲି ଦେଖିଲେ କାନ୍ଥରେ ଚୂଡ଼ାମଣି ବଂଶର ପୂର୍ବପୁରୁଷମାନଙ୍କର ପ୍ରତିକୃତି । ଅନଙ୍ଗ ରାୟ ଚୂଡ଼ାମଣି ପଞ୍ଚମ ବଂଶଧର । ଜରିଦାର୍ ଶେରୱାନୀ, ଅଚକନ, ପାଦରେ ଜରିଦାର ଜୋତା, ସୁନାର ଖୋଲ ଭିତରେ ଖଣ୍ଡା ଅଣ୍ଟାର ବାଁ ପାଖରେ ଝୁଲୁଛି । ମୁଣ୍ଡରେ ସୁନେଲି ପଗଡ଼ି । ଅନଙ୍ଗ ବିଶାଳବପୁ ଥିଲେ । ପ୍ରକାଣ୍ଡ ମୁହଁରେ ଦୁଇପଟ ବାଘୁଆ ନିଶ କୁଣ୍ଡଳୀ ମୋଡ଼ି ଉପରକୁ ଉଠିଯାଇଛି । ଚନ୍ଦ୍ରଚୂଡ଼ ନିଜର ଦୁଇପଟ ନିଶ ଉପରେ ବାଁ ହାତରେ କେଇଥର ଅଙ୍ଗୁଳି ବୁଲାଇନେଲେ । ଷଷ୍ଠ ବଂଶଧର ମୁକୁନ୍ଦ ରାୟ ଚୂଡ଼ାମଣି, ସପ୍ତମ



ବଂଶଧର ଗଙ୍ଗେଶ୍ୱର ରାୟ ଚୂଡ଼ାମଣି । ଅଷ୍ଟମ ବଂଶଧର ଚନ୍ଦ୍ରଚୂଡ଼ଙ୍କର ପିତାମହ ପ୍ରତାପରାୟ ଚୂଡ଼ାମଣି । ତାଙ୍କର ଅମଳରେ ରାୟଗଡ଼ ବ୍ରିଟିଶ ଦ୍ୱାରା ଖାସ୍ ହୋଇ ଜମିଦାରୀ ମହାଲରେ ପରିଣତ ହୋଇଥିଲା । ରଙ୍ଗ ଓ ତୁଳୀର ଆସ୍ତରଣ ତଳେ ତଥାପି ଏବେ ବି ଯେପରି ଉଦ୍ଦୀପିତ ହେଉଛି ପ୍ରତାପରାୟ ଚୂଡ଼ାମଣିଙ୍କର ପୌରୁଷ ଓ ବୀରତ୍ୱ । ବ୍ରିଟିଶ ବିରୁଦ୍ଧରେ ଏ ଅଞ୍ଚଳରେ ସେ ହିଁ ପ୍ରଥମେ ଅସ୍ତ୍ର ଉତ୍ତୋଳନ କରିଥିଲେ । ଗୋଟିଏ କଳାଘୋଡ଼ା ଉପରେ ପ୍ରତାପରାୟ ବସିଛନ୍ତି କୋଷବଦ୍ଧ ତରବାରି ଉପରେ ହାତ ରଖି ।

ଥରକ ପାଇଁ ଚନ୍ଦ୍ରଚୂଡ଼ଙ୍କର ଦୁଇ ଶାନ୍ତ, ଗମ୍ଭୀର ଆଖି କଳ୍ପନାର ଉଲ୍ଲାସରେ ଉଦ୍ଭାସିତ ହୋଇ ଉଠିଲା । ଆଉ କିଛି ଲୋଡ଼ା ନାହିଁ ତାଙ୍କର । ସର୍ବସ୍ୱ ବିନିମୟରେ ସେ ଯଦି ପାଇ ପାରନ୍ତେ ଆଉ ଥରେ ଏହିପରି ଗୋଟିଏ ବୀର୍ଯ୍ୟମାନ, ଗତିବାନ ଅଶ୍ୱ, ଆଉ ଖଣ୍ଡେ ଶାଣିତ ତରବାରି ! ଏଇ ପ୍ରତିକୃତିଗୁଡ଼ିକ ଚନ୍ଦ୍ରଚୂଡ଼ଙ୍କର ମନେ ହେଲା ଯେପରି ଏକମାତ୍ର ବାସ୍ତବ ସତ୍ୟ । ଆଉ ଏ ଉଆସ, ରାଉତରାୟ, ନରେନ୍ଦ୍ର, ଜେମା, ବୁଢ଼ାମାଳୀ ଏମାନେ ସମସ୍ତେ ସ୍ୱପ୍ନ ପରି ଉଦ୍ଭଟ ମିଥ୍ୟା ଆଉ ଅଲୀକ···ଅନ୍ତତଃ ଚନ୍ଦ୍ରଚୂଡ଼ଙ୍କ ସହିତ କୌଣସି ଯୋଗସୂତ୍ର ନାହିଁ ସେମାନଙ୍କର । କିନ୍ତୁ ପରମୁହୂର୍ତ୍ତରେ ଚନ୍ଦ୍ରଚୂଡ଼ଙ୍କର ମନେ ହେଲା, ସେ ନିଜେ ଯେପରି ମିଥ୍ୟା ଓ ଅଲୀକ—ଦିବା ଓ ରାତି ମଧ୍ୟରେ ଶେଷ ଆଲୋକର ଅନିଶ୍ଚିତ ରେଖା ପରି !

## ( ତିନି )

ସନ୍ଧ୍ୟା ଆଠଟା ।

ଡିନର୍‌ରେ ବସିଥିଲେ ଚନ୍ଦ୍ରଚୂଡ଼, ଜେମା ଓ ଅତିଥି ମିହିରଭାନୁ । ଜେମାଙ୍କ ସହିତ ମିହିରଭାନୁଙ୍କର ସହପାଠୀ ଦିନରୁ ପୂର୍ବରାଗ ଥିଲା । ମାତ୍ର ତାହା ସେଥିରୁ ଆଉ ବେଶୀ ଦୂର ଅଗ୍ରସର ହୋଇ ପାରି

ନ ଥିଲା । ଏକଦା ଜେମାଙ୍କ ସହିତ ମିହିରଭାନୁଙ୍କର ବିବାହର ସମ୍ବନ୍ଧ ମଧ୍ୟ ଆସିଥିଲା । ମାତ୍ର ସେ ପ୍ରସ୍ତାବ ଚନ୍ଦ୍ରଚୂଡ଼ଙ୍କର ରୁଚିସମ୍ମତ ନ ହେବାରୁ ପ୍ରସ୍ତାବ ସେତିକିରେ ବନ୍ଦ ରହିଥିଲା ।

ଚନ୍ଦ୍ରଚୂଡ଼ଙ୍କର ଆଭିଜାତ୍ୟର ମାପକାଠିରେ ଖଇରଗଞ୍ଜର ରାଜପରିବାର ଅପେକ୍ଷାକୃତ ନିମ୍ନ ସ୍ତରର । ମିହିରଭାନୁ କାଳିମ୍ପଙ୍ଗ ଓ 'ଦେହରାଦୁନ ପ୍ରଭୃତି ଇଂରେଜୀ ସ୍କୁଲର ଆବହାଓ୍ୱାରେ ଗଢ଼ା ଯୁବକ; ମୃଗୟାପ୍ରିୟ, କ୍ରୀଡ଼ାପ୍ରିୟ, ପୁଣି ଆମେରିକା ଓ ଇଉରୋପରେ ବହୁଦିନ ଅତିବାହିତ କରିଛନ୍ତି । ଆମେରିକାର "କାଉ-ହର୍ଡ଼-ବୟ" (Cow herd boy) ଆଚାର ତାଙ୍କୁ ହୁଏତ ବିଶେଷ ଭାବରେ ପ୍ରଭାବିତ କରିଛି । ସେଥିପାଇଁ ପରିଧାନରେ କଳାରଙ୍ଗର ଟ୍ରାଉଜର ଉପରେ ହଳଦିଆ ରଙ୍ଗର ବହୁ ଚକଚକ ହାଓ୍ୱାଇନ୍ ଜାମା । ମିହିରଭାନୁ ନାନା ଦେଶର ନାନା କଥା କହୁଥାନ୍ତି···"ସେଥର କାଲିଫୋର୍ଣ୍ଣିଆରେ ···ଟାଙ୍ଗିୟର୍ ନାଁ ଶୁଣିଛନ୍ତି ଆଜ୍ଞା ? ଅଦ୍ଭୁତ ଦେଶ ଆଜ୍ଞା···ସେଠି ପୁଲିସ ବିଭାଗ ଆମେରିକା ହାତରେ ତ ଶୁଳ୍କ ବିଭାଗ ଇଂଲଣ୍ଡ ହାତରେ ।"

ଚନ୍ଦ୍ରଚୂଡ଼ ବିନା ମନ୍ତବ୍ୟରେ ଶୁଣି ଯାଉଥାନ୍ତି କେବଳ । ଶୁଣୁଥାନ୍ତି କି ନାହିଁ କିଏ ଜାଣେ ? କିନ୍ତୁ ଅତି କୌତୂହଳରେ ଶୁଣୁଥାନ୍ତି ରୂପକୁମାରୀ । ବେଳେବେଳେ ପଚାରୁଥାନ୍ତି···"ତାପରେ ?" ଆଜି ତାଙ୍କର ହୃଦୟରେ ପରମ ଶ୍ରଦ୍ଧା ! ଚନ୍ଦ୍ରଚୂଡ଼ ବେଳେବେଳେ ଲକ୍ଷ୍ୟ କରି ଦେଖୁଥାନ୍ତି, କେବଳ ରୂପକୁମାରୀଙ୍କର ଖାଇବାର ଭଙ୍ଗୀ । ଆଜି ସେ ଅସ୍ୱାଭାବିକ ଭାବରେ ଉଚ୍ଛ୍ୱସିତା, ସଙ୍କୋଚହୀନା, କୂଳପ୍ଲାବିନୀ ବନ୍ୟା ପରି ।

ଡିନର ସରିଲା । କଫିର ପର୍ବ ଶେଷ ହେଲା ପରେ ଚନ୍ଦ୍ରଚୂଡ଼ ପାଇପ୍‌ରେ ନିଆଁ ଲଗାଇ କହିଲେ···

"ମିହିରଭାନୁଙ୍କ ସହିତ ମୋର କେତେକ କଥା ଅଛି ଜେମା । ତୁମେ ଯାଇପାର ।"

ରୂପକୁମାରୀ ଚାଲିଗଲେ ।



ମିହିରଭାନୁ ଖଣ୍ଡେ ସିଗାରେଟରେ ନିଆଁ ଲଗାଇ ଧୂଆଁର କୁଣ୍ଡଳୀ ଭିତରେ ଯେପରି ଚନ୍ଦ୍ରଚୂଡ଼ଙ୍କ ଦୃଷ୍ଟିରୁ ନିଜକୁ ଆବୃତ ରଖିବାର ପ୍ରୟାସ କରୁଥିଲେ ।

ଚନ୍ଦ୍ରଚୂଡ଼ ବିନା ଭୂମିକାରେ ପ୍ରଶ୍ନ କଲେ—"ରାସ୍ତାରେ କୌଣସି ଅସୁବିଧା ହୋଇନାହିଁ ତ ?"

ମିହିରଭାନୁ କହିଲେ—"ନା ଆଜ୍ଞା, ରାସ୍ତାଟା ବେଶ୍ । ତାପରେ ନୂଆ ପାକାର୍ଡ଼ ଗାଡ଼ିଟା ଚାଲୁଛି ମଧ୍ୟ ବେଶ୍ ।"

ଚନ୍ଦ୍ରଚୂଡ଼ ପଚାରିଲେ—"ଘଣ୍ଟାରେ କେତେ ମାଇଲ ସ୍ପିଡ଼୍‌ରେ ଆସିଲ ?"

ମିହିରଭାନୁ କହିଲେ—"ଏଇ ହାରାହାରି ଷାଠିଏରୁ ସତୁରି ।"

ଚନ୍ଦ୍ରଚୂଡ଼ କହିଲେ—"ବାଃ, ମନ୍ଦ ସ୍ପିଡ଼୍ ନୁହେଁ ତ ! କିନ୍ତୁ ଗତିର କାରଣ ଆକାଙ୍‌କ୍ଷା । ତାହେଲେ କି ଆକାଙ୍‌କ୍ଷାରେ ତୁମେ ଘଣ୍ଟାରେ ଏତେ ସ୍ପିଡ଼୍‌ରେ ଆସିଲ, ମୋତେ କହିବ ମିହିରଭାନୁ ?"

ମିହିରଭାନୁ ଧୂଆଁର କୁଣ୍ଡଳୀ ଭିତରେ ଉତ୍ତର ଦେଲେ—"ଆପଣ ଯାହା ଜାଣନ୍ତି, ମୋ ମୁହଁରୁ ତାହା ନ ଶୁଣିଲେ କଣ ଚଳନ୍ତା-ନାହିଁ ?"

ଚନ୍ଦ୍ରଚୂଡ଼ କହିଲେ—"ମୁଁ ଜାଣେ ମିହିରଭାନୁ, ଜେମା ସହିତ ବିବାହ ପାଇଁ ତୁମେ ଖୁବ୍ ଉତ୍କଣ୍ଠିତ । କିନ୍ତୁ ତମେ ଆଉର ମଧ୍ୟ ଜାଣ, ଏ ବିବାହରେ ମୋର ସମ୍ମତି ନାହିଁ ।"

ମିହିରଭାନୁ କହିଲେ—"ମାତ୍ର ଏପରି କ୍ଷେତ୍ରରେ ଆପଣଙ୍କ ସମ୍ମତି ଅପେକ୍ଷା ଜେମାଙ୍କ ସମ୍ମତି ବା ଅସମ୍ମତି ହିଁ ଗ୍ରହଣୀୟ ।"

ଚନ୍ଦ୍ରଚୂଡ଼ କହିଲେ—"ତୁମେ ମୋର ଅତିଥି···ଏହାଛଡ଼ା ଆଉ ବା କି ଉତ୍ତର ମୁଁ ଦେଇପାରେ ମିହିରଭାନୁ ?"

ଚନ୍ଦ୍ରଚୂଡ଼ ଚଉକି ଛାଡ଼ି ଉଠି ଠିଆ ହେଲେ । ରାତି ନ'ଟା ବାଜିଲା ।

( ଚାରି )

ତା' ପରଦିନ ସକାଳ…ନ'ଟା ବାଜିବାକୁ ଆଉ ପନ୍ଦର ମିନିଟ୍ ବାକି । ବ୍ରେକ୍‌ଫାଷ୍ଟ ପୂର୍ବରୁ ଚନ୍ଦ୍ରଚୂଡ଼ ନିତ୍ୟ ନୈମିତ୍ତିକ ପୋଷାକ ପରିବର୍ତ୍ତନ ପାଇଁ ଡ୍ରେସିଂ ଟେବୁଲ ପାଖକୁ ଆସି ଦେଖିଲେ ଜେମାଙ୍କ ହସ୍ତାକ୍ଷରରେ ତାଙ୍କ ନାମରେ ଖଣ୍ଡେ ଚିଠି ଅତରଦାନୀ ଚାପ ତଳେ ରହିଛି ।

ଚନ୍ଦ୍ରଚୂଡ଼ ଚିଠି ଖଣ୍ଡି ଖୋଲି ପଢ଼ିଲେ ।

ସେଥିରେ ଜେମା ଲେଖିଛନ୍ତି, ମିତ୍ରଭାନୁଙ୍କ ସହିତ ସେ ଚାଲି ଯାଉଛନ୍ତି । କାରଣ ହୃଦୟର ମିଳନ ଯେଉଁଠି ହୋଇ ସରିଛି, ସେଠି କୁଳାଚାରର ପ୍ରତିବନ୍ଧକ ଭାଙ୍ଗିବାକୁ ପଡ଼ିବ । ଚନ୍ଦ୍ରଚୂଡ଼ ପରିବର୍ତ୍ତିତ କାଳ ସହିତ ସାଲିସ୍ କରି ନ ପାରିଲେ, ଅପରିବର୍ତ୍ତିତ ପରମ୍ପରା ସହିତ ସେ କପରି ବା ସାଲିସ କରିପାରିବେ ?

ଚନ୍ଦ୍ରଚୂଡ଼ ଚିଠି ଖଣ୍ଡି ଯଥା ସ୍ଥାନରେ ରଖି ଦେଇ ଥରେ ଚାହିଁଲେ ଡ୍ରେସିଂ ଟେବୁଲ ଉପରେ ସ୍ୱର୍ଗତା ମହାରାଣୀଙ୍କର ପ୍ରତିକୃତି ଆଡ଼େ । ତାପରେ ଧୀରେ ଧୀରେ ବାହାରିଗଲେ ଡାଇନିଂ ରୁମ୍ ଉଦ୍ଦେଶ୍ୟରେ । ସିଡ଼ିରେ ଓହ୍ଲାଇବାର ଶବ୍ଦ ଶୁଭୁଥିଲା । ଅଚଞ୍ଚଳ, ଅବିଚଳିତ ଓ ଦୃଢ଼ ପଦଶବ୍ଦ…ଅନ୍ୟ ଦିନମାନଙ୍କ ପରି ।

ଫାଟକ ଘଣ୍ଟାରେ ନ'ଟା ବାଜିଲା !

(୧୯୫୩)

## ॥ ବେଲୁନ୍ ॥

ତା ୫-୫-୧୯୩୯ ।

ସନ୍ଧ୍ୟା ଏଇ ମାତ୍ର ହୋଇଛି ।

ଡାଇରି ଅନେକ ଦିନ ହେଲା ଲେଖିନାହିଁ । ଇଚ୍ଛା ହେଲା ଡାଇରି ଲେଖିବାକୁ । ସେ ମୋର ଗୋଟିଏ ବ୍ୟାଧି । ଦିନେ ଦିନେ ଡାଇରି ଲେଖିବାକୁ ଇଚ୍ଛା ହୁଏ । ଯେତେ ଲେଖିଲେ ବି ମନେ ହୁଏ, ତଥାପି ଯେମିତି ଆଉରି ଅନେକ କିଛି ବାକି ରହିଗଲା ଲେଖିବା ପାଇଁ । ତାପରେ ପୁଣି ବିତିଯାଏ ଅନେକ, ଅନେକ ଦିନ । ଡାଇରି ଯେମିତି କୋଉଠି ବହିଗଦା ଭିତରେ ପଡ଼ିଥାଏ । ଖୋଜି ବାହାର କରେ, ଲେଖେ ।

- ଆଦ୍ୟ ଯୌବନର ସେ କେଉଁ ଶାନ୍ତ, ସୁନ୍ଦର ପ୍ରଭାତରେ ଯଦି କେଉଁ କ୍ଷଣିକାର ସ୍ମୃତି, ଜଳାଭ୍ରମର, ଅତଳ ପାଣିରେ ଫୁଟିଉଠେ ବେଦନାର ନୀଳୋତ୍ପଳ ପରି, ଯଦି ଆକାଶର ନୀଳିମା ମନେ ପକାଇ ଦିଏ ସେଇ କ୍ଷଣିକାର ନୟନର ନୀଳଶ୍ରୀ, ଯଦି…ତା' ହେଲେ କି'ଣ କହିବ ସେହି ମୁଗ୍ଧ ଚେତନାକୁ ? ଭଲ ପାଇବା ? ଏକ ଛନ୍ଦରେ ଦୁଇଟି ପ୍ରାଣର ସ୍ପନ୍ଦନ ? ଦୁଇଟି ଜୀବନର ଗୋଟିଏ ବାଞ୍ଛା ?

ତା'ହେଲେ ମୁଁ କଲ୍ୟାଣୀକୁ ଭଲ ପାଏ ।

ହଁ, କଲ୍ୟାଣୀକୁ ଭଲପାଏ ମୁଁ ।

ତା ୫ । ୫ । ୧୯୪୦

ମୁହୂର୍ତ୍ତ ହିଁ ଜୀବନ ଅସୁମାରି ମୁହୂର୍ତ୍ତର ପ୍ରବାଳରେ ଗୁନ୍ଥା ହୁଏ ଜୀବନର ବରମାଲ୍ୟ ।

କିନ୍ତୁ ସେଇ ଅସୁମାର ମୁହୂର୍ତ୍ତ ଭିତରେ ଆସେ ଏମିତି ଗୋଟିଏ ଗୋଟିଏ ମୁହୂର୍ତ୍ତ, ଯେଉଁ ମୁହୂର୍ତ୍ତ ପରେ ମନେହୁଏ ଏହାପରେ ଆଉ ବଞ୍ଚିରହିବା କାଳର ଏକ ବିରାଟ ଅପବ୍ୟୟ ମାତ୍ର !

ଆଜି ସେହିପରି ଗୋଟିଏ ମୁହୂର୍ତ୍ତ ଆସିଥିଲା ହୁଏତ ମୋ ଜୀବନରେ ।

ରାତି ପାହିବାକୁ ତଥାପି ଆଉରି ଡେରି । ନବୋଢ଼ା ଉଷାର କପାଳରୁ ତଥାପି ଉଠିନି ପାଂଶୁଳ ଉତ୍ତରୀୟ ।

କଲ୍ୟାଣୀର ଦୁଇ କୋମଳ କରପଲ୍ଲବ ଚୁପି ଧରିଥିଲା ମୋର ଦୁଇ ହାତ ଭିତରେ । କି ଗୋଟିଏ ଫୁଲର ଗନ୍ଧରେ ଆମୋଦିତ ହୋଇ ଉଠିଥିଲା ରାତି ଶେଷର ବିନିଦ୍ର ମୁହୂର୍ତ୍ତଗୁଡ଼ିକ ।

ତା ୫-୫-୧୯୪୪

ବେଲୁନ୍ ଫୁଙ୍କିଛ କେବେ ?

ବଡ଼, ଆଉରି ବଡ଼, ଆଉରି ସୁନ୍ଦର···ତା'ପରେ ଫଟ୍ । ରଙ୍ଗୀନ ବେଲୁନ୍ ଖଣ୍ଡେ ଛିଣ୍ଡା ରବର ମାତ୍ର ।

ମଣିଷ ଶିଶୁ ବେଲୁନ୍ ଫୁଙ୍କି ଶୈଶବରୁ ଶିଖେ ବଞ୍ଚିବାର ଗୋଟିଏ ଅତି ନିଷ୍ଠୁର, ନିର୍ମମ ସତ୍ୟ ।

ଆଜି କି ଛ'ବର୍ଷ ତଳର ସକାଳ, ସେମିତି ଆସୁଛି । ଆକାଶର ନୀଳିମା ସେମିତି ଗମ୍ଭୀର, ସେମିତି ସ୍ନିଗ୍ଧ, ସେମିତି ସୁନ୍ଦର । କିନ୍ତୁ କଲ୍ୟାଣୀର ନୟନଶ୍ରୀ କାହିଁ ମନେପକାଇ ଦିଏ ନା ତ ସେଦିନ ସକାଳର ସେଇ ନୀଳ-ଆକାଶ !

ଯେଉଁଟା ମନର, ତାକୁ ଦେହର କରିବାକୁ ଗଲେ ହୁଏତ ଏଇ ବ୍ୟର୍ଥତା ମିଳିଥାଏ ।

ସୃଷ୍ଟିର ଗୋଟିଏ ବୈଚିତ୍ର୍ୟ ଲକ୍ଷ୍ୟ କରିଛ ? ଯାହା ମଣିଷର ଆଖିରେ ଚିର ଲୋଭନୀୟ, ଯାହା ପାଇବା ପାଇଁ ସାରା ଜୀବନର ଶେଷହୀନ ସାଧନା ହଠାତ୍ ମନେ ହୁଏ ଅପୂର୍ଣ୍ଣ ବୋଲି । ତାକୁ ହାତରେ ପାଇବା ପରେ କିନ୍ତୁ ମନେହୁଏ ସାଧନାରେ ସାର୍ଥକତା ଥାଇପାରେ, କିନ୍ତୁ ସିଦ୍ଧିରେ ସତ୍ୟତା ନାହିଁ ।

ସେଇଥିପାଇଁ ମଣିଷର ଶିଶୁ ରଙ୍ଗୀନ ଫୁଲର ଲୋଭନୀୟ ପାଖୁଡ଼ାଗୁଡ଼ିକ ଚିରି ଫିଙ୍ଗିଦିଏ ଟିକିଟିକି କରି ।



ଏଇ କଲ୍ୟାଣୀ ଆସୁଛି । ଡାଇରୀଟା ଲୁଚାଇ ଦେବାକୁ ପଡ଼ିବ । ତା' ଉପରେ ଆଜିକାଲି ଆଉ ପ୍ରାୟ ଡାଇରୀ ଲେଖେ ନା ।

ତା ୪-୪-୧୯୬୭

ଶ୍ୟାମଳ, ମୋର ବନ୍ଧୁପୁଅ···ଆଜି ସଇନ୍ତିଶ ବର୍ଷ ତଳର ମୁଁ ପୁଣି ଥରେ ଯେମିତି ଜନ୍ମ ନେଇଛି ଶ୍ୟାମଳର ଦେହ ଓ ମନରେ ।

ଶ୍ୟାମଳ, କୋଉ ତାର ଏକ ସହପାଠିନୀ ସରୋଜାର ପ୍ରେମରେ ପଡ଼ିଛି । ଶ୍ୟାମଳର ଡାଇରୀ ଲୁଚାଇ ଲୁଚାଇ ପଢ଼ିଛି ମୁଁ । ମୁଁ ଦିନେ ଯେମିତି ଲେଖୁଥିଲି, ଶ୍ୟାମଳ ଠିକ୍ ସେଇମିତି ଲେଖୁଛି । ସରୋଜାର ଖଣ୍ଡେ ଚିଠି ବି ପଢ଼ିଛି ଲୁଚାଇ ଲୁଚାଇ ।

ଅଥଚ ଭଲ ପାଇବା କ'ଣ ?

ମନସ୍ତତ୍ତ୍ୱବିତ୍ ପାଭେଲଭ୍‌ଙ୍କ ନାଁ ଶୁଣିଛ ? ସେ ଗୋଟିଏ ନୂଆ-ତଥ୍ୟର ଆବିଷ୍କାର କରିଛନ୍ତି Conditioned Reflex···ତୁମେ ପ୍ରତିଦିନ ସକାଳ ୭ଟା ବେଳେ ଗାଧାଅ, ସକାଳ ୭ଟା ବାଜିଲେ ତେଣୁ ତମର ଗାଧୋଇବା ପାଇଁ ଇଚ୍ଛା ହେବ । ଖାଇ ସାରିବା ପରେ ଖଣ୍ଡେ ସିଗାରେଟ୍ ଟାଣିବା ତମର ଅଭ୍ୟାସ । ନ ଖାଇଲେ ଖରାପ ଲାଗିବ ।

ଭଲ ପାଇବା ସେଇପରି ଗୋଟିଏ Conditioned Reflex । ଯୌବନରେ କୌଣସି ରୂପସୀ ତରୁଣୀର ସଂସ୍ପର୍ଶରେ ଆସିଲେ ତମର ସ୍ନାୟୁରେ ଯେଉଁ ପ୍ରତିକ୍ରିୟା ହୁଏ, ତାକୁ ତମେ କହ ଭଲ ପାଇବା । ସେ ପ୍ରତିକ୍ରିୟା ଅବଶ୍ୟମ୍ଭାବୀ । ମାତ୍ର ଘଟଣାକ୍ରମେ ସେ କୋମଳ ସ୍ପର୍ଶ ଦହଦଷା ହୋଇଗଲେ ଆଉ ସେ ପ୍ରତିକ୍ରିୟା ହୁଏ-ନାହିଁ । ଜୀବନର ଅସୁମାରୀ ଘଟଣା ଭିତରେ ତମର ଭଲ ପାଇବାର କାହାଣୀ ମନେ ହୁଏ କେବଳ ଗୋଟିଏ ଘଟଣା—ଆଉ କିଛି ନୁହେଁ । ମନସ୍ତତ୍ତ୍ୱବିତ୍‌ମାନଙ୍କ ଭାଷାରେ "ଇନହିବିସନ୍ ।"

ଜହ୍ନ ଦେଖିଲେ ତମକୁ ଭଲ ଲାଗେ । ଅଧରାତିରେ ଝରକା ପାଖ ହେନା ବୁଦାରୁ ହେନାର ଗନ୍ଧରେ ତମର ଦେହ ଓ ମନ ସ୍ନିଗ୍ଧ ହୋଇଆସେ । କିନ୍ତୁ ହେନା ବୁଦାମୂଳକୁ ବିଛଣାରୁ ଉଠି ଆସି ବସିଲେ

ତୁମକୁ ହୁଏତ ବିରକ୍ତ ଲାଗିବ । ଆଉରି ଭଲ ଲାଗିବାର ସନ୍ଧାନରେ ଚନ୍ଦ୍ରମଣ୍ଡଳକୁ ବ୍ୟୋମଯାନରେ ଗଲେ ଶୋଷରେ ତମର ତଣ୍ଟି ଫାଟିଯିବ । ସେ ମରୁଭୂମିରେ ପଡ଼ି ତମର ଲକ୍ଷେ ବାର ମନେ ପଡ଼ିବ ଛଳର ମଳନ ପୃଥିବୀ କଥା, ଅତି ଲୋଭନୀୟ ହୋଇ ।

ଶ୍ୟାମଳ ସେଇ ଚନ୍ଦ୍ରମଣ୍ଡଳ ଆଡ଼େ ଚାଲିଛି, ଯାଉ—

ତା ୫-୫-୭୭

ଏଇ ବୋଧହୁଏ ମୋର ଶେଷ ଶଯ୍ୟା । କଲ୍ୟାଣୀ ନିଜର ରୋଗଶଯ୍ୟା ଛାଡ଼ି ଆସି ବସିଛି ମୋର ମୁଣ୍ଡ ପାଖରେ । ତାର ଶିଥିଳ ଜରାକ୍ଳିଷ୍ଟ ଶୀତଳ ହାତ, ମୋର ଉତ୍ତପ୍ତ କପାଳ ଉପରେ ଲାଗୁଛି ମରଣର ଶୀତଳ ସ୍ପର୍ଶ ପରି ।

ତଥାପି କେତେ ସ୍ନିଗ୍ଧତା, କେତେ ଶାନ୍ତି ସେ ସ୍ପର୍ଶରେ ! ମୋ'ର ଇଚ୍ଛା ହୁଏ, ମୁଁ ଯଦି ତା' ଆଗରୁ ମରିଯାନ୍ତି ! ସେ ମଲା ପରେ ମୋ'ର ମନେ ହେବ, ଯେପରି ଜୀବନର ସବୁ ସଞ୍ଚିତ ସମ୍ପଦ ମୋର କିଏ ଲୁଣ୍ଠନ କରି ନେଇଯାଇଛି ! ଯୋଉ ପୃଥିବୀ ଆମେ ଦୁହେଁ ଗଢ଼ିଥିଲୁ ଗତ ବର୍ଷ ବର୍ଷ ଧରି, ସେ ପୃଥିବୀ ହଠାତ୍ ଯେପରି ଏକ ଭୂମିକମ୍ପର ଆଘାତରେ ତଳେ ଭାଙ୍ଗି ପଡ଼ୁଛି । ଯାହା ପୂର୍ଣ୍ଣ କରି, ଆଚ୍ଛନ୍ନ କରି ରଖିଥିଲା ମୋତେ, ସେ ଯେପରି ହଠାତ୍ ଶୂନ୍ୟ ହୋଇ ଉଠିଛି । ଯୋଉ ପଥରେ ଆମେ ଦୁହେଁ ଚାଲିଥିଲୁ, ଏହା ପରେ ସେ ପଥ ବଡ଼ ନିଃସଙ୍ଗ ଲାଗିବ । ଘରି ଭୟ ହୁଏ ଏକା ଏକା ସେ ବାଟରେ ଯିବା ପାଇଁ ।

"ନା କଲ୍ୟାଣୀ, ମୁଁ ଆଗେ ମରିବି । ସତୀ ଲକ୍ଷ୍ମୀ ତମେ ତମରି କୋଳରେ ମରିଲେ ମୋ'ର ସ୍ୱର୍ଗ !"

କଲ୍ୟାଣୀ ଭଙ୍ଗା କଣ୍ଠରେ ଜବାବ ଦେଲା··· "କି ଅଲକ୍ଷଣା କଥା କୁହ ମ ! ମୁଣ୍ଡରେ ସିନ୍ଦୂର, ହାତରେ କାଚ ଥାଉଁ ଥାଉଁ ତମ ଆଗରେ ମୋ'ର ଯେପରି ମରଣ ହେଉ !"

ସ୍ୱପ୍ନର କଲ୍ୟାଣୀ ଯଦି ତୃଷା, ବାସ୍ତବର କଲ୍ୟାଣୀ ଜଳ । ପାଭ୍ଲୋଭଙ୍କର Conditioned Reflex ଥିଓରି ତାସ୍‌ର ପ୍ରାସାଦ ପରି ଭାଙ୍ଗି ପଡ଼ୁଛି ।

(୧୯୪୭)

## ॥ ସାଙ୍ଗ୍ରିଲା ॥

ଆ—ଆ—ଆ—ଆ—ସାଇଁ ତେରେ ତେରଟ୍ ନଜରିଆଁ··· ଅଶୋକ ପାଖ ବିଛଣାରେ ଶୋଇ ସଙ୍ଗୀତ ସାଧନା କରୁଛି, ଖେଆଲର ବିଳମ୍ବିତ ଆଳାପ । ନନ୍‌ସେନ୍‌ସ ! ଅଧାଖୋଲା ଝରକା ଉହାଡ଼ରେ ଅମିତାଭ ବସି ବାହାରକୁ ଚାହିଁଛି । ବସ୍ତୀ ରାସ୍ତାରେ ସକାଳର ତେରଛା ଖରା ଧୀରେ ଧୀରେ ପଡ଼ି ଆସୁଛି । ବସ୍ତୀ ରାସ୍ତା ଶୋଇଛି ରାତିଶେଷର ମାତାଲ ପରି···ମୁହଁରେ ଖରା, ମାଛି ଭଣଭଣ । ଅମିତାଭ ପକେଟରୁ ଖଣ୍ଡେ ଅଧାପୋଡ଼ା ସିଗାରେଟ କାଢ଼ି ନିଆଁ ଲଗାଇଲା ।

ସୁରଜିତ୍ ମଶାରି ଭିତରେ ବସି ମଶା ମାରୁଛି । ସୁକାନ୍ତ ବିଛଣାରେ ପଡ଼ି ବକ୍ତୃତା ଶୁଣାଉଛି···ଆରେ ଦୂର୍ ପ୍ଲେଟୋ ! 'ଥିଓରି ଅଫ୍ ଆଇଡ଼ିଆଜ୍' ଗୋଟାଏ ବିରାଟ ଫାଙ୍କି । ସ୍ପାର୍ଟାର ଆକ୍ରମଣରେ କ୍ଷତବିକ୍ଷତ ଦୁର୍ବଳ ଏଥେନ୍‌ସ ଓ କ୍ଷୟିଷ୍ଣୁ ଏଥେନ୍‌ସର ଅଭିଜାତ ସମାଜ । ସେହି କ୍ଷୟିଷ୍ଣୁ ପରିବେଶରେ ପ୍ଲେଟୋଙ୍କର ଦର୍ଶନର ବିକାଶ । ଅତୀତ ଏକମାତ୍ର ସାନ୍ତ୍ୱନା । ଅତୀତର ହିଁ ସତ୍ୟ, ଶିବ ଓ ସୁନ୍ଦର । ଆଉ ବର୍ତ୍ତମାନ ? କ୍ଷୟିଷ୍ଣୁ, ଭଙ୍ଗୁର, ଅଥର୍ବ । "ବୁଝିଲୁ ! ସୁରଜିତ୍, ସବୁ ଦର୍ଶନ ନିଜର ଦୁର୍ବଳତାକୁ ଯୁକ୍ତିସମ୍ମତ କରାଇବା ପାଇଁ ଗୋଟାଏ ଆତ୍ମପ୍ରତାରଣା ମୂଳକ ଉଦ୍ୟମ । ଏଇ ଧର ସୋପେନ୍‌ହାଓ୍ୱାର···"

"ଦୂର୍" ମଶାଟା ଖସିଗଲା । ଏଇ ସୁକାନ୍ତ, ତୋ ବକ୍ତୃତା ଟିକିଏ ବନ୍ଦ କର ବାବା ! ମଶାଗୁଡ଼ା ହୁରୁଡ଼ି ପଳାଉଛନ୍ତି ।"

ବିରକ୍ତିରେ ଅମିତାଭର କପାଳ କୁଞ୍ଚିତ ହୋଇଗଲା । 'ଯେତେକ ଅପଦାର୍ଥ ଗୋବରଗଣେଶ ସବୁ ଜୁଟିଛନ୍ତି ଏଇଠି । ଖେୟାଲ୍‌ର ବିଳମ୍ବିତ ଆଳାପ ଚାଲିଛି, ଦର୍ଶନର ଭୂତ୍ପ୍ରୋଦର୍ଶନ ଚାଲିଛି, ମଶା

ସଂସାର ଚାଲିଛି···ଅଥଚ ବର୍ଷକର ଘରଭଡ଼ା ବାକି, ଚା' ଦୋକାନରେ ବାକି, ସିଗାରେଟ ଦୋକାନରେ ବାକି, ଚାଉଳ ଗୋଦାମରେ ବାକି, ଖାଣ୍ଟି ସାହୁର ବାକି···' ଅମିତାଭ ଆଉ ଭାବି ପାରିଲା ନାହିଁ । ଆଜି ଟିକକୁ ସମସ୍ତେ ଦଳ ବାନ୍ଧି ଆସିବେ ମିଳିତ ଆକ୍ରମଣ ପାଇଁ । ଅମିତାଭ ପକେଟରୁ ଗୋଟାଏ ହ୍ୱାଇଟ ହୁଇସିଲ୍ କାଢ଼ି ଓଠ ପାଖରେ ଧରିଲା ।

ଅଥଚ ସମସ୍ତେ ନିଶ୍ଚିନ୍ତ । ସମସ୍ତେ ଯେପରି ନବାବ ଓ୍ୱାଜିଦ୍ ଅଲ୍ଲୀ ସା'ଙ୍କ ଗୋଟିଏ ଗୋଟିଏ ନାତି ! ହତଭାଗା ! ହଠାତ୍ ସବୁ ନୀରବ । ସମସ୍ତେ ବୋଧହୁଏ ପୁଣି କଡ଼େକଡ଼େ ଶୋଇବା ପାଇଁ ଆଖି ବୁଜିଲେଣି । ସୁରଜିତ୍ ଗୋଟାଏ ଭଙ୍ଗା ସାଇକେଲ ବେଲ୍ ବଜାଉଛି··· କଲିଂ ବେଲ୍ । ସାହେବଙ୍କର 'ବେଡ଼୍'ଟି ନ ହେଲେ ଶଯ୍ୟାତ୍ୟାଗ ହୁଏନା ! "କପେ ଚା'···ରାଧା ! ଏ ରାଧା !" ଅମିତାଭ ଜୋର୍‌ରେ ଡାକିଲା ।

ରାଧା ଭିତରୁ ନିଦ ମଳମଳ କଣ୍ଠରେ ଜବାବ ଦେଲା···"ମଲି ! ସକାଳଟାରୁ ଏତେ ଘଣ୍ଟି ଠଣ୍‌ଠଣ୍, ଉଠିଆ ଡାକ କାହିଁକି ମ···!"

ସାଙ୍ଗ୍ରିଲାର ଏକାଧାରରେ ଭୃତ୍ୟ, ସୂପକାର ଓ ଦରଘା ବନ୍ଧୁ ରାଧା ଓରଫ୍ ରାଧିକା । ବୟସ ତିରିଶି ପାଖାପାଖି । ଗାଁ ନାଚ ଆଖଡ଼ାରେ ଏକଦା ରାଣୀ ପାର୍ଟ କରୁଥିଲା । ସେହି ହିସାବରେ ନାଁ ଟି ଥିଲା ବେଶ୍ । କିନ୍ତୁ ନାଚ ଆଖଡ଼ା କେବେଠୁ ଭାଙ୍ଗିଲାଣି ଓସ୍ତାଦ ଆଉ ଅଧିକାରୀଙ୍କ କଜିଆରେ । ମୁହଁରେ ନିଶ ଦାଢ଼ିର ଚିହ୍ନ ନାହିଁ । ମୁଣ୍ଡର ବାବୁରି ବାଳକୁ ମହମ ଲଗାଇ ଜୁଡ଼ା ବାନ୍ଧିଛି । ଦୁଇ କାନରେ ଦୁଇପଟ କାଚବସା କାନଫୁଲ । ପିନ୍ଧା ଲୁଗାର କାନି ଦେହ ଉପରେ ପଡ଼ିଛି ଶାଢ଼ୀ ଅଞ୍ଚଳ ପରି । ଅଣ୍ଟାରେ ଗୋଠ ।···"ଗିଲସେ ଚା' କର ରାଧା···" ସୁରଜିତ୍‌ର ସାଇକଲ ବେଲଟା ଆଉ ବାଜୁନାହିଁ । କଣ ବିଗିଡ଼ି ଗଲା ବୋଧହୁଏ । ପୁଣି ଭୁଲ ଲାଗୁଛି । ସାଙ୍ଗ୍ରିଲାର ଭବିଷ୍ୟତ ? ଅନ୍ଧକାର, ଅନିର୍ଦ୍ଦିଷ୍ଟ, ଅନିଶ୍ଚିତ । ମହାନଗରୀର ସାଙ୍ଗ୍ରିଲା । ଶିଉଳି ବସା, ଏକଚାଲ୍ କୋଠା । କାନ୍ଥରେ ବର ଉଠିଛି, ଓସ୍ତ ଚେର ମାଡ଼ିଲାଣି । ତାଙ୍କର ବର୍ଷକର ଭଡ଼ା ବାକି । ଘରମାଲିକ ଅବସରପ୍ରାପ୍ତ ଦର୍ଶନ ଅଧ୍ୟାପକ । ତାଙ୍କର ସବୁ ଦାର୍ଶନିକ । ପାଦରେ ଲେସ୍ ଛିଣ୍ଡା, ହିଲ୍‌ଖୋଲା,



ପାକୁଆ ଚଢ଼ୋଉ ଜୋତା, ହାତରେ ତେଲ ଚକ୍‌କଣ କଳା ବାଉଁଶ ଠେଙ୍ଗା, ମୁଣ୍ଡ ଉପରେ ଛତା ସକାଳ, ସଞ୍ଜ, ରାତି ସବୁବେଳେ ମେଲା ରହିଥାଏ ମୁଣ୍ଡ ଉପରେ ।···ଖାଲି ଏଇ ବାକି ଭଡ଼ା ସମ୍ବନ୍ଧରେ, ସେ ଯଦି ଟିକିଏ ଦାର୍ଶନିକ ହୋଇ ପାରନ୍ତେ ।

ରାଧା ଗୋଟାଏ କାଚ ଗ୍ଲାସରେ ଗିଲସେ କଷା ଚା' ଆଣି ରଖି ଦେଇଗଲା । ଅମିତାଭ ଚା'ର ଆଘ୍ରାଣ ପାଇ ସ୍ୱସ୍ତିର ଦୀର୍ଘଶ୍ୱାସ ମାରିଲା ।

ସାଙ୍ଗ୍ରିଲା ।

ଅମିତାଭ, ଅଶୋକ, ସୁରଜିତ, ସୁକାନ୍ତ ଓ ରାଧା ଆଉ ଏମାନଙ୍କୁ ନେଇ ସାଙ୍ଗ୍ରିଲା । କଳା, ସଂସ୍କୃତି ଓ ବୁଦ୍ଧିଜୀବୀ ନିମ୍ନବିତ୍ତର ଜୀବନ୍ତ ସମାଧି ।

ଗଳି ମୁଣ୍ଡରେ ଛତାଚୂଳ ଦିଶିଲାଣି···କଳାଛତାର ଅତି ପରିଚିତ ଧଳା ଚୂଳ । ଅମୀର୍ ଖାଁର ବୁଢ଼ା ଗଞ୍ଜାଟା ଧାଇଁଛି କକଃ କକ୍ଃ ହୋଇ । ନିର୍ଜନ ବସ୍ତି ରାସ୍ତା । ଅମିତାଭ ହୁଇସିଲ୍ ବଜାଇଲା । ଆକ୍ରମଣର ସଙ୍କେତ···ସାଇରନ ଶୁଣୁ ଶୁଣୁ ଖଟ ତଳେ ଲେପଟି ଶୋଇ ପଡ଼ିବାରେ ସମସ୍ତେ ସୁଶିକ୍ଷିତ ।

ପ୍ରଥମେ ଅବସରପ୍ରାପ୍ତ ଦର୍ଶନ ଅଧ୍ୟାପକ । ତାଙ୍କ ପଛରେ ବସ୍ତୀ ମୁଣ୍ଡର ଚା' ଦୋକାନୀ ଖଇରାତି ଖାଁ । ଖଇରାତି କାନ୍ଧ ଉପରେ ହାତ ପକାଇଛି ସିଗାରେଟ ଦୋକାନୀ ନଜର ମିଆଁ । ସମସ୍ତଙ୍କ ପଛରେ ଖାଣ୍ଟି ସାହୁ—ମୁଣ୍ଡରେ ଚଟା, କାନ୍ଧରେ ଓଦା ଗାମୁଛା । ଆଉରି ବି ହୁଏତ କେହି କେହି ଆସିବେ । ସମସ୍ତେ ବାହାରିଛନ୍ତି ମିଳିତ ଆକ୍ରମଣ ପାଇଁ ।

ଅଧ୍ୟାପକ ଥରେ ଦୁଆର କଡ଼ା ଝଣ୍‌ଝଣ୍ କଲେ ।

ସାଙ୍ଗ୍ରିଲା ନିରୁତ୍ତର ।

ପୁଣି ଥରେ ଝଣ୍‌ଝଣ୍ କଲେ ।

ସାଙ୍ଗ୍ରିଲା ନୀରବ ।

ଆଉ ଥରେ ଯୋର୍‌ରେ ଝଣ୍‌ଝଣ୍ କରିବା ପୂର୍ବରୁ ଯୋର୍‌ରେ ଥରେ ନିଃଶ୍ୱାସ ନେଲେ ଅଧ୍ୟାପକ । କବାଟରେ ଚକ୍ ଖଡ଼ିରେ ଲେଖା

ହୋଇଛି 'ସାଙ୍ଗ୍ରିଲା' । ଅଧ୍ୟାପକଙ୍କ ନିଶ ଦୁଇପଟ ଥରକୁରେ ନାଚି ଉଠିଲା । ବର୍ଷକର ଭଡ଼ା ବାକି, ସେଥିରେ ପୁଣି ସାଙ୍ଗ୍ରିଲା !

ଦୁଆର କଡ଼ା ପୁଣି ଝଣ୍‌ଝଣ୍ ହେଲା ।

ରାଧା କବାଟ ଅଧାମେଲା କରି ପାଟି କରି ଉଠିଲା···"କିଏରେ ବାଡ଼ିପଡ଼ା, ଗାଡ଼ୁଆ ! ସକାଳ ପହରୁ ଏଠି ମାଙ୍କଡ଼ ହୁଡ଼ୋଉଚ !"

ଅଧ୍ୟାପକ ରାଧାର ମୂର୍ତ୍ତି ଦେଖି, ପିଣ୍ଡା ତଳକୁ ଖସି ଆସି ପଚାରିଲେ···"ବାବୁମାନେ ନାହାନ୍ତି ?"

ରାଧା ଗଳା ଝିଙ୍କାରି କହିଲା···"ମଲା, ବାବୁମାନଙ୍କୁ ମୁଁ କାନରେ ଗଣ୍ଠି ପକାଇ ରଖିଚି କି ? ମରଦ ପୁଅ, ସକାଳୁ କୁଆଡ଼େ ପେଟ-ପାଟଣାରେ ଗଲେଣି ନା, ଏଠି ଘର କଣରେ ବସିଛନ୍ତି ?"

ନଗର ରାଧା ସଙ୍ଗରେ ଟିକିଏ ରସିକତା କରିବା ପାଇଁ ପଚାରିଲା···"ମଲା ରାଧିକା ମାଇଁ, ପଚାରିଲେ ଏମିତି କାହିଁକି ମୁହଁ ମୋଡ଼ୁଚ ମ !"

ରାଧା ଏଥର ସ୍ୱର ସପ୍ତମକୁ ଚଢ଼ାଇ ପାଟି କଲା···"ଦେଖ ମ ! ଚିଲିପଣାର ଉଗୁସି ଦେଖ ମ ! ତୋ ପାଟି ଛିଣ୍ଡି ପଡ଼ୁ ।"

ରାଧାର ମୂର୍ତ୍ତି ଦେଖି ସମସ୍ତେ ହୋ-ହୋ ହସି ଛତଭଙ୍ଗ ଦେଇ ପଳାଇଲେ । ନଗର ରାଧା ଆଡ଼େ ଜିଭ ଦେଖାଇ ଗୀତ ମେଲିଲା···"ଖରାବେଳେ ମାଇଁ ଯାଇଥିଲୁ କାହିଁ ମୁହଁରେ ଲାଗିଛି ଝାଳ ।"

ରାଧା ମୁରୁକି ହସି କବାଟ ବନ୍ଦ କଲା । ଅମିତାଭ ଖଟତଳୁ ବାହାରି ପୁଣି ହୁଇସିଲ ଦେଲା ।···ଅଲ୍ କ୍ଲିୟର୍ । ତାପରେ ରାଧାର କାନ୍ଧରେ ହାତ ଥାପୁଡ଼େଇ କହିଲା···"ଜିତେ ରହୋ ବେଟା ।"

କିନ୍ତୁ ଆଉ ଏମିତି କେତେ ଦିନ ?

ଅମିତାଭ ପୁଣି ଥରେ ହୁଇସିଲ୍ ବଜାଇଲା । ଜରୁରି ମନ୍ତ୍ରଣା ପରିଷଦର ବୈଠକ ପାଇଁ ଅନ୍ୟ ଏକ ସଙ୍କେତ ।

× × × ×

ସହରର ଅନ୍ୟ ଏକ ବସ୍ତି ଅଞ୍ଚଳରେ ଗୋଟିଏ ଚା' ଦୋକାନ । କୋଇଲା ଧୂଆଁରେ କଳା କାନ୍ଥ ଉପରେ—'ନୋ ହେଡ଼ଟ' । ସକାଳୁଆ ଗରାଖମାନଙ୍କର ଭିଡ଼ କେତେବେଳୁ କମିଲାଣି । ଗୋଟିଏ



ଟେବୁଲ ଉପରେ ବୁନ୍ଦାଏ ପାଣିଆ ଦୁଧ, ଚାରିପଟେ କେତୋଟି ମାଛି ଉଡ଼ୁଛନ୍ତି । କଳା ହାଫ୍‌ପ୍ୟାଣ୍ଟ ପିନ୍ଧା 'ବୟ' ଏହି ଅବସରରେ ଖଣ୍ଡେ ବେଞ୍ଚ ଉପରେ ଶୋଇ ବଡ଼ ଟାଣୁଛି ନିଶ୍ଚିନ୍ତରେ, ଆରାମରେ । ଚା' ଦୋକାନ ଭିତରେ ଗୋଟିଏ କୋଣରେ ଜଣେ ପ୍ରୌଢ଼ବୟସ୍କ, ମଳିନଦର୍ଶନ ଭଦ୍ରଲୋକ ଚା' ପିଉଛନ୍ତି । ସାମ୍ନାରେ ତାଙ୍କର ଖଣ୍ଡେ ଖବରକାଗଜ ପଡ଼ିଛି ଲୋଟିକୋଟି ହୋଇ । ଭଦ୍ରଲୋକ ସେଇ ଖଣ୍ଡିକୁ ନିରିଖିନାରିଖି ପଢ଼ୁଛନ୍ତି, ଆଉ ବେଳେ ବେଳେ ହଳହଳେଇ ଉଠୁଛନ୍ତି···"ଆର୍ ହାଫ୍ କପ୍ ଦାଓ ଦେଖି ବାବା ।"

ଦୋକାନ ମାଲିକ ବାହାରୁ ପାଟି କଲେ···"ଦଶ ନମ୍ବର ଚା' ସିଙ୍ଗଲ୍ ।"

'ବୟ'ଟିର ଧୂମ-ସ୍ନିଗ୍ଧ ତନ୍ଦ୍ରା ଭାଙ୍ଗିଗଲା । ଗୋଟିଏ କେଟ୍‌ଲିରୁ ସେ ହାଫ୍ କପ୍ ଚା ଢାଳିଦେଲା ଭଦ୍ରଲୋକଙ୍କ କପ୍‌ରେ ।

ପୁଣି କାଗଜ ପଢ଼ା ଚାଲିଲା । ଖଣ୍ଡେ ସିଗାରେଟ୍ ଦୁଇ ଆଙ୍ଗୁଠି ଫାଙ୍କରେ ଜଳି ଚାଲିଥିଲା ।

ଅମିତାଭ, ଅଶୋକ, ସୁରଜିତ ଓ ସୁକାନ୍ତ ସେହି ଚା' ଦୋକାନ ଭିତରକୁ ଆସି, ଖଣ୍ଡେ ଟେବୁଲ ଚାରିପଟେ ଘେରି ବସିଗଲେ । ଦୋକାନ ମାଲିକର ସେଇ ଚିତ୍କାର···"ବାର ନମ୍ବର ।"

କାଗଜ ଖଣ୍ଡି ପଢ଼ୁ ପଢ଼ୁ ଭଦ୍ରଲୋକ ପୁଣି ହଳହଳେଇ ଉଠିଲେ···"ଆରେ ମଶାୟ, କି ବିପଦ ! ଚା'ୟେ ଏକ୍‌ଟୁ ଚିନି ନେଇ । ହାଁ ହାଁ—ଏକ ଚାମୁଚ୍ ଦାଓ । ଆମାର ଆବାର ସୁଗାର ଜାନା ! ବେଶ୍-ବେଶ୍, ଏକ୍‌ଟୁ ଲିକର ଦାଓନା ବାବା !" ଭଦ୍ରଲୋକ ଆଉରି ଘଣ୍ଟାଏ ବସି ଅବିକା ସେଇ ଅଧ କପ୍ ଚା' ପିଇବେ । ସେଥିରେ କେତେବେଳେ ଚାମୁଚେ ଚିନି ମିଶିବ, କେତେବେଳେ ଲିକର ମିଶିବ, ଆଉ କେତେ-ବେଳେ ବା ଦୁଧ ଟିକିଏ ମିଶିବ । କାଗଜ ପଢ଼ା ଚାଲିଛି ।

ଅମିତାଭ ସେହି ଭଦ୍ରଲୋକଙ୍କ ଟେବୁଲ ଉପରୁ ଫାଳେ କାଗଜ ଉଠାଇ ନେଇ ଗମ୍ଭୀର ଭାବରେ ଥରେ ତା ଉପରେ ଆଖିବୁଲାଇ ଗଲା ।

ସୁରଜିତ୍ ପକେଟରୁ ଦରଜଳା ସିଗାରେଟ ଖଣ୍ଡ ଲୁଚାଇ ଲୁଚାଇ କାଢ଼ି, ଓଠରେ ଧରି, ନିଆଁ ଲଗାଇଲା । ଅଶୋକ ଦୁଇ ଗୋଡ଼

ଟେବୁଲ ଉପରେ ଲମ୍ବାଳ ଲମ୍ବାଳ ଓଲଟି ପଡ଼ିଥିଲ, ସୁକାନ୍ତ ତାକୁ ଧରି ପକାଇ କହିଲା···"ଅପଦାର୍ଥ ! ଷ୍ଟୁପିଡ଼୍ !"

ଅଶୋକ ଅନାସକ୍ତ ଭାବରେ ଗୋଟିଏ ହିନ୍ଦୀ ଗଜଲ ରାଗିଣୀର ଆଳାପ ଲଗାଇଦେଲା ।

ପାଖ ଟେବୁଲରେ ଭଦ୍ରଲୋକ ପଢ଼ୁଥିବା କାଗଜ ଖଣ୍ଡିକ ଫିଙ୍ଗିଦେଇ ପାଟିକରି ଉଠିଲେ···କି ମଶାୟ ! ଚିହ୍ନିଇନା ଜିତ୍‌ଲେ ତ ! ଦାଦା ବଲେଛି ଆମି, ଡୋଲାରେର ସ୍ପର୍ଦ୍ଧା ଭାଙ୍ଗ୍ ବେ ! ହିଁ—ଅାର୍ ହାଫ୍ କାପ୍ ଦାଓ ହଜନ ବାବା ! ନନ୍ ଏଇ ଏକ୍ ଏକ୍ ଖାନା ସିଗ୍ରେଟ୍ ଧରାନ୍ ! "ନଟ୍ ନ ସିଗାରେଟ ! ଦାଦା, ବେଶ୍ ଭାଲେ ଜିନିଷ୍ ! ମସ୍ତିଷ୍କ ଠାଣ୍ଡା ରାଖେ ।" ଓଟ ମାର୍କା ସିଗାରେଟ ! ପାକେଟ ଚାରି ପଇସା ! ଭଦ୍ରଲୋକ ଏଇ ସିଗାରେଟ କୋମ୍ପାନୀର ଏଜେଣ୍ଟ୍ ବୋଧହୁଏ ।

ସୁରଜିତ୍ ସିଗାରେଟ୍ ଖଣ୍ଡ ଓଠରେ ଧରି, ନିଆଁ ଲଗାଇ ଲଗାଇ ଭାବିଲା···'ଆଧୁନିକ କବିତା ଲେଖି, ପ୍ରକାଶକମାନଙ୍କ ଦୁଆରୁ ଖେଦା ଖାଇବାଠାରୁ ଏଇ ଉଷ୍ଟ୍ରମାର୍କା ସିଗାରେଟ୍‌ର ଏଜେନ୍‌ସି ଧରିଲେ ସିଗାରେଟ ଖର୍ଚ୍ଚଟା ଅନ୍ତତଃ ଚଳିଯାନ୍ତା !'

ସୁକାନ୍ତ ସିଗାରେଟ୍‌ରେ ନିଆଁ ଲଗାଇ ଭାବିଲା 'ଏଥର ସିଗାରେଟ୍ ଉପରେ ବଢ଼ାଉଥିବା ବାବା ଏକ୍‌ସାଇଜ୍ ଟ୍ୟାକ୍‌ସ, କେତେ ବଢ଼େଇବ !'

ଅମିତାଭ ବିଜ୍ଞାପନ ସ୍ତମ୍ଭଗୁଡ଼ାକ ଉପରେ ଆଖି ବୁଲାଉଥିଲା କାହାର କଥାବାର୍ତ୍ତା ପ୍ରତି କର୍ଣ୍ଣପାତ ନ କରି । 'ଆବଶ୍ୟକ । ଡାକ୍ତର ଧନ୍ୱନ୍ତରି (ଇଉ. ଏସ୍. ଏ.) ଙ୍କର ଆଶ୍ଚର୍ଯ୍ୟ ମଲମ । ଚଉଷଠି ବ୍ୟାଧିରେ ମହୌଷଧି । ଉତ୍ତରମୁଖୀ କାଳୀ ମାତାଙ୍କର ସିଦ୍ଧ କବଚ । ମୋକଦ୍ଦମାରେ, ଲଟେରୀରେ, ପରୀକ୍ଷାରେ, ପ୍ରଣୟରେ ଜୟଲାଭ ଚାହାନ୍ତି ? ପାତ୍ର ଆବଶ୍ୟକ । ସୁଶିକ୍ଷିତ, ଯୁବକ, ଉଚ୍ଚପଦସ୍ଥ, ଅନ୍ୟୂନ ମାସିକ ବେତନ ପାଞ୍ଚଶହ ଟଙ୍କା !' ଅମିତାଭର ଉତ୍ସାହ ଭାଙ୍ଗିଗଲା । ଇଉରେକା ! ଇଉରେକା ! 'ଆମ୍ଭର ଜାମାତା ଗତ ଦୁଇଦିନ ହେଲା କେଉଁଆଡ଼େ ନିରୁଦ୍ଦିଷ୍ଟ ହୋଇଛନ୍ତି । ପାତଳା ଡେଙ୍ଗା, ତାଙ୍କର ମୁଣ୍ଡରେ ଲମ୍ବା ବାଳ ସବୁବେଳେ କପାଳ ଉପରେ ପଡ଼ିଥାଏ । ପରିଧାନରେ ଖଣ୍ଡେ ଧୋତି ଓ ପଞ୍ଜାବୀ । ପାଇବା ବ୍ୟକ୍ତିଙ୍କୁ ଏକ ହଜାର ଟଙ୍କା ପୁରସ୍କାର ମିଳିବ ।' ତଳେ ପଳାତକ ଜାମାତାଙ୍କର ଖଣ୍ଡେ ଅସ୍ପଷ୍ଟ ଫଟୋ । ମୁହଁଟାକ ମେସିନ୍ କାଳୀ ବୋଳି ହୋଇ ଯାଇଛି । ତା ତଳକୁ ତିନି ଧାଡ଼ିର ଖଣ୍ଡେ ଚିଠି । 'ବାବା ଶ୍ୟାମଳ, ତୁମେ ଗଲା ଦିନୁ ତୁମର ଶାଶୁ ଅନ୍ନଜଳ ତ୍ୟାଗ କରିଛନ୍ତି । ଲଳିତା ଆତ୍ମହତ୍ୟା କରିବାକୁ ବସିଛି । ତଳେ ଠିକଣା—୧୦ ନମ୍ବର କପଡ଼ାବାଲା ଲେନ, ଅଶ୍ରୁମୁଖୀ, ବିପ୍ରଲବ୍ଧା ଲଳିତା ।'

ପଳାତକ ଜାମାତାଙ୍କୁ ଖୋଜି ବାହାର କରିବାକୁ ପଡ଼ିବ । ଏକ ହଜାର ଟଙ୍କା ପାଇଁ ନ ହେଉ ପଛେ, ଲଳିତା ପାଇଁ । ଅଶ୍ରୁମୁଖୀ ବିପ୍ରଲବ୍ଧା ଲଳିତା ! ଦାନ୍ତୁଡ଼ି କଳହନ୍ତୀ ଲଳିତା ହୁଏତ ଅଧିକ ଯୁକ୍ତିଯୁକ୍ତ । ନୋହିଲେ ଜାମାତା ପଳାତକ ହୁଅନ୍ତେ କାହିଁକି ? ଏ··· ଚାରି କପ୍ !

ବିଜ୍ଞାପନର ସେହି ଅଂଶଟା ଛିଣ୍ଡାଇ ଅମିତାଭ ପକେଟରେ ରଖିଲା ।

ମହାନଗରୀର ରାଜପଥ—ଜନତାର ବନ୍ୟା ବହି ଚାଲିଛି । ଦଶ ନମ୍ବର କପଡ଼ାବାଲା ଲେନର ପଳାତକ ଜାମାତା ସେହି ସୁଅରେ କାଠି କୁଟା ପରି ଆଗକୁ ଆଗକୁ ଭାସି ଚାଲିଛନ୍ତି । ଅମିତାଭ ସ୍ୱାଭାବିକ ଲିଡର କଣ୍ଠରେ ଡାକିଲା 'ହଲ୍‌ଟ୍ !' ସେ ବଡ଼ ଶୃଙ୍ଖଳାବାଦୀ । ହେଇ ସେ ଲୋକଟା କିଏ ? କାନ୍ଥରେ ସିନେମା ପୋଷ୍ଟର ଦେଖୁଛି ଏକାଗ୍ର ମନରେ ନିଷ୍ପଲକ ଦୃଷ୍ଟିରେ ! 'ଚିତ୍ରାଲୋକ'ରେ "ଏ ନାଇଟ୍ ଉଇଥ୍ ହର୍ ।" ହଲିଉଡ୍‌ର ଛବି । ନାୟିକାର ନାଭି ତଳେ ଖାଲି ଖଣ୍ଡେ କଳା ବିକିନୀର ପରିଚ୍ଛଦ, ବାକୀ ସବୁ ଅନାବୃତ । ସୁରଜିତ୍ ଅର୍ଦ୍ଧବୃତ୍ତା-କାରରେ ଘେରିଗଲେ । ବନ୍ଦୀ ଯନ୍ତ୍ର କାଳେ ଖସିଯାଏ ! ଲୋକଟାର ମୁହଁ ବିରକ୍ତିରେ କୁଞ୍ଚିତ ହୋଇଗଲା । ସୁରଜିତ୍ କହିଲା, "ନମସ୍କାର ଆଜ୍ଞା !" ଲୋକଟା ଏମାନଙ୍କୁ ଦେଖି ମନକୁ ମନ କ'ଣ ବଡ଼ ବଡ଼ ହୋଇ ଚାଲିଗଲା । ଅମିତାଭ ପକେଟରୁ ସେ ବିଜ୍ଞାପନ ଖଣ୍ଡିକ କାଢ଼ି ଥରେ ଦେଖିଲା । ନାଃ, ପଳାତକ ଜାମାତାଙ୍କର ଚେହେରା ସଙ୍ଗରେ ଏ ଲୋକଟାର କୌଣସି ସାମଞ୍ଜସ୍ୟ ନାହିଁ । ପକେଟରେ ସେ ବିଜ୍ଞାପନ ଖଣ୍ଡ ପୁଣି ରଖି ଦେଇ ଅମିତାଭ ଆଦେଶ ଦେଲା···'ମାର୍ଚ୍ଚ !'

ଫୋର୍ଡ଼, ଅଷ୍ଟିନ୍, ଶେଭରଲେଟ, ଓଜ, ପାକାର୍ଡ଼, ମରିସ୍, ମର୍କରି, ରିକ୍ସା, ସାଇକେଲ, ମୋଟର ସାଇକେଲ୍ ପ୍ରବହମାନ ଗତିମୁଖର ମହାନଗରୀ । ଚୌମୁହାଣୀ ରାଜପଥ ପୁଣି ଅକ୍ଟୋପାସ୍‌ର ଟେଣ୍ଟାକଲ୍ ପରି ଚାରିଆଡ଼କୁ ମେଲାଇ ଦେଇଛି ଶାଖା । ମଝିରେ ଲମ୍ବା ରେଲିଂ ଘେରା ସବୁଜ ଘାସାଚ୍ଛାଦିତ ଦ୍ୱୀପ । ଦ୍ୱୀପ ମଝିରେ ଗୋଟିଏ ପାମ୍ ଗଛ । ପାମ୍‌ର ଛାଇ ତଳେ କେତେଜଣ ତଳକୁ ମୁହଁ ମାଡ଼ି ଶୋଇଛନ୍ତି । କିନ୍ତୁ କିଏ ସେ ? କିଏ ସେ ପାମ୍ ଗଛ ଦେହରେ ଆଉଜି ବସି ଚାହିଁରହିଛି ମହାନଗରୀ ଜନସ୍ରୋତ ଆଡ଼େ ? ନାଃ, କେହି ନୁହେଁ ।

ସାମନା ପୋଷ୍ଟ୍ ଅଫିସର ଘଣ୍ଟାସ୍ତମ୍ଭରେ ବାଜିଲା ଦୁଇଟା । ଦିନ ଦୁଇଟା ।

ନିସ୍ତବ୍ଧ ଅନ୍ଧକାର ପାର୍କର ଗୋଟିଏ ନିର୍ଜନ କୋଣ । ରାତି ବାରଟା ବାଜିଲା ପାଖର କୋଉ ଘଣ୍ଟାରେ । ୧୦ ନମ୍ବର କପଡ଼ାବାଲା ଲେନ୍‌ର ପଳାତକ ଜାମାତାଙ୍କର ସନ୍ଧାନ ମିଳିବାର ଆଶା ନାହିଁ । କିନ୍ତୁ ପଥରର ମୂର୍ତ୍ତି ପରି କିଏ ସେ ଲୋକଟା ଇଉକାଲିପଟସ୍ ଗଛତଳେ ଦୁଇବାହୁ ଛାତି ଉପରେ ଛନ୍ଦି ଚାହିଁ ରହିଛି ଉପରର ଆକାଶକୁ । ରାସ୍ତାର ବିଜୁଳି ଆଲୁଅରେ ଲୋକଟାର ଯେତିକି ଅଂଶ ଦେଖାଯାଉଛି, ଦଶ ନମ୍ବର କପଡ଼ା ବାଲା ଲେନ୍‌ର ପଳାତକ ଜାମାତାଙ୍କ ସଙ୍ଗେ ତାର ବହୁତ ସାମଞ୍ଜସ୍ୟ ରହିଛି । ଲୋକଟା ନିଶ୍ଚୟ ପଳାତକ ନୋହିଲେ ରାତି ବାରଟାରେ ଏ ପାର୍କ କୋଣରେ ବୁଲୁଥାନ୍ତା କାହିଁକି ? ଅମିତାଭ ଉତ୍ସାହିତ କଣ୍ଠରେ ଧୀରେ ଧୀରେ କହିଲା, "ଇଉରେକା !"

ଅମିତାଭ, ଅଶୋକ, ସୁରଜିତ ଓ ସୁକାନ୍ତ ଚାରି ଜଣଯାକ ସେ ଲୋକଟାକୁ ବେଢ଼ି ଯାଇଁ ତଳର ଘାସ ଉପରେ ବସି ପଡ଼ିଲେ । ଅଶୋକ ପକେଟରୁ ଓଟମା[illegible] ସିଗାରେଟ୍ ପାକେଟ ଗୋଟିଏ କାଢ଼ି ସମସ୍ତଙ୍କୁ ଖଣ୍ଡେ ଖଣ୍ଡେ ସିଗାରେଟ୍ ଦେଇ ନିଜେ ଖଣ୍ଡେ ସିଗାରେଟ୍‌ରେ ନିଆଁ ଲଗାଇଲା । ପଚ୍ଚା ତମାଖୁର ତଣ୍ଡିଫଟା ଧୂଆଁରେ ସମସ୍ତେ ଖାଁ ଖାଁ ହୋଇ କାଶି ଉଠିଲେ ।

କାଶର କୋରସ୍‌ରେ ସେ ଲୋକଟାର ଧ୍ୟାନ ଭାଙ୍ଗିଗଲା ହୁଏତ । ଏ ଯୁବକଜଣଙ୍କର କାଶର କୋଲାହଳରେ ପାର୍କର ଅନ୍ୟ ଗୋଟିଏ କୋଣକୁ ସେ ଚାଲି ଯାଉଥିଲା । ଅମିତାଭ ହଠାତ୍ ଉଠିପଡ଼ି କହିଲା— "ଅରେ ଏତେ ସନ୍ଧାନ ପରେ ଯେତେବେଳେ ପାଇଛୁ, ଆଉ କଣ ଛାଡ଼ିବୁ ଆମେ ?"



ନେପୋଲିୟନଙ୍କ ଭଙ୍ଗୀରେ ସେ ଲୋକଟା ଛାତି ଉପରେ ଦୁଇ ବାହୁ ଛନ୍ଦି କହିଲା, "ଆପଣମାନେ ଆସିଛନ୍ତି । ବେଶ୍ ବେଶ୍, ମୁଁ ଜାଣେ ଆସିବେ ଆପଣମାନେ । ମାନସ ସାଗରର ମନ, ମୀମାଂସାପ୍ରଜନନ ମନ ଛାଡ଼ି ଆସିଛନ୍ତି ତ ?" ଅଶୋକ ପଚାରିଲା, "କିନ୍ତୁ ଆପଣ କ'ଣ କରୁଛନ୍ତି ଏଠି ?"

ସେ ଲୋକଟା କହିଲା—"ମୁଁ କରୁଛି ଆଗାମୀ ବିପ୍ଳବର ଭୂମିକା ରଚନା ! ଆପଣମାନେ ଆସିଛନ୍ତି ଯେତେବେଳେ, ଶୁଣନ୍ତୁ ପୃଥିବୀର ଇତିହାସରେ ଫରାସୀ ବିପ୍ଳବଠାରୁ ଗାନ୍ଧୀ ବିପ୍ଳବ ଯାଏ ସବୁ ବିପ୍ଳବ ବ୍ୟର୍ଥ ହୋଇଛି । କାରଣ ମନୁଷ୍ୟ ଶିଖିଲା ନାହିଁ ନିଜ ବିରୁଦ୍ଧରେ ବିପ୍ଳବ କରିବାକୁ ! ଆଜି ମୁଁ ନିଜ ବିରୁଦ୍ଧରେ ସେହି ସାର୍ଥକ ଉଜ୍ଜ୍ୱଳ ବିପ୍ଳବର ଭୂମିକା ରଚନା କରୁଛି ଏଠି । ଆପଣମାନେ ଯୋଗଦେବେ ମୋ ସାଙ୍ଗରେ ?"

ଅନ୍ଧକାରରେ ଅମିତାଭ, ଅଶୋକ, ସୁରଜିତ୍ ଓ ସୁକାନ୍ତ ପରସ୍ପର ପରସ୍ପର ଆଡ଼େ ଚାହିଁଲେ । 'କିଏ ଏଇ ମହାପୁରୁଷ ? ଦଶ ନମ୍ବର କପଡ଼ାବାଲା ଲେନ୍‌ର ପଳାତକ ଜାମାତା ?'

ସେ ଲୋକଟା ପୁଣି କହିଚାଲିଲା ବକ୍ତୃତା ଦେବା ଭଙ୍ଗୀରେ— "ସେ ବିପ୍ଳବ ଉଦାର ଓ ଉଜ୍ଜ୍ୱଳ । ସେଥିରେ ନାହିଁ ଅଳ୍ପପ୍ରାଣ ହିସାବୀ ମନର ମଳିନ ମୀମାଂସା, ନାହିଁ ପୁଣି ଆତ୍ମରକ୍ଷା ପାଇଁ ସଙ୍କୀର୍ଣ୍ଣ କାପୁରୁଷତା । ପବିତ୍ରତମ, ସାର୍ଥକତମ ଚିରନ୍ତନ ସେ ବିପ୍ଳବ !"

ସେ ଲୋକଟା ହୋ ହୋ ହୋଇ ହସି ଉଠିଲା ଯେପରି ଝଡ଼ର ଅଟ୍ଟହାସ, ପକ୍ଷୀର ନୀଡ଼ରଚନାର ଦୁର୍ବଳ ସାହସ ପ୍ରତି । ତାପରେ ପୁଣି ଗମ୍ଭୀର ହୋଇ କହିଲା—"ଯେଉଁ ଫରାସୀ ବିପ୍ଳବର ମୂଳମନ୍ତ୍ର ଥିଲା ସାମ୍ୟ, ମୈତ୍ରୀ ଓ ସ୍ୱାଧୀନତା; ସେଥିରୁ ଜନ୍ମ ନେଲା କାହିଁକି ଦୁର୍ଦ୍ଧର୍ଷ ନେପୋଲିୟନ ? ଯେଉଁ ଅକ୍ଟୋବର ବିପ୍ଳବର ସୂତ୍ରପାତ ହୋଇଥିଲା ସର୍ବହରାର ମୁକ୍ତି ପାଇଁ; ସେହି ଅକ୍ଟୋବର ବିପ୍ଳବର ପୃଷ୍ଠଭୂମିରେ ଆଜି ଠିଆ ହୋଇଛି କିପରି କ୍ରେମ୍ଲିନ୍‌ର

ଗବୋଷିତ ମିନାର ? ତାର କାରଣ, ମଣିଷ ଶିଖିଛି ଅନ୍ୟର ଅଙ୍ଗୋଷ୍ଠର ବିରୁଦ୍ଧରେ ବିପ୍ଳବ କରିବା ପାଇଁ; କିନ୍ତୁ ନିଜର ସ୍ୱୈରାଚାର ବିରୁଦ୍ଧରେ ନୁହେଁ । ଆସ କମ୍ରେଡ୍···ଆଜି ଆମେ ସେହି ଚିରନ୍ତନ ବିପ୍ଳବର ନାନ୍ଦୀଗାନ କରିବା !"

ପାର୍କ ବାହାରେ ଘନ ଘନ ହୁଇସିଲ୍ ବାଜିଲା । ଗୃହୁଁ ଗୃହୁଁ ପାର୍କ ଚାରିପାଖେ ଘେରିଗଲେ କେତେଜଣ ପୁଲିସ କନେଷ୍ଟବଲ୍ । କ୍ରମେ କେତେଟା ଟର୍ଚ୍ଚର ତୀବ୍ର ଆଲୋକ ପଡ଼ିଲା ସେମାନଙ୍କ ଉପରେ ।

ଜଣେ ପୁଲିସ ସର୍ଜେଣ୍ଟ୍ ହାତରେ ପିସ୍ତଲ ଧରି ଆଗେଇ ଆସିଲା । ତା ପଛରେ ଆଉରି କେତେଜଣ ବନ୍ଧୁକଧାରୀ କନେଷ୍ଟବଲ୍ । ଅଶୋକ ଅମିତାଭ ପଛରେ ଆତ୍ମରକ୍ଷାର ଦୁର୍ବଳ ପ୍ରୟାସ ଆରମ୍ଭ କରିଦେଲା ।

ସର୍ଜେଣ୍ଟ୍ ସମସ୍ତଙ୍କୁ ଭଲ ଭାବରେ ଟର୍ଚ୍ଚ ଆଲୁଅରେ ଦେଖି-ସାରି ଜଣେ କନେଷ୍ଟବଲକୁ ଆଦେଶ ଦେଲା···"ଲେ ଚଲୋ ଏ ବଦ୍‌ମାସୌଂକୋ ହାଜତ୍ ପର୍ ।" "ହାଜତ୍ ! କାହିଁକି ?" ଅମିତାଭ ପ୍ରଶ୍ନ କଲା । ସର୍ଜେଣ୍ଟ କହିଲା···"ତୁମ୍ ଲୋକ୍ ସବ ଟେରରିଷ୍ଟ୍ ।"

ହାଜତ୍‌ର ଗୋଟିଏ ସଙ୍କୀର୍ଣ୍ଣ କୋଠରୀ । ଜଣେ କନେଷ୍ଟବଲ ସେ ପାଞ୍ଚ ଜଣଙ୍କୁ ଏକାଠି ତା ଭିତରେ ପୂରାଇ ଦେଇ ବାହାରୁ ରେଲିଂ ଦିଆ ଲୁହା କବାଟଟା ବନ୍ଦ କରିଦେଲା । ଗୋଟିଏ କୋଣରେ ରାସ୍ତାରୁ ସଦ୍ୟ ଧରା ହୋଇ ଆସିଥିବା ଦୁଇ ଜଣ ମାତାଲ୍ ପଡ଼ିଛନ୍ତି ତଳକୁ ମୁହଁ ମାଡ଼ି ।

ସୁକାନ୍ତ କହିଲା···"ମନ୍ଦ ନୁହେଁ ।"

ସୁରଜିତ୍ କହିଲା···"ନାଁ, ମନ୍ଦ କଣ ?"

ଅଶୋକ କହିଲା—"ଏ ମାତାଲ୍ ଦୁଇଟା ବାନ୍ତି କରିଛନ୍ତି ଏ କଣରେ ।"



ସେ ଲୋକଟା କହିଲା···"ଏମାନଙ୍କୁ ତୁମେ ମାତାଲ୍ ବୋଲି ଘୃଣା କରୁଛ କମ୍ରେଡ୍ ? ସାର୍ଥକ ବିପ୍ଳବୀ ସେମାନେ । ଆତ୍ମଚେତନାରୁ ସେମାନେ ପାଇଛନ୍ତି ମୁକ୍ତି ।"

ହାଜତ୍ ବାହାରେ ଜଣେ କନେଷ୍ଟବଲ୍ ପାଟି କଲା—"ଏ ଚିଲ୍ଲାଓ ମତ୍ !"

ଅମିତାଭ ପକେଟରୁ ଖଣ୍ଡେ ଚକ୍ ଖଡ଼ି କାଢ଼ି ଲୁହା କବାଟ ଉପରେ ଲେଖିଲା···'ସାଙ୍ଗ୍ରିଲା' ।

କାଲି ସକାଳେ ପୁଣି ଅବସରପ୍ରାପ୍ତ ଦର୍ଶନ ଅଧ୍ୟାପକଙ୍କ ଛଡ଼ା-ଚଳ ଗଳିମୋଡ଼ରେ ବସିବ । ପୁଣି ଆସିବେ ନଜାର, ଅମୀର, କାଣ୍ଡୁ ସାହୁ ସାଙ୍ଗ୍ରିଲା ଆକ୍ରମଣ କରିବା ପାଇଁ ।···ଆସନ୍ତୁ, ଆଉରି ଯେତେ ଅଛନ୍ତି ଆସନ୍ତୁ ସମସ୍ତେ ଦଳ ବାନ୍ଧି !

ଏ ସାଙ୍ଗ୍ରିଲାରେ କିନ୍ତୁ କାଲି ଦିନ ନ'ଥା ଆଗରୁ କାହାରି ନିଦ ଭାଙ୍ଗୁନାହିଁ ଅନ୍ତତଃ !

ଅଶୋକ ସ୍ୱସ୍ତିରେ ଗୋଟିଏ ଦୀର୍ଘଶ୍ୱାସ ପକାଇ ଗାଇଲା··· "କୋନ୍ କରତା ତେରୀ ମିନତ୍ ପହରବା··· !"

ବାହାରୁ କନେଷ୍ଟବଲ୍‌ର ତନ୍ଦ୍ରାଭଙ୍ଗା କଣ୍ଠରେ ଗର୍ଜ୍ଜନ ଶୁଭିଲା···"ଏ ! ଚିଲ୍ଲାଓ ମତ୍ !"

(୧୯୫୭)

# ॥ ସ୍ୱପ୍ନରେ ମନ୍ଦୋଦରୀ ॥

ନାଃ...ପୁରୁଣା ଫର୍ମୁଲା ଏକା ଥରେ ଅଚଳ ହୋଇଗଲାଣି । ବେଶ୍ ଥିଲା ବାବୁ । ପ୍ରେମ ୫୦ ପର୍ସେଣ୍ଟ୍, ବିରହ ୩୦ ପର୍ସେଣ୍ଟ୍, ଶୁଭବିବାହ ସତର ଅଧେ ପରସେଣ୍ଟ୍, ଆଉ ସମାଜ ବ୍ୟବସ୍ଥା ବିରୁଦ୍ଧରେ କଡ଼ା କଡ଼ା ଦୁଇପଦ କଥା ସାଢ଼େ ଦୁଇ ପର୍ସେଣ୍ଟ୍ ହେଲେ ହୋଇଗଲା ଉପନ୍ୟାସ ! ବେଶ୍ ଥିଲା ।

ଶ୍ୟାମାଚରଣ ବଡ଼ କରୁଣ ଭାବରେ ଚନ୍ଦାମୁଣ୍ଡ ଆଉଁସି ଆଉଁସି ଅନାଇଲେ ସାତଫୁଟିଆ ବହି ସେଲ୍ଫରେ ନିଜ ଉପନ୍ୟାସଗୁଡ଼ିକୁ । ଗଣି ଗଣି ମୋଟେ ସତେଇଶ ଖଣ୍ଡ, ସବୁଥିରେ ଏକ ଅନୁପାନ, ଏକ ରଙ୍ଗ, ଖାଲି ମାର୍କାଗୁଡ଼ା ନୂଆ ନୂଆ । ନା-ନା, ଏ ମୋଟେ ସତେଇଶ ଖଣ୍ଡ ଉପନ୍ୟାସ ଲେଖି ସେ ଏତେ ଶୀଘ୍ର ମରିଯିବେ ? ଆଉରି ଲେଖିବାକୁ ପଡ଼ିବ...ଆଉରି ତେ'ଷଠି ଖଣ୍ଡ । ଶଏ ଖଣ୍ଡ ଉପନ୍ୟାସ ସେ ଲେଖିଯିବେ ! ବିଂଶ ଶତାବ୍ଦୀର ବାଲ୍ଜାକ୍ ।

ଶ୍ୟାମାଚରଣ ଟେବୁଲ ଡ୍ରୟର ଭିତରୁ ଖଣ୍ଡେ ଟିପାଖାତା କାଢ଼ିଲେ । ସେଥିରେ ରହିଛି ଆଉ ଗୋଟାଏ ନୂଆ ଅନୁପାନର ଉଦ୍ଭାବନ ! ନା—ନା, ଏ ଅନୁପାନ ବି ଚଳିବ ନାହିଁ । ଶ୍ୟାମାଚରଣ ପିଠି ପଛଆଡ଼େ ଦୁଇହାତ ଛନ୍ଦି ଈଷତ୍ ମୁଣ୍ଡ ନୁଆଇଁ ଘର ଭିତରେ ଏପାଖ ସେପାଖ ହେଲେ ।

ଖୋଲା ଝରକା ବାଟେ ଆଖିରେ ପଡ଼େ ଶ୍ୟାମାଚରଣଙ୍କ ପ୍ରତିଦ୍ୱନ୍ଦ୍ୱୀ ଔପନ୍ୟାସିକ ରାମଚରଣଙ୍କ ନୂଆକୋଠା । ଶ୍ୟାମାଚରଣଙ୍କ ଏକତାଲା କୋଠାକୁ ଉପହାସ କରି ଠିଆ ହୋଇଛି ଦର୍ପିତ ଭଙ୍ଗୀରେ ଉନ୍ନତ ଶିର ଟେକି । 'ବଦ୍ମାସ ଜୁଆଚୋରର ଦଳ ! ଯେତେ ମନା କଲେ ବି ଏ ଝରକାଟା ବରାବର ଖୋଲା ରଖିଥିବେ !' ଶ୍ୟାମାଚରଣ ଜୋର୍‌ରେ ଝରକାଟା ବନ୍ଦ କରି ଦେଇ ପୁଣି ଆସି ନିଜ ଆସନରେ ବସି ପଡ଼ିଲେ ।

ରାମଚରଣ ପୁଣି ଔପନ୍ୟାସିକ ! ତଥାପି ସେଇଥିରେ ତ ବାବୁ ହୋମହଲା ଠିଆ କଲାଣି ! ଫୁ—ଲୋକଙ୍କ ରୁଚି ତ ସେଇଆ, କହିବ କାହାକୁ ? ପିସ୍ତଲ ସତୁରି ପର୍ସେଣ୍ଟ୍, ଖୁନ୍ କୋଡ଼ିଏ ପର୍ସେଣ୍ଟ୍, ନନ୍‌ସେନ୍ସ ସେଣ୍ଟପର୍ସେଣ୍ଟ ! ଦ୍ରୋଣପୁତ୍ର ଅଶ୍ୱତ୍ଥାମା ପିଠୋଉପାଣି ପିଇ ଶତସିଂହର ବଳବୀର୍ଯ୍ୟରେ କୁଦିଲା ପରି ରାମଚରଣ ଏଇଆ ଲେଖି ଔପନ୍ୟାସିକ ବୋଲି ନାଚୁଛି ! ଆଚ୍ଛା ଅଚ୍ଛା, ଏଥର ଦେଖିବା ! ଫ୍ରେଉଡ୍ ଏକାଥରେ କରିଦେବି ଅଶି ପରସେଣ୍ଟ୍ ! ନା-ନା, ବାକି କୋଡ଼ିଏ ପର୍ସେଣ୍ଟ୍‌ରୁ ପାଞ୍ଚ ପର୍ସେଣ୍ଟ୍ କାଟି ଗଣ-ସାହିତ୍ୟରେ ସେତକ ଭରଣା କରିବା ପାଇଁ ପଡ଼ିବ । "ଜୟ ମା ଶ୍ୟାମା, ନୃମୁଣ୍ଡମାଳିନୀ !" ଶ୍ୟାମାଚରଣ ଆନନ୍ଦରେ ଟେବୁଲ୍ ବାଡ଼େଇଲେ ଦୁଇ ହାତରେ ।

ସଙ୍ଗେ ସଙ୍ଗେ ଖଣ୍ଡେ ଖାତା କାଢ଼ି ଉପନ୍ୟାସ ଲେଖିବା ଆରମ୍ଭ କରିଛନ୍ତି, କି'ଣ ଭାବି କପାଳ ତାଙ୍କର ଈଷତ୍ କୁଞ୍ଚିତ ହୋଇଗଲା । ନାୟକ ନାୟିକାଙ୍କର ନାଁ ନେଇ ଅସୁବିଧା । ଶ୍ୟାମାଚରଣ ଦୁଇଖଣ୍ଡ ମୋଟା ବନ୍ଧେଇ ଖାତା ଟେବୁଲ ଡ୍ରୟର ଭିତରୁ କାଢ଼ିଲେ । ଖଣ୍ଡିକ ଉପରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଛି 'ପୁଂ', ଆଉ ଖଣ୍ଡିକ ଉପରେ 'ସ୍ତ୍ରୀ' । 'ପୁଂ' ଖାତାଟା ଫିଟାଇ ଶ୍ୟାମାଚରଣ ନାୟକମାନଙ୍କର ନାଁ ତାଲିକା ଦେଖିଗଲେ । କୌଣସିଟି କିନ୍ତୁ ମନୋମତ ହେଲାନାହିଁ । ମନୋଜ, ପଙ୍କଜ, ଶ୍ୟାମଳ, ତୁଷାର ବିଜୟ, ସଞ୍ଜୟ । ନାଃ, ଏ ସବୁ ନାଁ ଦେଇ ଆଧୁନିକ ଉପନ୍ୟାସ ଲେଖା ଚଳେନା । ଗୁରୁଠିକିଆ କ୍ଲାସିକାଲ ନା ଦରକାର । ଇସ୍ ! ଏ ଜରଦ୍‌ଗବ ପୁଣି ଥିଲା ଏତିକି ବେଳକୁ ! ନିଶ୍ଚୟ ଆସୁଛି କପେ ଚା' ପାଇଁ । ଝରକା ବାଟେ ରାସ୍ତାରେ ଶ୍ରୀକାନ୍ତକୁ ଦେଖି ଶ୍ୟାମାଚରଣ ଧ୍ୟାନଗମ୍ଭୀର ଭାବରେ ଦୁଇଆଖି ବୁଜି ବସିଲେ, ଯେମିତି ପ୍ରେରଣାଗୁଡ଼ା ଶୂନ୍ୟରୁ ଝରି ତାଙ୍କ ମସ୍ତିଷ୍କ ଭିତରକୁ ଭେଦି ଯାଉଛି । ଟିକିଏ ହଲଚଲ ହେଲେ ପ୍ରେରଣା ଖସି ତଳେ ପଡ଼ିଯିବ ।

ଶ୍ରୀକାନ୍ତ ନିଃଶବ୍ଦ ସନ୍ତ୍ରମରେ ଶ୍ୟାମାଚରଣଙ୍କ କୋଠରୀ ଭିତରକୁ ପଶି ଆସି ଖଣ୍ଡେ ଚଉକୀ ଟାଣି ବସି ପଡ଼ିଲା । ମୁଣ୍ଡ ବାଳଗୁଡ଼ା ଫରଫର୍ ହେଉଛି କପାଳ ଉପରେ, କୋରଡ଼ ଆଖି ଦୁଇଟାରେ ଦୃଷ୍ଟି ଅସହାୟ । ମଇଳା କାମିଜ, କାଖ ତଳେ ଖଣ୍ଡେ ଖାତା, ଆଧୁନିକ କବିତାର ପାଣ୍ଡୁଲିପି । ପ୍ରକାଶକମାନଙ୍କ ଦୁଆରୁ ଚଡ଼ା ଖାଇ ହୁଏତ ଫେରୁଛି ।

ଶ୍ୟାମାଚରଣ ଧୀରେ ଧୀରେ ଆଖି ମେଲି କହିଲେ—"ଓ-କିଏ ? ଶ୍ରୀକାନ୍ତ ବାବୁ ? ବସ-ବସ ! ମୁଁ ଖଣ୍ଡେ ନୂଆ ଉପନ୍ୟାସ ଲେଖିବା ପାଇଁ ପ୍ରେରଣା ଯୋଗାଡ଼ କରୁଥିଲି । ଜାଣିଲ ବାବୁ ! ତମ ପରି ପ୍ରିଓ୍ୱାର ପୋଷ୍ଟ-ଓ୍ୱାରବାଲା ଆମେ ନୋହୁଁ କି ଲେଖିବା ପାଇଁ ଏତେ ବହି ଘାଣ୍ଟିବା ଆମର ଦରକାର ପଡ଼େନା । ସତ୍ୟ, ଶିବ, ସୁନ୍ଦରର ଉପାସକ ଆମେ । ସୁନ୍ଦରର ପ୍ରେରଣା, ସତ୍ୟର ଇଙ୍ଗିତ ଓ ଶିବର ସ୍ପର୍ଶ ନ ପାଇଲେ ଆମ କଲମ ଚଳେନା ।"

ଶ୍ରୀକାନ୍ତ ବିନୟ ଓ ବିସ୍ମୟର ମିଶାମିଶି କଣ୍ଠରେ ପଚାରିଲା—"ପୁଣି ନୂଆ ଉପନ୍ୟାସ ଆପଣଙ୍କର ?"

ଶ୍ୟାମାଚରଣ ମୁରୁକି ହସି କହିଲେ—"ଅଷ୍ଟବିଂଶତିତମ !"

ଶ୍ରୀକାନ୍ତ କହିଲା—"ଦୁଆରେ ଖଣ୍ଡେ ସାଇନ୍‌ବୋର୍ଡ଼ ଝୁଲାଇ ଦିଅନ୍ତୁ ଆଜ୍ଞା ! 'ଶ୍ୟାମାଚରଣ ନଭେଲ ମାନୁଫ୍ୟାକ୍‌ଚରିଂ କୋମ୍ପାନୀ ଲିମିଟେଡ଼ ।' ଏ ତ ଏକବାରେ ମାସ୍ ପ୍ରୋଡ଼କସନ୍ !"

ଶ୍ୟାମାଚରଣ ଏ ଶ୍ଳେଷୋକ୍ତିକୁ ପ୍ରଶସ୍ତି ରୂପେ ଭାବି କହିଲେ—"ଦେଖିବ ଦେଖିବ ଶ୍ରୀକାନ୍ତ ବାବୁ, ମଲା ବେଳକୁ ବାଣୀଙ୍କ ଭଣ୍ଡାରକୁ ଶହେଗୋଟି ଅବଦାନ ଦେଇ ଯାଇଥିବି ।"

ଏତେବେଳଯାଏ ଚା'ର ବନ୍ଦୋବସ୍ତ ହୋଇ ନ ଥିବା ଦେଖି ଶ୍ରୀକାନ୍ତ ଆଉ ଟିକିଏ ଖୋସାମତିଆ କଣ୍ଠରେ କହିଲା—"ଆଜ୍ଞା ଶହେ କଣ ଦିଅନ୍ତୁ ? ଦେଲେ ଶହେ ଏକ୍ ସିନା !"

ଶ୍ୟାମାଚରଣ ଉତ୍ସାହିତ ହୋଇ କହିଲେ—"ଠିକ୍ କହୁଛ, ଠିକ୍ କହୁଛ ! ଶହେ ଏକ ଖଣ୍ଡ ଉପନ୍ୟାସ ମୋତେ ଲେଖିବା ପାଇଁ ପଡ଼ିବ ।"

ତା'ପରେ ସାନପୁଅକୁ ଚା' ଆଣିବା ଉଦ୍ଦେଶ୍ୟରେ ବଡ଼ପାଟିରେ ଡାକିଲେ—"ଆରେ ବଗୁଲି, ମା'ଙ୍କୁ କହିବୁ ଦୁଇ କପ୍ ।"



ଶ୍ରୀକାନ୍ତ ଏଥର ଆଶ୍ୱସ୍ତ ହୋଇ କହିଲା—"ବେଶ୍-ବେଶ୍ ! ଭାବୀକାଳର ସମାଲୋଚକ ବାପୁଡ଼ା ଆପଣଙ୍କ ମହାସାଗରରେ ରତ୍ନର ସନ୍ଧାନରେ ବୁଡ଼ି ଅଣନିଃଶ୍ୱାସୀ ହୋଇଗଲେ ବି ଆପଣଙ୍କ ରତ୍ନର କଣିକାଏ ସୁଦ୍ଧା ପାଇବ ନାହିଁ ।"

ଶ୍ୟାମାଚରଣ ଦୁଇ ବୁଢ଼ା ଆଙ୍ଗୁଠି ହଲାଇ କହିଲେ—"ଆମେ ରାମଚରଣ ହୋଇଛୁ କି ? ଆମକୁ କିଏ ଧରି ପାରିବ ?"

ହାଫ୍‌ପ୍ୟାଣ୍ଟ ପରିହିତ ବଗୁଲି ଦୁଇଟି ଡେମ୍ଫଭଙ୍ଗା କପ୍‌ରେ ଦୁଇକପ୍ ଚା' ଆଣି ଶ୍ୟାମାଚରଣଙ୍କ ଟେବୁଲ ଉପରେ ରଖି ଦେଇଗଲା । ଗଟାପାର୍ଚ୍ଚାର କପ୍ । ଗୋଟିକର ରଙ୍ଗ ନାଲିଆ, ଆରଟିର ରଙ୍ଗ ହଳଦିଆ ।

ଶ୍ରୀକାନ୍ତ କପ୍‌ଟିକୁ ମୁହଁ ପାଖରେ ଉଠାଇ ଧରି ପଚାରିଲା—"ଉପନ୍ୟାସର ନାଁ କଣ ଦେଉଛନ୍ତି ?"

ଶ୍ୟାମାଚରଣ କହିଲେ—"ମନ୍ଦୋଦରୀ । ମନ୍ଦୋଦରୀ ମୋର ମାନସ କନ୍ୟା ।"

ଶ୍ରୀକାନ୍ତ ଆଉ ଢୋକେ ଚା' ପିଇ ପଚାରିଲା—'ସେ ମହୀୟସୀ କ'ଣ କରିବେ ?"

ଶ୍ୟାମାଚରଣ କହିଲେ—"ପ୍ରେମ କରିବେ । ଆଉ କରନ୍ତେ କ'ଣ ? କିନ୍ତୁ ଏ ଏକାଥରେ ନୂଆ ପ୍ରେମ—ପ୍ଲାଟୋନିକ୍ !"

ଶ୍ରୀକାନ୍ତ ପକେଟରୁ ଖଣ୍ଡେ ଲୋଭ୍ୟକୋଭ୍ୟ ସିଗାରେଟ କାଢ଼ି ସେଥିରେ ନିଆଁ ଲଗାଇ ପଚାରିଲା—"ସେଇଟି ପୁଣି କି ବସ୍ତୁ ?"

ଶ୍ୟାମାଚରଣ କହିଲେ—"ସେ ଆଧୁନିକ ପ୍ରେମ । ମାନେ ପବନ ପରି । ମାନେ ଛୁଇଁ ଯାଉଥିବ, କିନ୍ତୁ ଧରା ଦେଉ ନ ଥିବ । ମାନେ ଏଇ ଫ୍ରୟେଡ଼ିଆନ, ପୋଡ଼ିଯାଉଥିବ କିନ୍ତୁ ଜଳୁ ନ ଥିବ ।"

ଶ୍ରୀକାନ୍ତ ଉଠିଲା । ପୁଣି କାଲି ଆସି ଆଉ କିଛି ଫ୍ରୟେଡ଼ିଆନ ଶୁଣିଲେ ଆଉ ଚା' କପ୍‌ଟାଏ ହୋଇଯିବ । ଶ୍ୟାମାଚରଣ କିନ୍ତୁ ଛାଡ଼ିବାକୁ ନାରାଜ !

ସେ କହି ଚାଲିଲେ—"ସେଇ ମନ୍ଦୋଦରୀକୁ ଧରିବା ପାଇଁ ଆସିବେ ଅନେକ । କିନ୍ତୁ ନ ପାରିଷ୍ୟନ୍ତି ! ମନ୍ଦୋଦରୀ ସମସ୍ତଙ୍କୁ ଖାଲି ଛୁଇଁ ଯାଉଥିବ, କିନ୍ତୁ କାହାକୁ ଧରା ଦେଉ ନ ଥିବ ! ନାୟକ ସବ୍ୟସାଚୀ

ଦୂରେଇ ଦୂରେଇ ହୋଇ ଆସୁ ନ ଥିବ, କିନ୍ତୁ କୋଣେଇ କଣେଇ ଚାହୁଁଥିବ।"

ଶ୍ରୀକାନ୍ତ ପଚାରିଲା—"ତା' ପରେ ?"

ଶ୍ୟାମାଚରଣ କହିଲେ—"ବିବାହ ! ସେ କିନ୍ତୁ ପୁତ୍ରାର୍ଥେ ନୁହେଁ।"

ଶ୍ରୀକାନ୍ତ ଉଠିଗଲା।

ଜ୍ୟେଷ୍ଠମାସର ଗୁଳୁଗୁଳିଆ ରାତି ଅଧ। ବାହାରେ ସୁନ୍ଦର ଜହ୍ନ ଫୁଟିଛି। ଶ୍ୟାମାଚରଣ ଝାଳନାଳ ହୋଇ ଉପନ୍ୟାସ ଲେଖୁଥିଲେ—କିନ୍ତୁ ମନ୍ଦୋଦରୀଙ୍କୁ ନେଇ ବିପଦ। ପ୍ରାଚୀନ କବିମାନେ ବର୍ଷର ଛ'ଋତୁ ବର୍ଣ୍ଣନା କରିବା ପରି ଶ୍ୟାମାଚରଣ ମନ୍ଦୋଦରୀର ଶୈଶବରୁ ଯୌବନ ପର୍ଯ୍ୟନ୍ତ ସବୁ ବର୍ଣ୍ଣନା କରି ସାରିବା ପରେ ମହା ଅଡୁଆରେ ପଡ଼ିଥିଲେ।

ମନ୍ଦୋଦରୀ ଓଡ଼ିଆଣୀଙ୍କ ପରି ଶାଢ଼ୀ ବ୍ଲାଉଜ୍ ପିନ୍ଧିବାକୁ ନାରାଜ। ବ୍ରା ଉପରେ ଓଭରଅଲ ପିନ୍ଧି, ସେ ଶ୍ୟାମଚରଣଙ୍କ ଆଗରେ ଠିଆ ହୋଇ ପଚାରିଲା—"ଦେଖ ତ କିପରି ଦିଶୁଛି ମୁଁ !"

ଶ୍ୟାମାଚରଣ ଆର୍ତ୍ତକଣ୍ଠରେ କହିଲେ—"ନା-ନା ମନ୍ଦୋଦରୀ, ତମେ ବଡ଼ ଅବାଧ୍ୟ, ଉଚ୍ଛୃଙ୍ଖଳ ହୋଇଯାଉଛ। ଏ ସବୁ କି ଅସଭ୍ୟ ପୋଷାକ ? ତମେ ଜର୍ଜେଟ ପିନ୍ଧ, ନୋହିଲେ ସଲଓ୍ୱାର ପିନ୍ଧ ଘାଗରା ବି ପିନ୍ଧିପାର···ହାତରେ ଧର କିନ୍ତୁ ନୀଳାକମଳ, ନୋହିଲେ ମୋର ଯେକୌଣସି ଖଣ୍ଡେ ଉପନ୍ୟାସ ! ତମେ ହେବ ତରୁଣ କବିର ପ୍ରଥମ ସ୍ୱପ୍ନ ! ଛୁଆଁ ଦେଉଥିବ, କିନ୍ତୁ ଧରା ପଡ଼ୁ ନ ଥିବ। ମାତ୍ର ତମର ଆଖିରେ ମୁହଁରେ ଯେ ଆତ୍ମସମର୍ପଣ ଓ ପରାଜୟର ସ୍ପଷ୍ଟ ସ୍ୱାକ୍ଷର !"

ମନ୍ଦୋଦରୀ ଶ୍ୟାମାଚରଣଙ୍କ ପାଣ୍ଡୁଲିପିଟା ଫିଙ୍ଗି ଦେଇ କହିଲା—"ତମେ ଗୋଟିଏ ବୃଦ୍ଧ ଷ୍ଟୁପିଡ୍ ! ମୁଁ ପ୍ରଥମେ ନାରୀ, ପରେ ତମ ଉପନ୍ୟାସର ନାୟିକା ! ମୋର କାମନା ଅଛି, ଉତ୍ତେଜନା ଅଛି। ପ୍ରବୃତ୍ତି ଉପରେ ପଲସ୍ ମାରି ତାକୁ ହୁଏତ ମୁଁ କହି ବୁଲୁଛି ପ୍ରେମ। କିନ୍ତୁ ଏ ସବୁ ତ ଅତି ମାମୁଲି, ସହଜ ଓ ସରଳ କଥା ! ପୁଣି



ଜୀବନରେ ଅତି ତୁଚ୍ଛ କଥା। ତମେ ତାକୁ ଏତେ ଜଟିଳ କରୁଛ କାହିଁକି ? ଏଠି ଜୟ ପରାଜୟ ଆସିଲା କେଉଁଠୁ ? କିଏ କାହା ବିରୁଦ୍ଧରେ ଯୁଦ୍ଧ କରୁଛି ଏଠି ?"

ଶ୍ୟାମାଚରଣ କହିଲେ—"ବାଃ, ତାହେଲେ ମୋ ଉପନ୍ୟାସ ଲେଖା ଚାଲିବ କେମିତି ? ରାମଚରଣର କୋଠାପିଟା ଚାଲିଛି, ଦେଖୁଛ ତ ?

ମନ୍ଦୋଦରୀ କହିଲା, "ତା'ଠୁ ବରଂ କଲାପୋଚେଇ କାରବାର କର। ଉପନ୍ୟାସ ଇଣ୍ଡଷ୍ଟ୍ରୀଠାରୁ ସେ ଆଉରି ଲାଭପ୍ରଦ।"

ଶ୍ୟାମାଚରଣ ବିବ୍ରତ ଭାବରେ କହିଲେ—"କିନ୍ତୁ ମନ୍ଦୋଦରୀ, ତମେ ନିଦାଘ ନିଶୀଥରେ ଏଇ ଚନ୍ଦ୍ର ଆଡ଼େ ଚାହିଁ ସତରେ କହୁଛ, ପ୍ରେମ କେବଳ ଗୋଟାଏ ପଲସ୍ ? ଖାଲି ଗୋଟାଏ ପ୍ରବୃତ୍ତି ? ନିବଡ଼ୋ ? ଏଇ ଚନ୍ଦ୍ର ଆଡ଼େ ଚାହିଁ, କାହାର ଚନ୍ଦ୍ରାବିହ୍ୱଳ ଆଲିଙ୍ଗନ ପାଇଁ···"

ମନ୍ଦୋଦରୀ କହିଲା—"ହାୟ, ହାୟ ଶ୍ୟାମାଚରଣ ! ଆଧୁନିକ ବିଜ୍ଞାନ ତମର ଦାନା ବୁଡ଼ାଇ ଦେଲାଣି। ଆଉ କଣ ସେ ଚନ୍ଦ୍ର ଅଛି, ଯାହାକୁ ଦେଖି ତମର ପ୍ରୋଷିତଭର୍ତ୍ତୃକା ଚନ୍ଦ୍ରାନନାର କଥା ଭାବୁଥିଲ ? ଆଜି ତମର ଏଇ ଚନ୍ଦ୍ର ଆଡ଼େ ଚାହିଁ ସେ ଭାବୁଚି, ସେଠି କୌଣସିମତେ ଅଧିକଖାଦ୍ୟ ଉତ୍ପାଦନର ଯୋଜନାଟା ଆରମ୍ଭ କରିଦେଲେ, ପୃଥିବୀର ଖାଦ୍ୟସମସ୍ୟାର ଆଂଶିକ ସମାଧାନ ହୋଇଯା'ନ୍ତା। ମରୁଭୂମିରେ ପ୍ରେମ କାହିଁ ଶ୍ୟାମାଚରଣ ?"

ଏତିକିବେଳେ ଆଉ ଜଣେ ଯୁବକ ସେଇ କୋଠରୀ ଭିତରକୁ ପଶି ଆସିଲେ। ମଣିଷ ଦେହରେ ବୈଶାଖୀ ଝଡ଼ ଯେମିତି ରୂପ ନେଇଛି।

ମନ୍ଦୋଦରୀ କହିଲା—"ଓ ସବ୍ୟସାଚୀ ! ତମେ ବି ଏଠି ?"

ସବ୍ୟସାଚୀ ଶ୍ୟାମାଚରଣଙ୍କ ଟେବୁଲ ଉପରେ ବସିପଡ଼ି କହିଲା—"ତମେ ଶ୍ୟାମାଚରଣ ନା ? ଆଚ୍ଛା ମିଷ୍ଟର ଶ୍ୟାମାଚରଣ ! ତମେ କ'ଣ ଭାବ ପ୍ରେମ ଆମର ଗୋଟାଏ 'ହୋଲ୍ ଟାଇମ ଜବ୍' ? ସକାଳୁ ଉଠିଲା ବେଳକୁ ଟି' କପ୍‌ରେ ଚିନି କମ୍, ଖାଇଲା ବେଳେ ଚାଉଳରେ ଗୋଡ଼, ପିନ୍ଧିଲା ବେଳକୁ ଲୁଗା ଫଟା। କାଗଜରେ ପଢ଼ିଲ

ବେଳକୁ ଯୁଦ୍ଧ ! ଶାନ୍ତି-ସମ୍ମିଳନୀରେ ବାକ୍‌ଯୁଦ୍ଧ ! ଯୁଦ୍ଧ, ଯୁଦ୍ଧ, ସବୁଠି ଯୁଦ୍ଧ, ସବୁଠି ସମସ୍ୟା । ଏଠି ହୋଲଷ୍ଟାଇନର୍ ପ୍ରେମିକ ହେବା ପାଇଁ ସମୟ କାହିଁ ?"

ଶ୍ୟାମାଚରଣ ନୀରବରେ ସବ୍ୟସାଚୀ ଆଡ଼େ ମୂକ ପରି ଅନାଇଥିଲେ ।

ସବ୍ୟସାଚୀ କହି ଚାଲିଲା—"ଶୁଣ ଶ୍ୟାମାଚରଣ, ପ୍ରେମ ଆମର ପ୍ରୟୋଜନ । ସକାଳୁ କପେ ଚା' କି ଖଣ୍ଡେ ସିଗାରେଟ ଯେମିତି ପ୍ରୟୋଜନ, ପ୍ରେମ ମଧ୍ୟ ସେମିତି ଗୋଟାଏ ପ୍ରୟୋଜନ । ଜୀବନ ଆଜି ଗୋଟିଏ ଲାବୋରେଟରୀ । ସେହି ଲାବୋରେଟରୀରେ ଅନୁଭୂତିର କାଚନଳୀରେ ପ୍ରତ୍ୟେକ ପରମ୍ପରା, ଧାରଣା ଓ ବିଶ୍ୱାସ ଆମେ ପରୀକ୍ଷା କରିବୁ ! ସେ ପ୍ରେମ ଫ୍ରେମ ଛାଡ଼ ଆଉ ତେଣୁ କିଛି ନୂଆ କଥା କୁହ ।"

ମନ୍ଦୋଦରୀ କହିଲା—"ସବ୍ୟସାଚୀ, ଏ ଷ୍ଟୁପିଡ୍ ମୋତେ ବୁଢ଼ୀ ହେଲେ ତମ ପାଖରେ ବେଦୀ ଉପରେ ବସାଇ ପୁଣି 'ଯଥା ରାବଣସ୍ୟ ମନ୍ଦୋଦରୀ' କରିବ ବୋଲି ବସିଛି ।...ମୋତେ କ୍ଷମା କର ସବ୍ୟସାଚୀ, ବିବାହ ଯଦି କେବେ କରିବି, ପ୍ରୟୋଜନ ପାଇଁ । କିନ୍ତୁ ତମମାନଙ୍କ ଦ୍ୱାରା ସେ ପ୍ରୟୋଜନ ପଡ଼ିନାହିଁ ଏପର୍ଯ୍ୟନ୍ତ ।"

ଶ୍ୟାମାଚରଣ ଏତେବେଳ ପର୍ଯ୍ୟନ୍ତ ବସି ସବୁ ନୀରବରେ ଶୁଣୁଥିଲେ । କିନ୍ତୁ ଆଉ ସମ୍ଭାଳି ନ ପାରି ପାଟିକରି ଚିତ୍କାର କରି ଉଠିଲେ..."ଅଲବତ୍ ତମେ ସବ୍ୟସାଚୀକୁ ବିବାହ କରିବ ମନ୍ଦୋଦରୀ । ନୋହିଲେ ସବ୍ୟସାଚୀକୁ ଠିକ୍ ପୋଟାସିଅମ ସାଇନାଇଡ୍ ଖୁଆଇଦେବି । ତମେ ବିବାହ କରିବ ନାହିଁ ତ, ମୁଁ ସାହିତ୍ୟରେ ରସ ଆଣିବି କେଉଁଠୁ ?"

ମନ୍ଦୋଦରୀ ଶ୍ଳେଷମିଶ୍ରିତ କଣ୍ଠରେ କହିଲା—"ରସ ! ଏ ହେଲେ ବି ! କେତୋଟି ପିଲାର ବାପା ହେଲଣି ଶ୍ୟାମାଚରଣ ?"

× × ×

ନିଦ ଭାଙ୍ଗିଗଲା । ଗୃହିଣୀଙ୍କ ଚିତ୍କାର । ଆଠୋଟି ସନ୍ତାନଙ୍କ ମଧ୍ୟରେ ମଲ୍ଲଯୁଦ୍ଧ । ନନ୍‌ସେନ୍‌ସ ! ଉପନ୍ୟାସଟା ଆଜିର ଅନେକ ବାକି ।

"ହଇ ହୋ ଶୁଣୁଚ ! କପେ ଚା'..." (୧୯୫୨)

## ॥ ଡେନୋସାରର ଆତ୍ମା ॥

ବୋଧହୁଏ ରୁପା ବ୍ରିଜ୍ ଉପରେ ଗାଡ଼ି ଚାଲିଛି ।

ମହାରାଜ ରାୟ ବ୍ରଜେଶ୍ୱର ରାୟ ସଟର୍‌ର କାଚପର୍ଦ୍ଦା ଉଠାଇ ଜାଲି ବାଟେ ଚାହିଁଲେ ବାହାରକୁ । ପୂର୍ବ ଆକାଶରେ ପାଉଁଶିଆ ଆଲୁଅ ଧୀରେ ଧୀରେ ଉକୁଟି ଆସୁଚି, ଉଷା ଆସୁଚି ଅଶ୍ରୁସିକ୍ତା ନାରୀ ପରି ।

ଗତ ରାତିରେ ହୁଇସ୍କିର ମାତ୍ରାଧିକ୍ୟ ଲାଗି ମୁଣ୍ଡଟା ଭାରି ଭାରି ଲାଗୁଚି ।

ହଁ...ରୂପା ବ୍ରିଜ୍ । ବ୍ରିଜ୍ ତଳେ ରୂପାର ଅଙ୍କାବଙ୍କା ପାଣି ଧାର ବାଲୁକାଶଯ୍ୟା ଉପରେ ଶୋଇଚି ରାତିଶେଷରେ ରତିକ୍ଳାନ୍ତା ପରି । ମାଧବୀ ? ମୋହିନୀ ? ଶ୍ରୀମତୀ ? ଅନୁରାଧା ?

ବ୍ରଜେଶ୍ୱର ନିଜ ପାଇପ୍‌ରେ ନିଆଁ ଲଗାଇଲେ । ଏ ଗତ ଦଶ ବର୍ଷ ଭିତରେ କିଛି ପରିବର୍ତ୍ତନ ହୋଇନାହିଁ ତ ! ସେଇ ରୂପା, ରୂପା କୂଳରେ ସେଇ ଅତି ପରିଚିତ ଲାଣ୍ଡସ୍କେପ୍...ଏଇ ତ ଆଗ ଷ୍ଟେସନଟା ରାଜ କାଞ୍ଚନଗଡ଼ । କିଛି ପରିବର୍ତ୍ତନ ହୋଇନାହିଁ ।

ଦଶବର୍ଷ କିଛି ନୁହେଁ । ବ୍ରଜେଶ୍ୱର ଉଲ୍ ସ୍ଲିପିଙ୍ଗ୍ ଗାଉନ୍‌ଟା ଖୋଲି ବିଛଣା ଉପରେ ଫିଙ୍ଗିଦେଲେ ।

ଦୀର୍ଘ ଦଶ ବର୍ଷ ପରେ ଆଜ ଏ ଶୀତ ସକାଳରେ କାଞ୍ଚନଗଡ଼ ପ୍ରତ୍ୟାବର୍ତ୍ତନ ବ୍ରଜେଶ୍ୱରଙ୍କର ହୁଇସ୍କି-ଭାରି ମସ୍ତିଷ୍କକୁ ସତେଜ, ଚଞ୍ଚଳ କରିଦେଲା । ରାଜ କାଞ୍ଚନଗଡ଼ ଷ୍ଟେସନ ୟାର୍ଡ଼ ଭିତରକୁ ପଶି ଗାଡ଼ିର ଗତି ମନ୍ଥର ହୋଇଗଲା । ପ୍ଲାଟଫର୍ମ ଉପରୁ ସମବେତ କଣ୍ଠରେ ଚିତ୍କାର ଶୁଭୁଥିଲା... କାହାର ଜୟଧ୍ୱନି ? ବ୍ରଜେଶ୍ୱର କାନପାତି ଶୁଣିଲେ...ଜୟ ମହାରାଜ ରାୟ ବ୍ରଜେଶ୍ୱର ରାୟଙ୍କ ଜୟ !

ବ୍ରଜେଶ୍ୱରଙ୍କର ନିଷ୍ଠୁର ଲୁହାର ମୁହଁ ହସର ରେଖାରେ ଅଳ୍ପ କୁଞ୍ଚିତ ହୋଇଗଲା ।

ଗାଡ଼ି ରହିଲା । ବ୍ରଜେଶ୍ୱର ଝରକା ବାଟେ ଚାହିଁଥିଲେ ବାହାର ପ୍ଲାଟଫର୍ମକୁ । ଦୀର୍ଘ ଦଶବର୍ଷର ନିର୍ବାସନ ପରେ ବ୍ରଜେଶ୍ୱର ଫେରୁଥିଲେ ଆଜି କାଞ୍ଚନଗଡ଼ । ତାଙ୍କୁ ଅଭିନନ୍ଦନ କରିବା ପାଇଁ ତେଣୁ ପ୍ଲାଟଫର୍ମରେ ତିଳ ଧାରଣ ପାଇଁ ସୁଦ୍ଧା ସ୍ଥାନ ନ ଥିଲା । ଏହା ଭିତରେ ଅବଶ୍ୟ ବହୁ ପରିବର୍ତ୍ତନ ହୋଇଯାଇଛି । କାଞ୍ଚନଗଡ଼ ରାଜ୍ୟ ନାହିଁ, ରାଜୁତି ଯାଇଛି, ବ୍ରଜେଶ୍ୱରଙ୍କ ଲୁହାର ଦେହରେ ପ୍ରୌଢ଼ତ୍ୱର କଳଙ୍କି··· କମ୍ପାର୍ଟମେଣ୍ଟ୍ର ଦରଜା ବ୍ରଜେଶ୍ୱର ଖୋଲିଦେଲେ । ଭିତରକୁ ଅତି ସନ୍ତର୍ପଣରେ ପଶି ଆସିଲେ ତିନି ଜଣ ଭୃତ୍ୟ । ଜଣେ ପିନ୍ଧାଇ ଦେଲା ପୋଷାକ, ଆଉ ଜଣେ ପାଖରେ ଧରିଲା ମୁହଁ ଧୋଇବାପାଇଁ ପାଣି ଓ ତଉଲିଆ । ଅନ୍ୟ ଜଣେ ଟ୍ରେରେ ଆଣି ଦେଲା ସକାଳ-ଚା' । ବାହାରେ କମ୍ପାର୍ଟମେଣ୍ଟ୍ ଦୁଆରେ ଜନତାର ଜୟଧ୍ୱନି । ଗାଡ଼ି ଛାଡ଼ିବାରେ ତିନି ମିନିଟ୍ ଡେରି ହୋଇଗଲାଣି । ତଥାପି ବ୍ରଜେଶ୍ୱର ଏ ପର୍ଯ୍ୟନ୍ତ କୁପେ ଭିତରୁ ବାହାରି ନାହାନ୍ତି । ଅନ୍ୟ ଏକ କମ୍ପାର୍ଟମେଣ୍ଟରୁ ତାଙ୍କ ଜିନିଷପତ୍ର ଓହ୍ଲା ଚାଲିଛି । ଗଣ୍ଡା ଗଣ୍ଡା ବନ୍ଧୁକ, ଆମ୍ୟୁନିସନ ବାକ୍ସ, କ୍ୟାମେରା ଇତ୍ୟାଦି ଇତ୍ୟାଦି । ବ୍ରଜେଶ୍ୱର ଧୀରେ ଧୀରେ କୁପେ ଭିତରୁ ପ୍ଲାଟଫର୍ମ ଉପରକୁ ଓହ୍ଲାଇ ଆସିଲେ । ତାଙ୍କ ଜୟଧ୍ୱନିରେ ସକାଳର ଶାନ୍ତ ଆକାଶ ଯେପରି ବିଦୀର୍ଣ୍ଣ ହୋଇଗଲା । ରାଶିରାଶି ଶିଶିରଭିଜା ଗେଣ୍ଡୁ ଫୁଲ ମାଳାରେ ବ୍ରଜେଶ୍ୱରଙ୍କର ମୁହଁ ଆଉ ଦେଖାଯାଉ ନ ଥିଲା ।

ବ୍ରଜେଶ୍ୱର ପାଇପ୍ରୁ କଳେ ଧୂଆଁ ଛାଡ଼ି ପାଖର ଜଣଙ୍କୁ ପଚାରିଲେ—"କଅଣ ଅଛି ମହାପାତ୍ରେ ? ଏମାନେ ସବୁ କାଞ୍ଚନଗଡ଼ର ଲୋକ ?"

ମହାପାତ୍ର—ମାଳାମ୍ବର ମହାପାତ୍ର କହିଲେ—"ହଜୁର ବଜେ କରୁଛନ୍ତି ଶୁଣି ଷ୍ଟେସନ ବାହାରେ ରାସ୍ତା ଦୁଇ ପାଖରେ ତୋରଣ, ପୂର୍ଣ୍ଣକୁମ୍ଭ ସଜାଇ ଲୋକେ ସବୁ ପାହାନ୍ତାରୁ ଜଗି ବସିଛନ୍ତି ।"

ଦଶ ବର୍ଷ ତଳେ ଆଉ ଗୋଟିଏ ରାତିର ସ୍ମୃତି ବ୍ରଜେଶ୍ୱରଙ୍କ ଆଖି ଆଗରେ ଭାସି ଉଠିଲା । ୧୯୪୭ ସାଲ ସେପ୍ଟେମ୍ବର ମାସରେ



ସେ ଗୋଟିଏ ଅନ୍ଧକାର ରାତିର କଥା । ପଲିଟିକାଲ ଏଜେଣ୍ଟ ମିଚେଲ ସାହେବ, ହୁଇସ୍କି ନିଶାରେ ଢୁଳାଇ ଢୁଳାଇ କହିଥିଲେ···"ଏଇ ମୁହୂର୍ତ୍ତରେ ସାର୍ବଭୌମ ବ୍ରିଟିଶ ସରକାରଙ୍କ ଆଦେଶରେ କାଞ୍ଚନଗଡ଼ ଛାଡ଼ିବାକୁ ପଡ଼ିବ, ପାଞ୍ଚ ବର୍ଷ ନିର୍ବାସନ ଆଦେଶ !"

କାଞ୍ଚନଗଡ଼ ପ୍ରାସାଦ ବାହାରେ ଉତ୍ତ୍ୟକ୍ତ ଜନତା ଦେଶୀବନ୍ଧୁକ ଆଉ ଡନାମାଇଟ୍ ଧରି ଠିଆ ହୋଇ ରହିଥିଲେ ସ୍ୱେଚ୍ଛାଚାରୀ, ସ୍ୱୈରାଚାରୀ ବ୍ରଜେଶ୍ୱରଙ୍କର ରକ୍ତ ପାଇଁ । ଏଇ ମହାପାତ୍ର ସେଦିନ ରାତିରେ ତାଙ୍କୁ ବହୁ କୌଶଳରେ ଲୁଚାଇ ନେଇ ରାଜ କାଞ୍ଚନଗଡ଼ ଷ୍ଟେସନରେ ପହଞ୍ଚାଇ ଦେଇ ଆସିଥିଲେ । ମହାପାତ୍ର··· ସବୁ ନୃଶଂସ, ନିଷ୍ଠୁର ଖିଆଲର ସହଚର ମାଳାମ୍ବର ମହାପାତ୍ର । ମହାପାତ୍ର ମଧ୍ୟ ଜେଲରେ ତାପରେ ତିନିବର୍ଷ ଅଟକ ରହିଥିଲେ ନାନା ଦୁଷ୍କର୍ମ ଅଭିଯୋଗରେ ।

ମହାପାତ୍ର ପାଟି କରୁଥିଲେ, ପାଖାଅ, ପାଖାଅରେ ଶଳେ !

ଷ୍ଟେସନ ଫାଟକ ବାହାରେ ଗୋଟାଏ ଲାଲ୍ ରଙ୍ଗର ରୋଲ୍ସରଏସ୍ ଗାଡ଼ି ବହୁ କଷ୍ଟରେ ଭିଡ଼ ଠେଲି ଆସି ଠିଆ ହେଲା । ବ୍ରଜେଶ୍ୱର ଗାଡ଼ି ଭିତରେ ବସିଲେ । ମହାପାତ୍ର ଡ୍ରାଇଭର ସ୍ଥାନରେ ବସି ଗାଡ଼ିରେ ଷ୍ଟାର୍ଟ ଦେଲେ ।

ବ୍ରଜେଶ୍ୱରଙ୍କର ଚେହେରାରେ ବହୁ ପରିବର୍ତ୍ତନ ହୋଇଥିଲେ ସୁଦ୍ଧା ସେଇ ସ୍ୱୈରାଚାରୀ କ୍ଷୀଣ ଦେହ, ମଳିନ କପାଳ ଉପରେ ଅଫସଚ କେଶରାଶି, କ୍ଷୁରର ଧାର ପରି ଦୁଇ ଜ୍ୱଳନ୍ତ ଆଖିରେ ସେଇ ପ୍ରମତ୍ତ ଦୃଷ୍ଟି ସେମିତି ଅପରିବର୍ତ୍ତିତ ରହିଥିଲା ।

ବ୍ରଜେଶ୍ୱର କହିଲେ—"ଯୋର୍ରେ ଚଳାଅ ମହାପାତ୍ର, ଘଣ୍ଟାଏ ପନ୍ଦର ମିନିଟରେ ମୋର ଗଡ଼ରେ ପହଞ୍ଚିବା ଦରକାର ।" ଷ୍ଟେସନରୁ ଗଡ଼ ସତୁରି ମାଇଲ, କିନ୍ତୁ ଗାଡ଼ି ଚାଲୁଥିଲା ଘଣ୍ଟାକୁ ଦଶମାଇଲ ବେଗରେ ।

ମହାପାତ୍ର ଗାଡ଼ିର ବେଗ ସାମାନ୍ୟ ବଢ଼ାଇ କହିଲେ—"ଆଜ୍ଞା, ଲୋକେ ଯେମିତି ଭିଡ଼ ବାନ୍ଧିଛନ୍ତି···"

…ଏଇ ଗୋଟାଏ ଆକ୍ସିଡେଣ୍ଟ୍ ହୋଇଯାଇଥାନ୍ତା । ଜଣେ ଆସୁଥିଲା ବ୍ରଜେଶ୍ୱରଙ୍କ ମୋଟରଗାଡ଼ି ବନେଟ୍‌ରେ ଫୁଲମାଳ ଦେବା ପାଇଁ ।

ବ୍ରଜେଶ୍ୱର କହିଲେ—"ଫୁଲ୍ସ୍ ! ଆଉରି ଯୋର୍‌ରେ ଚଳାଅ ମହାପାତ୍ର । ଲୋକମାନଙ୍କୁ କହିଦିଅ, ସାଧାରଣ ରାସ୍ତା ଅବରୋଧ କରିବା ଏକମାତ୍ର ଦଣ୍ଡନୀୟ ଅପରାଧ ।"

ମହାପାତ୍ର ଯୁକ୍ତି କଲେ—"କିନ୍ତୁ ହଜୁରଙ୍କୁ ଶ୍ରଦ୍ଧା ଜଣାଇବା ପାଇଁ ଏ ଶଳେ ଯେ ବହୁ ଦୂର ଦୂରାନ୍ତରୁ ଆସିଛନ୍ତି !"

ବ୍ରଜେଶ୍ୱର ପାଇପ୍‌ରୁ କଳେ ଧୂଆଁ ଛାଡ଼ି କହିଲେ—"ହନେ ମୋର ରକ୍ତପାନ ପାଇଁ ସେମାନେ ମଧ୍ୟ ବହୁ ଦୂର ଦୂରାନ୍ତରୁ ଆସି ଏମିତି ଭିଡ଼ ବାନ୍ଧିଥିଲେ । ସେମାନଙ୍କ ଶ୍ରଦ୍ଧା ବା ଶତ୍ରୁତାର କୌଣସି ସ୍ୱତନ୍ତ୍ର ମୂଲ୍ୟ ମୋ ପାଖରେ ନାହିଁ । ଦୁଇ ହାତ ଯୋଡ଼ି ମୁଁ ଅଭିନୟ କରି ପାରିବି ନାହିଁ । ଗାଡ଼ି ଯୋର୍‌ରେ ଚଳାଅ ମହାପାତ୍ର !"

ହର୍ଣ୍ଣ ଦେଇ ଦେଇ, ପଛରେ ଲାଲ୍‌ଧୂଳିର ଘୂର୍ଣ୍ଣି ସୃଷ୍ଟି କରି ଗୋଟାଏ ମୋଡ଼ରେ ଗାଡ଼ି ଅଦୃଶ୍ୟ ହୋଇଗଲା ।

( ଦୁଇ )

କାଞ୍ଚନଗଡ଼ ପ୍ରାସାଦର ଉଦ୍ୟାନରେ ହାତରେ ବନ୍ଧୁକ ଧରି ପଦଚାରଣ କରୁଥିଲେ ବ୍ରଜେଶ୍ୱର ।

ନୀଳ ଆକାଶରେ ଦଳ ଦଳ ହୋଇ ଉଡ଼ି ଯାଉଥିଲେ ମରାଳ, ଟିଲ୍, ଚକ୍ରବାକ । ଏଇ ଯେ ଆକାଶରେ ଉଡ଼ି ଯାଉଛନ୍ତି ଦଳେ ଟିଲ୍ ପକ୍ଷୀ ମଲ୍ଲୀର ମାଳା ପରି । ବ୍ରଜେଶ୍ୱର ଲକ୍ଷ୍ୟ କରି ବନ୍ଧୁକ ଫୁଟାଇଲେ । ଗୁଳିସ୍ରୋଟରେ କେତେଟା ପକ୍ଷୀ ତଳେ ଖସି ପଡ଼ିଲେ । ବ୍ରଜେଶ୍ୱରଙ୍କର ଲୁହାର ମୁହଁରେ ସନ୍ତୋଷର ରେଖା ଉକୁଟି ଉଠିଲା । ଜଣେ ମାଳୀ ଦଉଡ଼ିଗଲା ମୃତ ଓ ଆହତ ପକ୍ଷୀମାନଙ୍କର ସନ୍ଧାନ କରିବା ପାଇଁ ।

ପୁଣି ଆଉ ଦଳେ ପକ୍ଷୀ ଆସୁଛନ୍ତି କଳରବ କରି ।



କାସ୍ପିୟାନ୍ ମାନସରୋବରରେ ଏମାନଙ୍କର ଜୀବନତୃଷ୍ଣା ମେଣ୍ଟି-ନାହିଁ । ଶୀତଋତୁରେ ତେଣୁ ଏମାନେ ଉଡ଼ି ଆସୁଛନ୍ତି ବିଷୁବ ରେଖାର ନିକଟବର୍ତ୍ତୀ ଅଞ୍ଚଳକୁ ଉଷ୍ଣତାର ସନ୍ଧାନରେ । ପକ୍ଷରେ ସେମାନଙ୍କର ସୁଦୂରର ଆହ୍ୱାନ, କଣ୍ଠରେ ଜୀବନର ସଙ୍ଗୀତ…ବ୍ରଜେଶ୍ୱର ଆଉ ଥରେ ଲକ୍ଷ୍ୟ କରି ବନ୍ଧୁକ ଫୁଟାଇଲେ । କେତେଟା ତିଳଚଣ୍ଡୁଳିତ ଟିଲ୍‌ଡକ୍ ଗୁଳି ସ୍ରୋଟରେ ତଳେ ଖସି ପଡ଼ିଲେ । ବହୁ ବର୍ଣ୍ଣିତ ପକ୍ଷରେ ସେମାନଙ୍କର ବିନ୍ଦୁ ବିନ୍ଦୁ ରକ୍ତ ।

ବ୍ରଜେଶ୍ୱର ଗୋଟାଏ ପକ୍ଷୀକୁ ହାତରେ ଉଠାଇ ଧରିଲେ । ମୃତ୍ୟୁ ଧୀରେ ଧୀରେ ପକ୍ଷୀଟିକୁ କବଳିତ କରୁଥିଲା । ବ୍ରଜେଶ୍ୱର ପକ୍ଷୀ-ଟିକୁ ତଳେ ଫିଙ୍ଗିଦେଲେ ।

ଶିକାରର ଏ ନିଷ୍ଫଳ ଅପଚୟ ଆଉ ଭଲ ଲାଗେନାହିଁ । ହତ୍ୟାରେ ଆଉ ଉତ୍ତେଜନା ନାହିଁ । ବ୍ରଜେଶ୍ୱର ବନ୍ଧୁକଟା କାନ୍ଧରେ ରଖି ଧୀରେ ଧୀରେ ଉଆସ ଆଡ଼େ ଫେରି ଆସିଲେ ।

ଉଦ୍ୟାନର ସ୍ୱଚ୍ଛ ପୁଷ୍କରିଣୀରେ ଶ୍ୱେତମର୍ମର ଗଢ଼ା ପ୍ରାସାଦର ଛାୟା ଝଲମଲ କରୁଥିଲା । ଧ୍ୟାନ ଗମ୍ଭୀର ସାଇପ୍ରେସ ବୁଦା ଭିତରେ କି ଗୋଟିଏ ପକ୍ଷୀର କଳରବରେ ବ୍ରଜେଶ୍ୱର ଚମକି ପଡ଼ିଲେ ।

ନିର୍ଜନ, ନିଃଶବ୍ଦ ପ୍ରାସାଦ । ବ୍ୟଭିଚାରୀ, ନିଃସଙ୍ଗ, ନିଷ୍ଫଳ ଜୀବନ । ଘରଆଡ଼େ କେବଳ ପ୍ରାଣହୀନ ପ୍ରାଚୁର୍ଯ୍ୟ । ବ୍ରଜେଶ୍ୱର ତଳକୁ ମୁଣ୍ଡ ନୁଆଇଁ ଧୀରେ ଧୀରେ ପ୍ରାସାଦ ଆଡ଼କୁ ଆଗେଇଲେ ।

ସାମନା ପୋର୍ଟିକୋରେ ବ୍ରଜେଶ୍ୱରଙ୍କ 'ଦର୍ଶନ' ପାଇଁ କେତେଜଣ ଅପେକ୍ଷା କରି ଠିଆ ହୋଇଥିଲେ । ବ୍ରଜେଶ୍ୱର ବହୁ ବର୍ଷ ପରେ ପୁଣି କାଞ୍ଚନଗଡ଼ ଫେରି ଆସିଛନ୍ତି ଶୁଣି ବହୁ ଅଞ୍ଚଳରୁ ବହୁ ପ୍ରଜା ପ୍ରତିଦିନ ଆସୁଛନ୍ତି ତାଙ୍କ ସାକ୍ଷାତ ପାଇଁ । ରାଜ୍ୟ ନାହିଁ, ରାଜୁତି ଗଲାଣି, ତଥାପି ଏହି ଦୁର୍ଦ୍ଧର୍ଷ, ସ୍ୱେଚ୍ଛାଚାରୀ, ସ୍ୱୈରାଚାରୀ ବ୍ୟକ୍ତିଟି ପ୍ରତି ଅଗଣିତ ପ୍ରଜାଙ୍କର ଅବଚେତନରେ ରାଜପ୍ରୀତି ଓ ମମତା କିନ୍ତୁ ତୁଟି-ନାହିଁ । ବ୍ରଜେଶ୍ୱରଙ୍କୁ ଦେଖି ସେମାନେ ଆଭୂମି ଆନତ ହୋଇ ପ୍ରଣାମ ଜଣାଇଲେ । ବ୍ରଜେଶ୍ୱର ସେମାନଙ୍କ ପ୍ରତି ଦୃକ୍‌ପାତ ସୁଦ୍ଧା କଲେ-

ନାହିଁ । ବନ୍ଧୁକଟା କାନ୍ଧରୁ ଓହ୍ଲାଇ, ଜଣେ ଭୃତ୍ୟ ହାତରେ ଦେଇ ବ୍ରଜେଶ୍ୱର ଭିତରକୁ ଚାଲିଗଲେ ।

ଭିତରକୁ ଆସି ବ୍ରଜେଶ୍ୱର ମହାପାତ୍ରଙ୍କୁ ଡାକି କହିଲେ··· "କାହିଁକି ସେମାନେ ଭିଡ଼ ବାନ୍ଧିଛନ୍ତି ଏଠି ? କ'ଣ ଦରକାର ? ସେମାନଙ୍କୁ ତଡ଼ିଦିଅ ଏଠୁ ।"

ମହାପାତ୍ର କହିଲେ—"ହଜୁର ! ଦିନକାଳ ଯେପରି ବଦଳୁଛି, ସେମାନଙ୍କୁ ହାତରେ ରଖିଲେ ବହୁତ ଲାଭ ଅଛି । ଗଲେ ଆସନ୍ତି ଯେତେବେଳେ, ଏମିତି ତଡ଼ି ଦେବାଟା କ'ଣ ଠିକ୍ ହେବ ?"

ବ୍ରଜେଶ୍ୱର ଈଷତ୍ ଉଷ୍ମ କଣ୍ଠରେ କହିଲେ—"ଦିନ କାଳ ବଦଳିବା ସ୍ୱାଭାବିକ । ମୁଁ କିନ୍ତୁ ବଦଳି ନାହିଁ, ବଦଳିବାର ଆକାଙ୍କ୍ଷା ମଧ୍ୟ ନାହିଁ ।"

ମହାପାତ୍ର ଚାଲିଗଲେ ।

ସବୁଠି ମର୍ମରର ନିଷ୍ଠୁର ଉପହାସ । ସବୁଠି ଐଶ୍ୱର୍ଯ୍ୟର ପ୍ରାଣହୀନ ଶୀତଳତା···ଖୋଲା ଝରକା ବାଟେ ଦେଖାଯାଏ ବହୁ ଯତ୍ନରଚିତ ଗୋଲାପର ଉଦ୍ୟାନ । ଜୀବନଟା ଯେପରି ପ୍ରାଣହୀନ ମାର୍ବଲରେ ଖୋଳା ଗୋଟିଏ ଭୁବନମୋହିନୀ ରୂପସୀର ପ୍ରସ୍ତରମୂର୍ତ୍ତି···! ତାକୁ ଅନୁଭବ କରିହୁଏ, କିନ୍ତୁ ଉପଭୋଗ କରି ହୁଏନାହିଁ । ତାର ରୂପକୁ କେବଳ ପାନ କରିହୁଏ, କିନ୍ତୁ ସେଥିରେ ତୃଷା ଶାନ୍ତ ହୁଏନାହିଁ । ଏଠି ଧୂଳି ନାହିଁ, ମଳିନତା ନାହିଁ, ବ୍ୟର୍ଥତା ନାହିଁ । ଏଠି ସବୁ ଉଜ୍ଜ୍ୱଳ, ସବୁ ପରିଚ୍ଛନ୍ନ । ଏଠି ଅଛି ଖାଲି ଉଦଗ୍ର କାମନା, ଆଉ ତାକୁ ପ୍ରଶମିତ କରିବା ପାଇଁ ଅପରିମେୟ ଜାନ୍ତବ ଶକ୍ତି !

ବ୍ରଜେଶ୍ୱର ଡାକିଲେ···"କିଏ ଅଛି ?"

ଜଣେ ଭିତରିଆ ଆସି ଠିଆ ହେଲା ଆଦେଶ ଅପେକ୍ଷାରେ । ବ୍ରଜେଶ୍ୱର କହିଲେ···"ହୁଇସ୍କି ଆଉ ସୋଡ଼ା !"



ହୁଇସ୍କି ଓ ସୋଡ଼ା ଆସିଲା । ବ୍ରଜେଶ୍ୱର ଗ୍ଲାସରେ ଗୋଟିଏ ଚୁମୁକ୍ ଦେଇ ଗ୍ଲାସଟା ରଖିଦେଲେ ।

ମହାପାତ୍ର ଆସି କହିଲେ···"ଦାମୋଦର ରାୟଗୁରୁ ଆସିଛନ୍ତି ।"

ବ୍ରଜେଶ୍ୱର ପଚାରିଲେ···"କେଉଁ ଦାମୋଦର ରାୟଗୁରୁ ?"

ମହାପାତ୍ର କହିଲେ—"ରାଣୀଦହର ସେଇ ଦାମୋଦର ରାୟଗୁରୁ—ଯେ ପ୍ରଜାଆନ୍ଦୋଳନ ବେଳେ ଉଆସ ଘେରାଉ କରିଥିଲା । 'ଦେଖା ହୋଇପାରିବ ନାହିଁ' ବୋଲି କହି ତାଙ୍କୁ ମୁଁ ଫେରାଇ ଦେଉଛି !"

ବ୍ରଜେଶ୍ୱର କହିଲେ—"ନା, ତାଙ୍କୁ ଏଇଠାକୁ ସିଧା ପଠାଇ-ଦିଅ ମହାପାତ୍ରେ ।"

କିଛି ସମୟ ପରେ ଦାମୋଦର ରାୟଗୁରୁ ଆସିଲେ । ଦାମୋଦର ରାୟଗୁରୁ ପ୍ରୌଢ଼ । ବହୁ ଆନ୍ଦୋଳନରେ, ବହୁ କାରାବାସରେ ପୀଡ଼ନର ସୁସ୍ପଷ୍ଟ ଛାପ ଏବେ ସୁଦ୍ଧା ଦେହରେ ଲିଭି ନ ଥିଲା । ଦାମୋଦର ଅଣ୍ଟା ଓ ମୁଣ୍ଡ ନୁଆଁଇ ନମସ୍କାର କଲେ ।

ବ୍ରଜେଶ୍ୱର ପଚାରିଲେ—"ପୁଣି କି ନୂଆ ଦାବୀପତ୍ର ନେଇ ଆସିଛନ୍ତି ରାୟଗୁରୁ ? ମୁଁ ତ ଆପଣଙ୍କର ସବୁ ଦାବୀ କେବେଠୁଁ ପୂରଣ କରି ସାରିଛି !"

ରାୟଗୁରୁ ଅଳ୍ପ ହସି କହିଲେ—"ଆଉ ଦାବୀପତ୍ର ? ଏବେ ମହର୍ଗରୁ ଯାଇଁ ତ କାନ୍ତାରରେ ପଡ଼ିବା କଥା ।"

ବ୍ରଜେଶ୍ୱର କହିଲେ—"ସେ ତ ଅତି ସ୍ୱାଭାବିକ । କାରଣ ମହର୍ଗ ନୋହିଲେ କାନ୍ତାର—ସେହି ଦୁଇଟାଇ ଏକମାତ୍ର ସତ୍ୟ । ମନୁଷ୍ୟର ଲଲାଟ ପଟରେ ଭାଗ୍ୟବିଧାତା ତାଛଡ଼ା ତ ଆଉ କିଛି ଲେଖି ନାହାନ୍ତି !"

ରାୟଗୁରୁ ପଚାରିଲେ—"ମାନେ ?"

ବ୍ରଜେଶ୍ୱର ପାଇପ୍‌ରେ ନିଆଁ ଲଗାଇ କହିଲେ—"ମାନେ ଅତି ସହଜ ରାୟଗୁରୁ । ଅତ୍ୟାଚାର କରିବା ମନୁଷ୍ୟର ଧର୍ମ । ସୁଯୋଗ

ପାଇଲେ ଜଣେ ମନୁଷ୍ୟ ଅନ୍ୟ ଜଣକର ଦୁର୍ବଳତା ଅଥବା ଅସତର୍କତାର ସୁଯୋଗ ନେଇ ଚଳାଉଥିବା ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ମନୁଷ୍ୟ ରାଷ୍ଟ୍ରର ସୃଷ୍ଟି କରିଥିଲା । କିନ୍ତୁ ମନୁଷ୍ୟଠୁ ବଳି ରାଷ୍ଟ୍ର ଯେ ଆହୁରି ଅତ୍ୟାଚାରୀ ହୋଇପାରେ, ସେ ଆଶଙ୍କା ବା କିଏ କରିଥିଲା କହ !"

ରାୟଗୁରୁ ପଚାରିଲେ—"ତାହେଲେ ଆମେ ରାଜତନ୍ତ୍ରର ଲୋପ କଲୁ କାହିଁକି ?"

ବ୍ରଜେଶ୍ୱର ପାଇପ୍‌ରୁ କିଛି ଧୂଆଁ ଛାଡ଼ି କହିଲେ—"ରାଜତନ୍ତ୍ରରେ ଏକ ଘୋର ତ୍ରୁଟି ରହି ଯାଇଥିଲା ରାୟଗୁରୁ । ମୁଁ ଅତ୍ୟାଚାର ଓ ପୀଡ଼ନ କରୁଥିଲି ପ୍ରଜାମାନଙ୍କର ମତାମତ ନ ନେଇ । କିନ୍ତୁ ଗଣତନ୍ତ୍ରରେ ତା'ଠୁ ବଳି ଆହୁରି ନିଷ୍ଠୁର ଅତ୍ୟାଚାର ଓ ପୀଡ଼ନ ଚାଲେ ପ୍ରଜାମାନଙ୍କର ମତାମତ ନେବାର ଅଭିନୟ କରି । ଧରନ୍ତୁ ରାଜତନ୍ତ୍ରର ବ୍ୟବସ୍ଥାରେ ମୁଁ ଆପଣଙ୍କୁ ନ ପଚାରି ଆପଣଙ୍କ ମୁଣ୍ଡଟା ଫଟାଇ ଦେଉଥିଲି, କିନ୍ତୁ ଗଣତନ୍ତ୍ରର ବିଧାନରେ ଆପଣଙ୍କ ମୁଣ୍ଡଟା ଫଟାଇବା ପାଇଁ ପ୍ରଥମେ କିନ୍ତୁ ଆପଣଙ୍କ ସ୍ୱୀକୃତି ନେବା ଆବଶ୍ୟକ !"

ବ୍ରଜେଶ୍ୱର ଅଟ୍ଟହାସ୍ୟ କରି ଉଠିଲେ ।

ରାୟଗୁରୁ କହିଲେ, "ମୁଁ ମଧ୍ୟ କ୍ରମେ ଅତ୍ୟାଚାରରେ ବିଶ୍ୱାସ କରୁଛି । କାରଣ ମନୁଷ୍ୟ ଭୟ ଛଡ଼ା ଅନ୍ୟ କୌଣସିଥିରେ ବିଶ୍ୱାସ କରେନାହିଁ । ଭୟର ଭିତ୍ତି ଉପରେ ଗଢ଼ା ମନୁଷ୍ୟ ସମାଜ । ସଭ୍ୟତା, ସଂସ୍କୃତି, ଜ୍ଞାନ, ବିଜ୍ଞାନ ଓ ଧର୍ମ-ଅତ୍ୟାଚାରର ଭୟ ଥିବା ପର୍ଯ୍ୟନ୍ତ ମନୁଷ୍ୟର ସମାଜଜୀବନ ନିରାପଦ ହୋଇ ରହିଥିବ । ଅତ୍ୟାଚାରର ଆଶଙ୍କା ନ ଥିଲେ ମନୁଷ୍ୟ ଆଉ ସମାଜର ବନ୍ଧନ ଭିତରେ ବନ୍ଦୀ ହୋଇ ରହିବ ବା କାହିଁକି ?"

ବ୍ରଜେଶ୍ୱର କକ୍ଷାନ୍ତରକୁ ଚାଲିଗଲେ । ଏ ସବୁ ନିରର୍ଥକ ଆଲୋଚନା ପାଇଁ ତାଙ୍କର ସମୟ ନ ଥିଲା ।



## ( ତିନି )

ସନ୍ଧ୍ୟା—

ବ୍ରଜେଶ୍ୱର ପ୍ରମୋଦ କକ୍ଷର ବାତାୟନ ପାଖରେ ଠିଆ ହୋଇଥିଲେ ବାହାରରେ ଜ୍ୟୋସ୍ନା-ପୁଲକିତ ଉଦ୍ୟାନ ଆଡ଼େ ଚାହିଁ । ଅଦୂରର ଇଉକାଲିପଟସ୍ ଆଉ ଝାଉଁଗଛ ଉହାଡ଼ରୁ ଶୁକ୍ଳ ଅଷ୍ଟମୀ ତିଥିର ଚନ୍ଦ୍ରୋଦୟ ହେଉଥିଲା, ରୂପକଥାରେ ରାଜକୁମାରୀର ମଦବିହ୍ୱଳ ଆଖିରେ କେଉଁ ଅଜଣା ଦେଶ ରାଜକୁମାରର ସ୍ୱପ୍ନ ପରି । ବ୍ରଜେଶ୍ୱରଙ୍କ ହାତରେ ହୁଇସ୍କିର ଗ୍ଲାସ ନିଃଶେଷ ହୋଇ ସାରିଥିଲା । ବ୍ରଜେଶ୍ୱର ବାତାୟନ ପାଖରୁ ଫେରି ଆସି ଖଣ୍ଡେ ସୋଫା ଉପରେ ବସି ପଡ଼ିଲେ । ବିଭିନ୍ନ ସମୟରେ ଶିକାର ହୋଇଥିବା କେତେଟା ବାଘମୁଣ୍ଡ ଟାକ୍‌ସୀଡ଼ର୍ମି ହୋଇ କାନ୍ଥରେ ଝୁଲୁଥିଲା—ବିରାଟକାୟ, ବିକଟ, ବିଭତ୍ସ, ଲେଲିହାନ ଜିହ୍ୱାରେ ମହାକାଳର ସର୍ବଗ୍ରାସୀ କ୍ଷୁଧା ଯେପରି ଲହଲହ ହେଉଥିଲା । ଏ ପର୍ଯ୍ୟନ୍ତ ସୁଦ୍ଧା ସେ କ୍ଷୁଧାର ନିବୃତ୍ତି ନ ଥିଲା । ସବୁଆଡ଼େ ଏକ ପୈଶାଚିକ ନୀରବତା ଭିତରେ ଇଲେକ୍‌ଟ୍ରିକ୍ ଆଲୁଅଗୁଡ଼ିକ କିପରି ଜଳୁଥିଲା ନିସ୍ପନ୍ଦ ହୋଇ । ବ୍ରଜେଶ୍ୱର ପାଖରେ ଥିବା ଗୋଟିଏ କଲିଂ ବେଲ୍‌ର ଇଲେକ୍‌ଟ୍ରିକ୍ ସୁଇଚ ଟିପିଲେ । କିଛିକ୍ଷଣ ପରେ ଭିତରକୁ ଆସିଲେ ନୀଳାମ୍ବର ମହାପାତ୍ର । ବ୍ରଜେଶ୍ୱର ପାଇପ୍‌ରେ ନିଆଁ ଲଗାଇ କହିଲେ—"ସନ୍ଧ୍ୟାଟା ଚମତ୍କାର ହୋଇଛି ।"

ମହାପାତ୍ର କହିଲେ—"ହଜୁର !"

ବ୍ରଜେଶ୍ୱର ପାଇପ୍‌ରୁ କିଛି ଧୂଆଁ ଛାଡ଼ି କହିଲେ—"କିନ୍ତୁ ମହାପାତ୍ର, ସୌନ୍ଦର୍ଯ୍ୟ ଏକା ଏକା କେବେ ଉପଭୋଗ କରି ହୁଏନା । ତାର କିଛି ବନ୍ଦୋବସ୍ତ କରିଛ ? ମାନେ କୌଣସି ଅକ୍ଷତ-ଯୌବନା, ଅନାଘ୍ରାତା···!"

ମହାପାତ୍ର ଅପରାଧୀ ପରି କହିଲେ—"ଆଜି କାଲି ତ ଆଉ ସେ ଦିନ ନାହିଁ । ଯାହାକୁ ଇଚ୍ଛା କଲେ ସେଦିନ ଧରି ଆଣି ପାରୁଥିଲି, ଏବେ ନାନା ଅସୁବିଧା ।"

ବ୍ରଜେଶ୍ୱର କହିଲେ—"କି ଅସୁବିଧା ? ଆଗେ ଶାସନର ଦଣ୍ଡ ଥିଲା, ଭୟ ଦେଖାଇ ଅଧିକାର କରିବାର ଶକ୍ତି ଥିଲା । ଏବେ ଅର୍ଥ ଦେଇ ଅଧିକାର କରିବାର ସମ୍ବଳ ତ ଅଛି ! ଅର୍ଥର କିଛି ଅଯାଧ ଥାଇପାରେ ବୋଲି ଏପର୍ଯ୍ୟନ୍ତ ମୋର ବିଶ୍ୱାସ ନ ଥିଲା ।"

ମହାପାତ୍ର କହିଲେ—"କିନ୍ତୁ ଏ ସବୁ କଥା ସବୁବେଳେ ଅର୍ଥଦ୍ୱାରା କଣ ସମ୍ଭବ ହୋଇପାରେ ? ତା' ଛଡ଼ା—

ବ୍ରଜେଶ୍ୱର ଗ୍ଲାସ୍‌ରେ ଆଉଥରେ ହୁଇସ୍କି ଢାଳି କେଇ ଚୁମୁକ୍ ନୀରବରେ ପିଇଲେ । ତା'ପରେ ନିଃଶେଷ ପ୍ରାୟ ଗ୍ଲାସ୍‌ଟି ଆଖି ଆଗରେ କେତେ ସେକେଣ୍ଡ ପର୍ଯ୍ୟନ୍ତ ଉଠାଇ, ତା' ଭିତରେ କଣ ନିରୀକ୍ଷଣ କରିବା ପରି କଣ୍ଠରେ କହିଲେ—"ମୁଁ ଶୁଣିଛି ମହାପାତ୍ର, ତମ ନିଜ ଘରେ ସେହିପରି ଦୁର୍ଲ୍ଲଭ ରତ୍ନ ରହିଛି । ସେଥିପାଇଁ ତେଣୁ ତମକୁ ହୁଏତ ଅନ୍ୟତ୍ର ଅନ୍ୱେଷଣ କରିବାକୁ ପଡ଼ି ନ ପାରେ !"

ନୀଳାମ୍ବରଙ୍କର ଦୁଇ ଆଖି ନିଆଁ ରଡ଼ ପରି ଦପ୍ ଦପ୍ ହୋଇ ଉଠିଲା । ମୁହଁର ଭଙ୍ଗୀ ତାଙ୍କର କଠୋର ହୋଇଗଲା । ସେ ରୁକ୍ଷ କଣ୍ଠରେ କହିଲେ—"ମହାରାଜାଙ୍କର ଅନ୍ନ ଖାଇଛି, କିନ୍ତୁ ନିଜର ବିବେକ ତ ଖାଇନାହିଁ ! କୌଣସି ପିତା ଆଗରେ ତାର କନ୍ୟା ସମ୍ପର୍କରେ ଏ ପ୍ରକାର କୁତ୍ସିତ ପ୍ରସ୍ତାବ କେହି କରିପାରେ, ଏପର୍ଯ୍ୟନ୍ତ ମୋର ବିଶ୍ୱାସ ନ ଥିଲା ।"

ନୀଳାମ୍ବର ଯିବା ପାଇଁ ଉଦ୍ୟତ ହେଉଥିଲେ, ବ୍ରଜେଶ୍ୱର ଡାକିଲେ—"ଶୁଣ ମହାପାତ୍ର !"

ନୀଳାମ୍ବର ମନ୍ତ୍ର-ମୁଗ୍ଧ ପରି ରହିଗଲେ ବ୍ରଜେଶ୍ୱରଙ୍କର ଆଦେଶରେ । ବ୍ରଜେଶ୍ୱର କେତୋଟି ମୁହୂର୍ତ୍ତ କକ୍ଷ ଭିତରେ ନୀରବରେ ପଦଚାରଣ କରି କହିଲେ..."ନିଜର ବିବେକର ମର୍ଯ୍ୟାଦା ରଖି କେହି ସାମନ୍ତବାଦର ଅନ୍ନ କେବେ ହଜମ କରି ପାରିନାହିଁ, ସେ କଥା ତମେ ଭଲ ଭାବେ ଜାଣିଛ ମହାପାତ୍ର । ତୁମେ କେତେ ଶହ ବାର କେତେ



ପିତାଙ୍କୁ ମୋ ଲାଗି କନ୍ୟା ପାଇଁ ଅନୁରୋଧ କରିଛ ବା ଆଦେଶ ଦେଇଛ, ତାର କି ହିସାବ ରଖିଛ କେବେ ?"

ନୀଳାମ୍ବର କହିଲେ—"ମୋତେ ମାଫ୍ କରନ୍ତୁ ହଜୁର !"

ବ୍ରଜେଶ୍ୱର ଲେନ୍ଥାଏ ରହି ନୀଳାମ୍ବରଙ୍କ ଆଡ଼େ ଫିଙ୍ଗି ଗୋଟାଏ ଲୁହା ସେଫ୍ ଦେଖାଇ କହିଲେ..."ଖୋଲ ସେ ସେଫ୍‌ଟା ।"

ଯନ୍ତ୍ରଚାଳିତ ନୀଳାମ୍ବର ଲୁହାର ସେ ସେଫ୍‌ଟା ଖୋଲିଲେ । ତା ଭିତରେ ରାଶି ରାଶି ବହୁ ମହାର୍ଘ ଅଳଙ୍କାର । ଅଳଙ୍କାରର ଦୀପ୍ତିରେ ନୀଳାମ୍ବରଙ୍କର ଦୁଇ କ୍ଷୁଧିତ ଆଖି ଉଜ୍ଜ୍ୱଳ ହୋଇ ଉଠିଲା ।

ବ୍ରଜେଶ୍ୱର କହିଲେ..."ରାଜମାତା ଏ ସବୁ ଅଳଙ୍କାର ରଖି ଯାଇଥିଲେ ଏହି ରାଜବଂଶର ଭାବୀ ବଧୂଙ୍କ ପାଇଁ । କିନ୍ତୁ ତମେ ଜାଣ ମହାପାତ୍ର, ଅନାୟାସରେ ପାଇବା ଠାରୁ ବଳାତ୍କାରରେ ଅଧିକାର କରିବାରେ ମୁଁ ଅଧିକ ବିଶ୍ୱାସ କରେ । କାରଣ ଅନାୟାସରେ ଯାହା ମିଳିଥାଏ, ତାହା ଅନ୍ୟର ଦାନ ମାତ୍ର । ତେଣୁ କୌଣସି ଦିନ କୌଣସି ରାଜବଧୂ ଏ ଅଳଙ୍କାର ପିନ୍ଧିନାହାନ୍ତି, ସେ ବିଷୟରେ ତମେ ନିଶ୍ଚିନ୍ତ ଥାଅ ମହାପାତ୍ର । ଇଚ୍ଛା କଲେ ତମର କନ୍ୟା ଏସବୁ ମଧ୍ୟ ପାଇ-ପାରନ୍ତି ।"

ନୀଳାମ୍ବର ସମ୍ମୋହିତ ପରି ଚାହିଁ ରହିଲେ ବ୍ରଜେଶ୍ୱରଙ୍କ ଆଡ଼େ । ବ୍ରଜେଶ୍ୱର କହିଲେ—"ମୁଁ କିନ୍ତୁ ନିଜ ହାତରେ ସଜାଇ ଦେବି ତାଙ୍କୁ ମୋର ମନୋମତ କରି ।"

ନୀଳାମ୍ବର ଖଣ୍ଡେ କାଉଚ ଉପରେ ବସି ପଡ଼ିଲେ ।

ବ୍ରଜେଶ୍ୱର କହିଲେ—"ମୁଁ ଅପେକ୍ଷା କରିଛି, ଶୀଘ୍ର ଆସ ତମେ ।"

## ( ଗୃହ )

ରାତି ଗମ୍ଭୀର ହୋଇଛି ।

ବାହାରେ ଶୁକ୍ଳାଷ୍ଟମୀର ଚନ୍ଦ୍ର ଅସ୍ତମୁଖୀ । ପ୍ରାସାଦ ବାହାରେ ଉଦ୍ୟାନ ଏକ ତରଳ ଅନ୍ଧକାରରେ ଧୀରେ ଧୀରେ ନିମଜ୍ଜିତ ହୋଇ-ଆସୁଛି ।

ବ୍ରଜେଶ୍ୱର ଗୋଟିଏ ହୁଇସ୍କି ବୋତଲରୁ ଶେଷ କେତେ ପେଗ୍ ହୁଇସ୍କି ଗ୍ଲାସରେ ଢାଳି କହିଲେ—"ସୁନ୍ଦରୀ ! ନାଁଟା ଚମତ୍କାର । ସେଥିରେ ଭୂମିକା ନାହିଁ, ଆଡ଼ମ୍ବର ନାହିଁ, ସରଳ, ସହଜ । ଯଥାର୍ଥରେ ତମେ ସୁନ୍ଦରୀ ।"

ସୁନ୍ଦରୀ ନୀଳାମ୍ବରଙ୍କର କନ୍ୟା । ବ୍ରଜେଶ୍ୱର ଠିକ୍ ଶୁଣିଥିଲେ ସୁନ୍ଦରୀ ନିରୁପମା ।

ସୁନ୍ଦରୀ ନୀରବରେ ଅଧୋମୁଖୀ ହୋଇ ଠିଆ ହୋଇଥିଲା ବ୍ୟାଧର ପାଶବନ୍ଧା ତ୍ରସ୍ତା ହରିଣୀ ପରି । ବ୍ରଜେଶ୍ୱରଙ୍କର ମାତାଲ ଚେହେରା ଆଡ଼େ ଚାହିଁ ଦେଖିବା ପାଇଁ ତାର ସାହସ ନ ଥିଲା ।

ବ୍ରଜେଶ୍ୱର କହିଲେ—"ପାଖକୁ ଆସ ସୁନ୍ଦରୀ, ଠିଆ ହୋଇ ରହିଲ କାହିଁକି ?"

ସୁନ୍ଦରୀ ଭୟଜଡ଼ିତ ପାଦରେ ଧୀରେ ଧୀରେ ଆସି ଠିଆ ହେଲା ବ୍ରଜେଶ୍ୱରଙ୍କ ପାଖରେ, ଅଦୂରରେ ।

ବ୍ରଜେଶ୍ୱର ସୁନ୍ଦରୀର କପାଳ ଉପରୁ ଅବଗୁଣ୍ଠନ ଦୁଇ ହାତରେ ଖସାଇ ଦେଇ ତାର ଚିବୁକ ଗୋଟିଏ ହାତରେ ଟେକି ଧରିଲେ । ସୁନ୍ଦରୀର ଜବାଧର ତଳେ କଳା ତିଳ ଚିହ୍ନ । ବ୍ରଜେଶ୍ୱର କହିଲେ—"ସୁନ୍ଦର, କୁଳବଧୂର ଗୋପନ ଅଭିସାର ପରି ତମର ଚିବୁକରେ ଏ ତିଳବିନ୍ଦୁଟି ସୁନ୍ଦର !"

ବ୍ରଜେଶ୍ୱର ସୁନ୍ଦରୀକୁ ଦୁଇ ହାତରେ ବିବସନା କରିଦେଲେ ।



ଜ୍ୟୋତ୍ସ୍ନାଚର୍ଚ୍ଚିତା ରାତି ପରି ଅନବଗୁଣ୍ଠିତା, ବ୍ରୀଡ଼ାକୁଣ୍ଠିତା ସୁନ୍ଦରୀ ।

ଦୁଇ ବକ୍ଷୋଜର ଆବରଣ ସୁଦ୍ଧା ରହିଲା ନାହିଁ ।

ମାର୍ବଲରେ ଯେପରି ସୁନ୍ଦରୀର ଦୁଇ ଜାନୁକୁ କେଉଁ ନିପୁଣ ଶିଳ୍ପୀ ବହୁ ଅଧ୍ୟବସାୟ କରି ଗଢ଼ିଛି ।

ବ୍ରଜେଶ୍ୱର କହିଲେ—"ଚମତ୍କାର ସିମେଟ୍ରି !"

ସୁନ୍ଦରୀ ଲଜ୍ଜାରେ ଦୁଇ ହାତର ଅଞ୍ଜଳି ଭିତରେ ମୁହଁ ଢାଙ୍କିଦେଲା ।

ବ୍ରଜେଶ୍ୱର ନିଜ ହାତରେ ସୁନ୍ଦରୀର ସବୁ ଆଭରଣ ଘୁଞ୍ଚାଇ-ଦେଲେ ।

ଆତ୍ମରକ୍ଷା କରୁ କରୁ ଅକସ୍ମାତ୍ ସୁନ୍ଦରୀର ହାତ ବାଜି ଓଠର ତିଳବିନ୍ଦୁ ଗୋଟିଏ କଳା ଗାର ପରି ଚିବୁକରେ ଟାଣି ହୋଇଗଲା ।

ସୁନ୍ଦରୀ କଜ୍ଜ୍ୱଳରେ ଆଙ୍କିଥିଲା ତିଳ ବିନ୍ଦୁ, ନିଜର ଚିବୁକକୁ ଆଉରି ଲୋଭନୀୟ କରିବା ପାଇଁ ।

ବ୍ରଜେଶ୍ୱର କହିଲେ—"କିନ୍ତୁ ତମର ତିଳ ବିନ୍ଦୁ ନିଭିଗଲା ଯେ ! ଗୋଲାପକୁ ରଙ୍ଗର ତୂଳୀରେ ପୁଣି ଆଙ୍କିବାର ବା କି ପ୍ରୟୋଜନ ଥିଲା ?"

ସୁନ୍ଦରୀ, ଲଜ୍ଜାରେ, ଭୟରେ, ଅପମାନରେ ମୁହଁ ଦୁଇ ହାତରେ ଢାଙ୍କି ଖଣ୍ଡେ ସୋଫା ଉପରେ ବସି ପଡ଼ିଲା, ଶିଳ୍ପୀର କ୍ଲାନ୍ତ ମଡ଼େଲ ପରି ।

ବ୍ରଜେଶ୍ୱର ଦୁଇ ବାହୁ ଗୁଡ଼ି ଉପରେ ଛନ୍ଦି କକ୍ଷ ଭିତରେ ପଦଚାରଣ କଲେ ।

ତା ପରେ ସୁନ୍ଦରୀଠାରୁ ଅଦୂରରେ ଠିଆ ହୋଇ ପଚାରିଲେ—"କହି ପାରିବ ସୁନ୍ଦରୀ କେଉଁଟା ସୁନ୍ଦର ? ପୁରୁଷର କାମଦଗ୍ଧ ଆଖି ନା ନାରୀର ଏ ନଗ୍ନ ଦେହ ?"

ସୁନ୍ଦରୀ ନିର୍ବୋଧ ପରି ଚାହିଁଥିଲା ବ୍ରଜେଶ୍ୱରଙ୍କ ଆଡ଼େ ।

ବ୍ରଜେଶ୍ୱର ନିଜ ହାତରେ ସେଇ ଲୁହା ସେଫ୍‌ଟା ଖୋଲି ଦେଇ କହିଲେ—"ଏସବୁ ତମର ସୁନ୍ଦରୀ । ଯେଉଁଟା ଇଚ୍ଛା, ଯେତେ ଇଚ୍ଛା ନେଇଯାଅ ତୁମର ମୂଲ୍ୟ । ମୁଁ ଯାଉଛି । ଭିତରୁ ଏବେ କବାଟ ବନ୍ଦ କରି ଦେଇପାର !"

ବ୍ରଜେଶ୍ୱର କକ୍ଷାନ୍ତରକୁ ଚାଲିଗଲେ । ବିବସନା ସୁନ୍ଦରୀ ବାକ୍‌ହୀନା ହୋଇ ଚାହିଁ ରହିଥିଲା ସେଇଆଡ଼େ । ଦୂରରେ ବ୍ରଜେଶ୍ୱରଙ୍କର ପାଦଶବ୍ଦ ମିଳାଇ ଯାଉଥିଲା ମୂର୍ଚ୍ଛିତ ରାତ୍ରିର ନୀରବତା ଭିତରେ ।

(୧୯୫୪)